ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 23 ♦ CUTTACK ♦ WEEKLY ♦ 08 TO 14 - JUNE 2026♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା - ୨୩ ♦ କଟକ♦ ସାପ୍ତାହିକ ♦ ୦୮ ରୁ ୧୪- ଜୁନ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ ୫ ଟଙ୍କା

### କୋଷ୍ଟାଲ ହାଇୱେ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

# ରାମେଶ୍ୱର-ପାରାଦୀପ ୧୬୦କିମିର ଗ୍ରୀନ ଫିଲଡ୍ କରିଡ଼ର



### ଖର୍ଚ୍ଚ ହେବ ୮୩୦୦କୋଟି

### ଭିତ୍ତିଭୂମି ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଏନ୍.ଏମ୍.) : ବହୁ ପ୍ରତୀକ୍ଷିତ କୋଷ୍ଟାଲ ହାଇୱେକୁ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଆର୍ଥିକ ବ୍ୟାପାରର କ୍ୟାବିନେଟ୍ କମିଟି ଅନୁମୋଦନ କରିଛନ୍ତି । ଖୋର୍ଦ୍ଧା ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂଆ ଗ୍ରୀନଫିଲଡ୍ କୋଷ୍ଟାଲ ହାଇୱେ (ଉପକୂଳ ରାଜପଥ) ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ଏହି ୧୬୦.୧୮କିମି ଲମ୍ବ ବିଶିଷ୍ଟ କୋଷ୍ଟାଲ ହାଇୱେ ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର ୮୩୦୦.୭୯କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁର କରିଛନ୍ତି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ହାଇବ୍ରିଡ୍ ଆନୁଇଟି ମଡେଲ ମାଧ୍ୟମରେ ହେବ। ସୂଚନା ଅନୁସାରେ, ଏହି କୋଷ୍ଟାଲ ହାଇୱେ ପ୍ରକଳ୍ପକୁ ଦୁଇଟି ପ୍ୟାକେଜରେ କାର୍ଯ୍ୟକାରୀ କରାଯିବ। ପ୍ରଥମ ପ୍ୟାକେଜରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪୦ କିମି ବିଶିଷ୍ଟ ୪ଲେନ୍ ପ୍ରବେଶ ନିୟନ୍ତ୍ରିତ ରାଜପଥ ନିର୍ମାଣ ହେବ, ଯେଉଁଥିରେ ୫୩୦୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ସେହିପରି ଦ୍ୱିତୀୟ ପ୍ୟାକେଜରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୮୦.୮ କିମି ବିଶିଷ୍ଟ ପେଭଡ୍ ସୋଲ୍ଡର ସହିତ ୨ ଲେନ୍ ରାଜପଥ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି, ଯେଉଁଥିପାଇଁ ମୋଟ ୨୯୯୬ କୋଟି ଟଙ୍କା ବ୍ୟୟ କରାଯିବ। ଉଭୟ ପ୍ରକଳ୍ପ ପାଇଁ ମୋଟ ରିହାତି ଅବଧି ୧୭.୫ ବର୍ଷ ଧାର୍ଯ୍ୟ କରାଯାଇଛି, ଯେଉଁଥିରେ ଅଢ଼େଇ ବର୍ଷର ନିର୍ମାଣ ସମୟ ଓ ୧୫ ବର୍ଷର ପରିଚାଳନା ଓ ରକ୍ଷଣାବେକ୍ଷଣ ସାମିଲ ରହିଛି ।

ଏହି ଅତ୍ୟାଧୁନିକ ରାଜପଥର ଡିଜାଇନ୍ ଘଣ୍ଟା ପ୍ରତି ୧୦୦ କିମିର ବେଗରେ ଯାନବାହନ ଚଳାଚଳ ଲାଗି ପ୍ରସ୍ତୁତ କରାଯିବ, ଯାହା ରାମେଶ୍ୱର ଓ ପାରାଦୀପ ମଧ୍ୟରେ ଯାତ୍ରା ସମୟକୁ ପ୍ରାୟ ଅଢ଼େଇ ଘଣ୍ଟା ହ୍ରାସ କରିବ। ଏହି କୋଷ୍ଟାଲ ହାଇୱେ ପ୍ରକଳ୍ପ ପିଏମ୍ ଗତିଶକ୍ତି ନୀତି ସହିତ ସମନ୍ୱିତ ହୋଇଥିବାରୁ ଏହା ଓଡ଼ିଶାର ପ୍ରମୁଖ ୯ଟି ଆର୍ଥିକ କେନ୍ଦ୍ର ଯଥା ଭୁବନେଶ୍ୱର ଓ ଖୋର୍ଦ୍ଧାର ଦୁଇଟି ଏସଇଜେଡ୍ , ଭୁବନେଶ୍ୱର ମେଗା ଫୁଡ୍ ପାର୍କ, କଟକର ଫାର୍ମା କ୍ଲଷ୍ଟର ଏବଂ ପାରାଦୀପ, କୋଣାର୍କ, ଜଗତସିଂହପୁର, ପୁରୀ ଓ କେନ୍ଦ୍ରାପଡ଼ାର ମତ୍ସ୍ୟ କ୍ଲଷ୍ଟରକୁ ସଂଯୋଗ କରିବ।

ଏହାସହିତ ପୁରୀ ରେଳ ଷ୍ଟେସନ, ପ୍ରସ୍ତାବିତ ପୁରୀ ଆନ୍ତର୍ଜାତୀୟ ବିମାନବନ୍ଦର, ଅସ୍ତରଙ୍ଗ ବନ୍ଦର, ପାରାଦୀପ ବନ୍ଦର ଓ ଜଗତସିଂହପୁର ସ୍ଥିତ ମଲ୍ଟି-ମୋଡାଲ୍ ଲଜିଷ୍ଟିକ୍ସ ପାର୍କ ଭଳି ୫ଟି ପ୍ରମୁଖ ଲଜିଷ୍ଟିକ୍ସ କେନ୍ଦ୍ରକୁ ମଧ୍ୟ ସିଧାସଳଖ ଯୋଡ଼ିବ। ବିଶେଷକରି ଏହା ପାରାଦୀପ ବନ୍ଦର ଓ ଓଡ଼ିଶାର ଅନ୍ୟାନ୍ୟ ଆଗାମୀ ବନ୍ଦରଗୁଡ଼ିକ ସହ ସବୁଦିନିଆ ଅନୁକୂଳ ରାସ୍ତା ସଂଯୋଗୀକରଣ ଯୋଗାଇଦେବ, ଯାହା ଲଜିଷ୍ଟିକ୍ସ ଏବଂ ଶିଳ୍ପ ବିକାଶକୁ ଗତିଶୀଳ କରାଇବ। ଏହି କୋଷ୍ଟାଲ ହାଇୱେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ମହାପ୍ରଭୁଙ୍କ ଇ-ହୁଣ୍ଡି ବ୍ୟବସ୍ଥାର କାର୍ଯ୍ୟକାରୀ ନିମନ୍ତେ ବୈଠକ

### ଏଣିକି ଅନ୍‌ଲାଇନ୍‌ରେ ଦାନ

**ଭୁବନେଶ୍ୱର(ଏନ୍.ଏମ୍.) :** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଛନ୍ତି ।ମହାପ୍ରଭୁଙ୍କ କରୁଣାରୁ ଅନେକଙ୍କ ମନସ୍କାମନା ପୂରଣ ହୋଇ ଆସୁଛି । ତେବେ ନିଜ ମନୋବାଞ୍ଛା,ଖୁସି ଏବଂ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁଥିବା ଭକ୍ତ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥ ଦାନ କରିବାର ପରମ୍ପରା କାହିଁ କେଉଁ କାଳରୁ ରହିଆସିଛି । ତେବେ ରାଜ୍ୟ ବାହାରେ ତଥା ବିଦେଶରେ ରହୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଅନଲାଇନ ମାଧ୍ୟମରେ ହୁଣ୍ଡିରେ ଦାନ ଦେବା ବ୍ୟବସ୍ଥା ପାଇଁ ଅନେକ ଭକ୍ତ ଇଚ୍ଛା କରି ଆସୁଥିଲେ । ଏହି କ୍ରମରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ଉଚ୍ଚ ସ୍ତରୀୟ ବୈଠକ ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ପରିବାର ଲୋକେ ବାହାରକୁ ଆସିବା ପରେ ଉପରୋକ୍ତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇ-ହୁଣ୍ଡି ବ୍ୟବସ୍ଥାର ସଫଳ କାର୍ଯ୍ୟକାରୀ ନିମନ୍ତେ ଆଲୋଚନା ହୋଇଥିଲା । ଯେଉଁଥିରେ ଭକ୍ତ ତଥା ଶ୍ରଦ୍ଧାଳୁ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ତଥା ନିଜର ମନସ୍କାମନା ପୂରଣ ଖୁସିରେ କିଭଳି ଭାବେ ଅନଲାଇନ ମାଧ୍ୟମରେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥରାଶି ଦାନ କରିପାରିବେ ସେଥିନେଇ ଆଲୋଚନା ହୋଇଥିଲା। ଦାନ ଅର୍ଥରାଶି ପାଇଁ ଆୟକର ଛାଡ଼ ବ୍ୟବସ୍ଥା ରହିବାକୁ ଥିବା ବେଳେ ଭକ୍ତଙ୍କ ଠାରୁ ଦାନ ସୂତ୍ରରେ ଆସିବାକୁ ଥିବା ଅର୍ଥ କେବଳ ଶ୍ରୀମନ୍ଦିର ବିକାଶ ଦିଗରେ ଖର୍ଚ୍ଚ ହେବ। ଏହି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# କ୍ୟାନ୍ସର ରୋଗକୁ ଭଲ କରିବ 'ଡାରାକ୍ସୋନାରାସିବ' ନାମକ ବଟିକା




**ନୂଆଦିଲ୍ଲୀ(ଏଜେନ୍ସି) :** କ୍ୟାନ୍ସର ଏକ ମାରାତ୍ମକ ରୋଗ । ଆମ ଶରୀରର କୋଷିକାଗୁଡ଼ିକ ଅନିୟନ୍ତ୍ରିତ ଭାବେ ବଢ଼ିଚାଲିଲେ ଏହା ଟ୍ୟୁମରର ଆକାର ନେଇଥାଏ। ପରବର୍ତ୍ତି ସମୟରେ ଏହି ଟ୍ୟୁମର କ୍ୟାନ୍ସରର କାରଣ ପାଲଟେ । ସଠିକ ସମୟରେ କ୍ୟାନ୍ସରକୁ ଚିହ୍ନି ପାରିଲେ ଏହାର ଚିକିତ୍ସା ସମ୍ଭବ ବୋଲି ଡାକ୍ତର କୁହନ୍ତି। ବିଭିନ୍ନ ପ୍ରକାର କ୍ୟାନ୍ସର ରହିଛି । କର୍କଟ ମଧ୍ୟରେ ସବୁଠୁ ମାରାତ୍ମକ ହେଉଛି ପାନକ୍ରିଏଟିକ୍ କ୍ୟାନ୍ସର ବା ଅଗ୍ନ୍ୟାଶୟରେ ହେଉଥିବା କର୍କଟ ରୋଗ। ପ୍ରାରମ୍ଭିକ ଅବସ୍ଥାରେ ଏହାର ଚିହ୍ନଟ ହୋଇପାରେନ ନାହିଁ। ରୋଗ ଚିହ୍ନଟ ହେବା ବେଳକୁ ଚିକିତ୍ସା ଫଳପ୍ରଦ ହୁଏ ନାହିଁ। କିନ୍ତୁ ଗବେଷକମାନେ ପ୍ରସ୍ତୁତ କରିଥିବା ଗୋଟିଏ ନୂଆ ବଟିକା ସମ୍ପ୍ରତି ଡାକ୍ତରମାନେ କରୁଥିବା ପାନକ୍ରିଏଟିକ୍ କ୍ୟାନ୍ସର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►


### ଛାତ୍ରଛାତ୍ରୀ ଅଭିଭାବକଙ୍କ ପାଇଁ ଖୁସି ଖବର

# ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଇଁ ଖୁସିଖବର। ଏଣିକି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରମାଣପତ୍ର ତୁରନ୍ତ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ମିଳିବ। ଏସବୁ ପ୍ରମାଣପତ୍ର ଦେବାରେ ବିଳମ୍ବ କଲେ ସମ୍ପୃକ୍ତ ଅଫିସରଙ୍କ ବିରୁଦ୍ଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ପ୍ରମାଣପତ୍ରଗୁଡ଼ିକ ମିଳିବାରେ ବିଳମ୍ବ ଯୋଗୁ ଯେପରି କୌଣସି ବି ପିଲା ଶିକ୍ଷାନୁଷ୍ଠାନରେ ନାମଲେଖାରୁ ବଂଚିତ ନହେବେ ତାହା ସୁନିଶ୍ଚିତ କରିବାକୁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ରାଜସ୍ୱ ସଚିବ ଡଃ ଅରବିନ୍ଦ ପାଢ଼ୀ। ଏବେ ନାମଲେଖା ସମୟ ଆରମ୍ଭ ହୋଇଥିବାରୁ ତହସିଲ ଅଫିସଗୁଡ଼ିକରେ ସ୍ଥାୟୀ ବାସିନ୍ଦା, ଆୟ ଓ ଜାତି ପ୍ରମାଣପତ୍ର ପାଇଁ ଛାତ୍ରଛାତ୍ରୀମାନଙ୍କର ପ୍ରବଳ ଭିଡ଼ ସହ ବହୁସଂଖ୍ୟକ ଆବେଦନ କରାଯାଉଥିବା ଲକ୍ଷ୍ୟ କରାଯାଇଛି । ଏହି ଆବେଦନଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟା ଓଡ଼ିଶା ଜନସେବା ଅଧିକାର ଆଇନ, ୨୦୧୨ ଅଧୀନରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଦାନ କରାଯିବା ଆବଶ୍ୟକ । ଏହାଦ୍ୱାରା ନାମଲେଖା ସମୟରେ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକମାନଙ୍କ ମଧ୍ୟରେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ। ଏହି ଅତ୍ୟାବଶ୍ୟକ ଜନସେବାଗୁଡ଼ିକର ତୁରନ୍ତ ପ୍ରଦାନ ସୁନିଶ୍ଚିତ କରିବା ନିମନ୍ତେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ବିଶିଷ୍ଟ ସାହିତ୍ୟିକ ତଥା ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକ




**ଭୁବନେଶ୍ୱର(ଏନ୍.ଏମ୍.) :** ବିଶିଷ୍ଟ ସାରସ୍ୱତ ସାଧକ ତଥା ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସ (ଜେ.ପି. ଦାସ)ଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା । ଓଡ଼ିଶା ସାହିତ୍ୟ ଜଗତରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ ଜଗନ୍ନାଥ ପ୍ରସାଦ ଦାସ। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଭଳି ଚାକିରି ଛାଡ଼ି ସେ ସାରସ୍ୱତ ସାଧନା କରିଥିଲେ । ସେ ଏକାଧାରରେ ଜଣେ କବି, ନାଟ୍ୟକାର, କଥାକାର, ଔପନ୍ୟାସିକ ଓ ଚିତ୍ରଶିଳ୍ପୀ ଭାବେ ଜଣାଶୁଣା ଥିଲେ। ତାଙ୍କ ଐତିହାସିକ ଉପନ୍ୟାସ 'ଦେଶ କାଳ ପାତ୍ର' ଲେଖି ଖ୍ୟାତି ଅର୍ଜନ କରିଛନ୍ତି ଜଗନ୍ନାଥ ପ୍ରସାଦ ଦାସ। ୧୯୩୬ ମସିହାରେ ପୁରୀ ଜିଲ୍ଲାରେ ଜନ୍ମ ହୋଇଥିବା ଜଗନ୍ନାଥ ପ୍ରସାଦ ଦାସ ସାହିତ୍ୟ ସାଧନା ପାଇଁ ଅନେକ ସମ୍ମାନଜନକ ପୁରସ୍କାର ପାଇଛନ୍ତି। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇଛନ୍ତି। 'ଆହ୍ନିକ' କବିତା ସଂକଳନ ପାଇଁ ୧୯୯୦ ମସିହାରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। 'ପ୍ରିୟ ବିଦୁଷକ' ଗଳ୍ପ ସଙ୍କଳନ ପାଇଁ ସେ ସମ୍ମାନ ଜନକ 'ଶାରଳା ପୁରସ୍କାର' ପାଇଥିଲେ।

ଜେ.ପି. ଦାସଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି । ତାଙ୍କ ପରଲୋକରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ବିଶିଷ୍ଟ ସାହିତ୍ୟିକ ଡ. ଜଗନ୍ନାଥ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ରାଜ୍ୟସଭା ଉପନିର୍ବାଚନ ପାଇଁ ପାର୍ଥିପତ୍ର ଗ୍ରହଣ

# ଦେବାଶିଷ ସାମନ୍ତରାୟ ବିଜେପି ରାଜ୍ୟସଭା ପ୍ରାର୍ଥୀ



**ଭୁବନେଶ୍ୱର(ଏନ୍.ଏମ୍.) :** ଦେବାଶିଷ ସାମନ୍ତରାୟଙ୍କୁ ବିଜେପି ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରିଛି । ଓଡ଼ିଶା ପାଇଁ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ସକାଶେ ଦେବାଶିଷଙ୍କୁ ପ୍ରାର୍ଥୀ କରିଛି ବିଜେପି । ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ବିଧିବଦ୍ଧ ଭାବେ ତାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି । ଦେବାଶିଷ ବିଜେଡି ଛାଡ଼ିବା ସହିତ ରାଜ୍ୟସଭା ପଦରୁ ଇସ୍ତଫା ଦେବା ପରେ ଏହି ଆସନ ଖାଲିପଡ଼ିଛି। ୨୦୨୪ ଏପ୍ରିଲରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦେବାଶିଷ ସାମନ୍ତରାୟ । ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥା'ନ୍ତା । ତା' ପୂର୍ବରୁ ୨୦୨୬ ମେ' ୨୫ ତାରିଖରେ ସେ ଏହି ପଦରୁ ଇସ୍ତଫା ଦେଇଥିଲେ। ତେବେ ଦେବାଶିଷ ବିଜେଡି ଟିକେଟରେ ରାଜ୍ୟସଭାକୁ ଯାଇଥିଲେ। ମେ' ୨୫ରେ ସେ ବିଜେଡିରୁ ଇସ୍ତଫା ଦେବା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଚର୍ଚ୍ଚାରେ ଯନ୍ତ୍ରୀ ବିଭାଗ ବଦଳି, ନିରାଶ ହୋଇ ଫେରିଗଲେ ବରିଷ୍ଠ ଯନ୍ତ୍ରୀ, ଗ୍ରହଣ କଲେନି ନୂଆ ଅଧିକାରୀଙ୍କ ନିଯୁକ୍ତିପତ୍ର




**କଟକ (ଏନ୍.ଏମ୍.) :** ଗତ କିଛି ଦିନ ହେବ ରାଜ୍ୟ ସରକାରଙ୍କ ବଦଳି ନିର୍ଦ୍ଦେଶକୁ ବେଖାତିର୍ କରିବା ଘଟଣାକୁ ନେଇ ଚର୍ଚ୍ଚାରେ ରହିଥିବା କଟକ ମହାନଗର ନିଗମ(ସିଏମ୍ସି)ରେ ପୁଣି ବିବାଦ ମୁଣ୍ଡ ଟେକିଛି । ଦୁଇ ଜଣ କିରାଣିଙ୍କୁ ସୁରକ୍ଷା ଦେଉଥିବା କର୍ତ୍ତୃପକ୍ଷ ଏବେ ଯନ୍ତ୍ରୀ ବିଭାଗକୁ ଘଣ୍ଟ ଘୋଡ଼ାଇ ରଖିବାର ପ୍ରୟାସ ଆରମ୍ଭ କରିଛନ୍ତି । ନୂଆ ଅତିରିକ୍ତ ନଗର ଯନ୍ତ୍ରୀଙ୍କ ନିଯୁକ୍ତିପତ୍ରକୁ ଶୁକ୍ରବାର ବିଧିବଦ୍ଧ ଭାବେ ଗ୍ରହଣ ନ କରି ପୁଣି ସରକାରଙ୍କ ବିଜ୍ଞପ୍ତିକୁ ଅବଜ୍ଞା କରିଛି ସିଏମ୍ସି । କେବଳ ସେତିକି ନୁହେଁ, ନୂଆ କରି ଦାୟିତ୍ୱ ନେବାକୁ ଆସିଥିବା ବରିଷ୍ଠ ଯନ୍ତ୍ରୀ ଦିନ ତମାମ୍ ସିଏମ୍ସିରେ ଅପେକ୍ଷା କରିଥିଲେ ବି କମିସନରଙ୍କୁ ଦେଖା ନ କରି ନିରାଶ ହୋଇ ଫେରିଥିବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ସବୁଠୁ ବଡ଼ କଥା ହେଉଛି ଯେ, ସିଏମ୍ସିରେ ନଗର ଯନ୍ତ୍ରୀ ଥିଲେ ତାଙ୍କ ବଦଳି ନ କରି ମଧ୍ୟ ପୁଣି ଆଉ ଜଣଙ୍କୁ କିଭଳି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଗଲା ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି ।

ଗତ କିଛି ହେବ ରାଜ୍ୟ ସରକାରଙ୍କ ପକ୍ଷରୁ ସିଏମ୍ସିରେ ଗାଦି ମାଡ଼ି ବସିଥିବା ଅଧିକାରୀ ଓ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ଆରମ୍ଭ ହୋଇଛି । କିନ୍ତୁ ଏହାକୁ ଅମାନ୍ୟ କରିବା ସହିତ କଟକ ଛାଡ଼ିବାକୁ କିଛି ଅଧିକାରୀ ଓ କର୍ମଚାରୀମାନେ ନାରାଜ୍ । ଏଭଳି ସ୍ଥିତିରେ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜଣେ ବରିଷ୍ଠ କିରାଣି ଓ କନିଷ୍ଠ କିରାଣିଙ୍କୁ ରିଲିଭ୍ ଅର୍ଡର ଦେବାକୁ ଅଧିକାରୀ ପଛଘୁଞ୍ଚା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ଆକାଶଛୁଆଁ ବିଦ୍ୟୁତ ବିଲ୍‌କୁ ବାଏ ବାଏ

# ୧୦୦% ସୌରଶକ୍ତିରେ ଚାଲୁଛି ପୂରା ଗାଁ, ପଶୁଙ୍କ ପାଇଁ ଅଛି ବ୍ୟୁଟି ପାର୍ଲର !



**ମୁମ୍ବାଇ(ଏଜେନ୍ସି) :** ଦେଶର ଏମିତି ଏକ ଗାଁ, ଯେଉଁଠି ସବୁ ଘରେ ଚାଲୁଛି ଏସି-କୁଲର, କିନ୍ତୁ ବିଜୁଳି ବିଲ୍ 'ଜିରୋ' ! ଆଜିର ଆଧୁନିକ ଯୁଗରେ ବିଜୁଳି କାଟ୍ ଏବଂ ଆକାଶଛୁଆଁ ବିଜୁଳି ବିଲ୍ କୁ ନେଇ ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ସମସ୍ତେ ଚିନ୍ତିତ । ଗ୍ରୀଷ୍ମ ଋତୁ ଆସିଲେ ଏସି ଏବଂ କୁଲର୍ ଚଲାଇବା ପୂର୍ବରୁ ଲୋକଙ୍କୁ ଶହେ ଥର ଭାବିବାକୁ ପଡ଼େ । କିନ୍ତୁ କଳ୍ପନା କରନ୍ତୁ ଏମିତି ଗୋଟିଏ ଗାଁ ଯେଉଁଠି ପ୍ରତିଟି ଘରେ ଏସି, କୁଲର, ଟିଭି, ଫ୍ରିଜ୍ ଭଳି ସବୁ ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ୨୪ ଘଣ୍ଟା ଧରି ଚାଲୁଛି, ହେଲେ ମାସ ଶେଷରେ ବିଜୁଳି ବିଲ୍ ଆସୁଛି ବିଲକୁଲ୍ ଶୂନ୍ ଅର୍ଥାତ୍ ଜିରୋ ! ଆଶ୍ଚର୍ଯ୍ୟ ଲାଗୁଛି ନା ? କିନ୍ତୁ ଏହା ସତ । ମହାରାଷ୍ଟ୍ରର ସତାରା ଜିଲ୍ଲାରେ ଥିବା ଏକ ଛୋଟ ଗାଁ 'ମାନ୍ୟାଚୀୱାଡ଼ି' ଆଜି ସାରା ଦେଶ ପାଇଁ ଏକ ଉଦାହରଣ ସାଜିଛି । ଏହା ହେଉଛି ମହାରାଷ୍ଟ୍ରର ପ୍ରଥମ ୧୦୦ ପ୍ରତିଶତ ସୋଲାର ପାୱାର୍ଡ ବା ସୌରଶକ୍ତି ଚାଳିତ ଗାଁ । ସୋଲାର ଏନର୍ଜି ବଦଳାଇଦେଲା ଗାଁର ଭାଗ୍ୟ ।

ପାଟନ ତହସିଲ୍ ଅନ୍ତର୍ଗତ ଏହି ଛୋଟ ଗାଁର ଜନସଂଖ୍ୟା ମାତ୍ର ୪୨୦ ଏବଂ ଏଠାରେ ମୋଟ୍ ୧୦୨ଟି ଘର ରହିଛି । ଆଉ ସବୁଠାରୁ ବଡ଼ କଥା ହେଲା, ପ୍ରତ୍ୟେକ ଘରର ଛାତ ଉପରେ ଶୋଭା ପାଉଛି ରୁଫ୍ ଟପ୍ ସୋଲାର ପ୍ୟାନେଲ। କେବଳ ଲୋକଙ୍କ ଘର ନୁହେଁ, ବରଂ ଗାଁର ସ୍କୁଲ୍, ଗ୍ରାମ ପଞ୍ଚାୟତ ଅଫିସ୍, ଅଙ୍ଗନୱାଡ଼ି, ଷ୍ଟ୍ରିଟ୍ ଲାଇଟ୍, ପାଣି ସପ୍ଲାଇ ଏବଂ ସୁରକ୍ଷା ପାଇଁ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟ ଚାଲୁଛି ଏହି ସୌରଶକ୍ତିରେ। ଏଠି ମନରେ ପ୍ରଶ୍ନ ଆସୁଥିବ ଯେ ଏହି ବଡ଼ ପରିବର୍ତ୍ତନ ଆସିଲା କେମିତି ? ଏହା ପଛରେ ରହିଛି ଗାଁର ମହିଳା ଶକ୍ତିର ଏକ ବଡ଼ ଅବଦାନ। ଦିନେ ବିଜୁଳି କାଟରେ ଅତିଷ୍ଠ ହୋଇ ଗାଁର ମହିଳାମାନେ ଏହାକୁ ବଦଳାଇବାକୁ ସଙ୍କଳ୍ପ ନେଇଥିଲେ। ଗ୍ରାମ ପଞ୍ଚାୟତର ସହଯୋଗ ଏବଂ କେନ୍ଦ୍ର ସରକାରଙ୍କ 'ପିଏମ୍ ସୂର୍ଯ୍ୟ ଘର ଯୋଜନା' ମାଧ୍ୟମରେ ଆଜି ଏହି ଗାଁ ଆତ୍ମନିର୍ଭରଶୀଳ ହୋଇପାରିଛି। ଗାଁର ଏହି ସଫଳତାକୁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି। ବିଶେଷ କଥା ହେଉଛି, ମାନ୍ୟାଚୀୱାଡ଼ି କେବଳ ବିଜୁଳି କ୍ଷେତ୍ରରେ ନୁହେଁ, ବରଂ ସବୁ କ୍ଷେତ୍ରରେ ବିକାଶ ପାଇଁ ଜଣାଶୁଣା। ୨୦୦୧ ମସିହାରେ ଗ୍ରାମ ପଞ୍ଚାୟତ ଗଠନ ହେବା ପରେ ଏହି ଗାଁକୁ ଏପର୍ଯ୍ୟନ୍ତ ୭୬ରୁ ଅଧିକ ପୁରସ୍କାର ମିଳିସାରିଲାଣି । ଏହି ସ୍ମାର୍ଟ ଭିଲେଜରେ ଏଭଳି କିଛି ସୁବିଧା ଅଛି, ଯାହା ବଡ଼ ବଡ଼ ସହରରେ ବି ଦେଖିବାକୁ ମିଳେନାହିଁ। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏଠାରେ ପଶୁମାନଙ୍କ ପାଇଁ ରହିଛି ବ୍ୟୁଟି ପାର୍ଲର। ଗୋରୁଗାଈଙ୍କ ସଫାସୁତୁରା ଓ ଯତ୍ନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ରାସ୍ତାଘାଟକୁ ସଫା ରଖିବାକୁ ଏବଂ ଗୁଟଖା ଛେପ ଫୋପାଡ଼ିବା ଲାଗି ସ୍ୱତନ୍ତ୍ର ସ୍ଥାନରେ ୱାଶ୍ ବେସିନ୍ ଲଗାଯାଇଛି । ଝିଅମାନଙ୍କ ସ୍ୱାସ୍ଥ୍ୟ ଓ ସଚେତନତା ପାଇଁ ସ୍କୁଲ୍ ଏବଂ ସାର୍ବଜନୀନ ସ୍ଥାନରେ ସାନିଟାରୀ ପ୍ୟାଡ୍ ଭେଣ୍ଡିଂ ମେସିନର ବ୍ୟବସ୍ଥା କରାଯାଇଛି । ଏହା ସହିତ ସ୍କୁଲରେ ସୁନ୍ଦର ପାର୍କ, ସାଇଣ୍ଟିଫିକ୍ ୱେଷ୍ଟ ମ୍ୟାନେଜମେଣ୍ଟ ଏବଂ ୨୪ ଘଣ୍ଟା ସ୍ୱଚ୍ଛ ପିଇବା ପାଣିର ସୁବିଧା ରହିଛି । ବାସ୍ତବରେ, ମାନ୍ୟାଚୀୱାଡ଼ି ଗାଁ ପ୍ରମାଣ କରିଦେଇଛି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ଗୋଟିଏ ସାଧାରଣ ଗାଁ ବି ସାରା ବିଶ୍ୱ ପାଇଁ ପ୍ରେରଣା ସାଜିପାରେ । ସୋଲାର ଏନର୍ଜି ଆପଣାଇ ଗ୍ରୀନ୍ ଏନର୍ଜିକୁ ପ୍ରୋତ୍ସାହନ ଦେବାରେ ଏହି ଗାଁ ଆଜି ଦେଶର ନମ୍ବର ୱାନ୍ ଗାଁ ପାଲଟିଛି । ଏଠାକାର ମହିଳାମାନେ ବଦଳାଇଛନ୍ତି ମାନ୍ୟାଚୀୱାଡ଼ି' ଗାଁର ଭାଗ୍ୟ।

# ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା

### ଲକରରୁ ମିଳିଲା ୨ କୋଟି ଟଙ୍କା ସହ ସୁନାର ଠାକୁର



**ଭୁବନେଶ୍ୱର (ଏନ୍.ଏମ୍.) :** ଭିଜିଲାନ୍ସ ଜାଲରେ ବାଲିଗୁଡ଼ା ଓଞ୍ଚଉଇ ସହକାରୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯନ୍ତ୍ରୀଙ୍କ ୯ଟି ଠିକଣାରେ ରେଡ୍ ହୋଇଥିଲା। ତାଙ୍କ ଲକରରୁ ୨ କୋଟି ଟଙ୍କା ଠାବ ହୋଇଛି। ଲକରରେ ଥିଲା ବିଡ଼ା ବିଡ଼ା ଟଙ୍କା। ଏହି ଟଙ୍କାକୁ ଭିଜିଲାନ୍ସ ଜବତ କରି ନିଜ ଅଫିସକୁ ଆଣିଛି। ଯନ୍ତ୍ରୀଙ୍କ ୯ଟି ଠିକଣାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଭୁବନେଶ୍ୱର ପଟିଆରେ ଥିବା ୨ ମହଲା ଘରୁ ମିଳିଛି ପୁଳା ପୁଳା ଟଙ୍କା। ସୁନା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

୨

'ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଙ୍କାର ମସ୍ତିଷ୍କକୁ ଯିବା ଅନୁଚିତ' - ଡ. ଅବଦୁଲ କଲାମ

ସୋମବାର,୦୮ରୁ୧୪ ଜୁନ୍,୨୦୨୬

ନିଷ୍କର୍ଷ
NISHKARSHA

ଖୋଲା ସମୟ


# ରଜରେ ବି ରାଜ୍ କରିବ 'ମନ୍ତ୍ରମୁଗ୍ଧ'




**ଭୁବନେଶ୍ୱର (ଏନ୍.ଏମ୍.) :** ଚଳଚ୍ଚିତ୍ର ଜଗତରେ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ନିଜର ସ୍ୱତନ୍ତ୍ରତା ବଜାୟ ରଖିପାରିଛି । ପୂର୍ବ ଭଳି ପ୍ରତିବର୍ଷ ଏକାଧିକ ଚଳଚ୍ଚିତ୍ର ନିର୍ମାଣ ହେବାରେ କିଛିନା କିଛି ପ୍ରତିବନ୍ଧକ ସାଜୁଥିଲେ ମଧ୍ୟ ଯେଉଁ ଗୋଟିଏ ଦୁଇଟି ଚଳଚ୍ଚିତ୍ର ନିର୍ମାଣ ହେଉଛି ସେଥିରେ ଖାଣ୍ଟି ଓଡ଼ିଆର ସ୍ୱାଦ ଦେଖିବାକୁ ମିଳିଛି । ଚଳିତ ବର୍ଷ ରଜ ଭଳି ଗୋଟିଏ ଗଣପର୍ବରେ ଚଳଚ୍ଚିତ୍ରର ଅଧିକ ଚାହିଦା ଥିଲେ ମଧ୍ୟ ପୂର୍ବଭଳି ଏକାଧିକ ଚଳଚ୍ଚିତ୍ର ନିର୍ମାଣ ହୋଇ ପାରୁନାହିଁ । ତଥାପି ପ୍ରତିକୂଳ ପରିସ୍ଥିତିରେ ଯେତିକି ଚଳଚ୍ଚିତ୍ର ନିର୍ମାଣ ହେଉଛି ତାହା ବହୁ ଉର୍ଣ୍ଣତମାନର ବୋଲି ସିନେ ସମୀକ୍ଷକମାନେ ପ୍ରକାଶ କରିଛନ୍ତି । ରଜପର୍ବର ଯଥେଷ୍ଟ ପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ର ମନ୍ତ୍ରମୁଗ୍ଧ ରିଲିଜ ହୋଇଥିଲେବି ଆସନ୍ତା ରଜରେ ଏହି ଫିଲ୍ମଟି ବେଶ ରାଜୁତି କରିବ ବୋଲି କୁହାଯାଉଛି । ୬ ସପ୍ତାହରେ ପହଞ୍ଚିଥିବା ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ପ୍ରତି ଦର୍ଶକଙ୍କ ଭଲପାଇବା ଆହୁରି ବଢ଼ିବାରେ ଲାଗିଛି । ତେବେ ରଜରେ ବି ରାଜ୍ କରିବ 'ମନ୍ତ୍ରମୁଗ୍ଧ' ବୋଲି ଦର୍ଶକ କହୁଥିଲେ । ଯାହା ସତ ହେବାକୁ ଯାଉଛି । ଅନୁପମ ପଟ୍ଟନାୟକଙ୍କ ନିଆରା ପରିକଳ୍ପନାରେ ନିର୍ଦ୍ଦେଶିତ 'ମନ୍ତ୍ରମୁଗ୍ଧ' ୫ ସପ୍ତାହ ଅତିକ୍ରମ କରିସାରିଛି । ରାଜ୍ୟ ବାହାରେ ମଧ୍ୟ ଦର୍ଶକଙ୍କ ଭଲପାଇବା ସାଉଁଟିବାରେ ସଫଳ ହେବା ସହ ଭଲ ଆୟ କରି ନୂଆ ରେକର୍ଡ ସୃଷ୍ଟି କରିଛି ।

ସୂଚନା ମୁତାବକ ୪ ସପ୍ତାହ ପରେ ୪ କୋଟିରୁ ଅଧିକ ରୋଜଗାର କରିଛି ଫିଲ୍ମ । ଏବେ ଷଷ୍ଠ ସପ୍ତାହରେ ପ୍ରବେଶ କରିଥିବା ବେଳେ ଦର୍ଶକଙ୍କ ଉତ୍ସାହ ଆହୁରି ବଢୁଥିବା ଦେଖିବାକୁ ମିଳିଛି । ଫିଲ୍ମର ସଫଳତାକୁ ନେଇ ଅଭିନେତା ସନୋଜ, ସାର୍ଥକ, ମନ୍ମୟ, ଦୀପନ୍ୱିତ, ଭୂମିକା, ନିଶାନ୍ତ ଏବଂ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଓ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ସମେତ ପୂରା ଟିମ୍ ଉତ୍ସବ ପାଳିଛନ୍ତି । ସାମାଜିକ ଗଣମାଧ୍ୟମରେ ଦର୍ଶକମାନେ ଫିଲ୍ମକୁ ଭରପୂର ପ୍ରଶଂସା କରିଛନ୍ତି । ଦର୍ଶକ ଫିଲ୍ମକୁ ସୁପର୍ ଡୁପର୍ ହିଟ୍ ବୋଲି କହୁଥିବା ବେଳେ ଆଉ କେହି ଏହାକୁ ବର୍ଷର ସବୁଠୁ ମନୋରଞ୍ଜନ ଯୋଗାଉଥିବା ଓଡ଼ିଆ ଫିଲ୍ମ ବୋଲି ମତ ଦେଇଛନ୍ତି । ରଜରେ ଅନ୍ୟ ସିନେମା ସହ ଦର୍ଶକ 'ମନ୍ତ୍ରମୁଗ୍ଧ'ରେ ମୁଗ୍ଧ ହେବାର ସୁଯୋଗ ପାଇବେ ବୋଲି ମିଡିଆ ପ୍ଲାନର୍ ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି ।

# ୬୧ ବର୍ଷ ବୟସରେ ତୃତୀୟ ବିବାହ କରିବେ ଆମିର ଖାନ୍

## ଗର୍ଲଫ୍ରେଣ୍ଡ ଗୌରୀଙ୍କୁ କରିବେ ଜୀବନସାଥୀ



**ମୁମ୍ବାଇ (ଏଜେନ୍ସି):** ବଲିଉଡର ମିଷ୍ଟର ପରଫେକ୍ସନିଷ୍ଟ ଅମିର ଖାନ୍ ଓ ତାଙ୍କ ଗର୍ଲଫ୍ରେଣ୍ଡ ଗୌରୀ ସ୍ପ୍ରାଟ୍ ଖୁବ୍ ଶୀଘ୍ର ବିବାହ କରିବେ । ମିଳିଥିବା ରିପୋର୍ଟ ଅନୁସାରେ, ଉଭୟ ଏକ ବ୍ୟକ୍ତିଗତ ଉତ୍ସବରେ ବିବାହ କରିବେ । ଏ ଅବସରରେ କୌଣସି ଭବ୍ୟ ଆୟୋଜନ କିମ୍ବା ପ୍ରୀତି ଭୋଜନର ବ୍ୟବସ୍ଥା ରହିବନି ବୋଲି ଜଣାପଡ଼ିଛି । ଉଭୟ ଏକ ଛୋଟ ଆୟୋଜନ ଜରିଆରେ ସମ୍ପର୍କକୁ ଔପଚାରିକ ରୂପେ ମଞ୍ଜୁରି ଦେବେ । ଅମିର ୨୦୨୫ରେ ନିଜର ୬୦ତମ ଜନ୍ମଦିନରେ ଗୌରୀଙ୍କ ସହ ସମ୍ପର୍କ ବିଷୟରେ ଗଣମାଧ୍ୟମକୁ ଜଣାଇଥିଲେ । ଏହା ତାଙ୍କର ୩ୟ ବିବାହ । ୧୯୮୬ରେ ସେ ସିନେ ପ୍ରଯୋଜିକା ରୀନା ଦତ୍ତାଙ୍କୁ ବିବାହ କରିଥିଲେ । ୨୦୦୨ରେ ତାଙ୍କଠୁ ଅଲଗା ହେବା ପରେ ୨୦୦୫ରେ ନିର୍ଦ୍ଦେଶିକା କିରଣ ରାଓଙ୍କୁ ବିବାହ କରିଥିଲେ । ୨୦୨୧ରେ ଉଭୟଙ୍କର ବିଚ୍ଛେଦ ହେଲା । ରିପୋର୍ଟ ଅନୁସାରେ, ଆମିର ଓ ଗୌରୀ ଗତ ୧ ବର୍ଷ ହେଲା ଲିଭ୍ଇନ୍ ପାର୍ଟନର ଭାବେ ଏକାଠି ରହୁଛନ୍ତି । ଏବେ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଉଭୟ ଏହି ସମ୍ପର୍କକୁ ଆଗକୁ ବଢ଼ାଇବାକୁ ପରସ୍ପରକୁ ପ୍ରତିଶ୍ରୁତି ଦେବେ । ତେବେ ଆମିରଙ୍କ ଏହି ତୃତୀୟ ବିବାହ ଖବର ତାଙ୍କର ଲଭ୍ ଲାଇଫକୁ ନେଇ ବୟାନ ଦେବା ପରେ ସାମ୍ନାକୁ ଆସିଛି । ଆମିର କହିଥିଲେ, 'ସେ ବାଙ୍ଗାଲୋରରେ ରୁହନ୍ତି, ଏବଂ ମୁଁ ତାଙ୍କୁ ସେଠାକୁ ଦେଖା କରିବାକୁ ଯାଉଥିଲି । ସେ କହିଥିଲେ ଯେ ସେଠାରେ ଗଣମାଧ୍ୟମର ଅଧିକ ଧ୍ୟାନ ନାହିଁ, ତେଣୁ ସେମାନଙ୍କ ସମ୍ପର୍କ ବ୍ୟକ୍ତିଗତ ରହିଛି ।' ତୃତୀୟ ବିବାହ ବିଷୟରେ ପଚରାଯିବାରୁ ସେ କହିଥିଲେ, 'ମୁଁ ଦୁଇଥର ବିବାହ କରିଛି, ଏବଂ ଏବେ ୬୦ ବର୍ଷ ବୟସରେ ବିବାହ କରିବା ମୋ ପାଇଁ ଉପଯୁକ୍ତ ହେବ ନାହିଁ । ତଥାପି, ଦେଖିବା କ'ଣ ହେଉଛି ।' ଏବେ, ଲାଗୁଛି କି ସେ ସମୟ ଆସିଯାଇଛି ଯେବେ ସେମାନେ ସେମାନଙ୍କର ଭାବପ୍ରବଣ ପ୍ରତିବଦ୍ଧତାକୁ ଏକ ନାମ ଦେବାକୁ ପ୍ରସ୍ତୁତ ହୋଇଛନ୍ତି ।

ଏହି ଉତ୍ସବରେ ଉଭୟଙ୍କ ପରିବାର ଏବଂ କିଛି ନିକଟତମ ବନ୍ଧୁ ଯୋଗଦେବାର ସୂଚନା ରହିଛି । ଏହି ଦମ୍ପତି ଘରେ ଏକ ପଞ୍ଜୀକରଣ ଏବଂ ସ୍ୱାକ୍ଷର କାର୍ଯ୍ୟକ୍ରମରେ ସେମାନଙ୍କ ସମ୍ପର୍କକୁ ଆନୁଷ୍ଠାନିକ କରିବେ । ଅମିର ଏବଂ ଗୌରୀ ପ୍ରାୟ ଏକବର୍ଷ ଧରି ଗୋଟିଏ ପରିବାର ପରି ଏକାଠି ରହୁଛନ୍ତି ।

ଦୀର୍ଘଦିନର ପ୍ରେମିକାଙ୍କୁ ବିବାହ କରିଥିବାରୁ ସେ ନିଜର ପ୍ରେମକୁ ସାକାର କରିଛନ୍ତି ବୋଲି ଅମିରଙ୍କ ଫ୍ୟାନମାନେ ମତ ଦେଇଛନ୍ତି । ପୂର୍ବରୁ ଅମିର ରିନା ଦତ୍ତା ଏବଂ କିରଣ ରାଓଙ୍କୁ ବିବାହ କରିଥିଲେ । ଉଭୟ ପତ୍ନୀଙ୍କ ସହ ଛାଡ଼ପତ୍ର ପରେ ମଧ୍ୟ ଅମିରଙ୍କ ସେମାନଙ୍କ ସହ ସମ୍ପର୍କ ବେଶ୍ ସୁଦୃଢ଼ ରହିଛି । ଅମିର ତାଙ୍କ ୬୦ ତମ ଜନ୍ମଦିନ ଅବସରରେ ଗୌରୀଙ୍କୁ ସର୍ବସାଧାରଣଙ୍କ ସାମ୍ନାକୁ ଆଣିଥିଲେ ।

# ୧୦ ବର୍ଷ ହେବ ଅଭିନୟ ଛାଡିବାକୁ ଚାହୁଁଛନ୍ତି ମନୋଜ ବାଜପେୟୀ, କହିଲେ-'ମୁଁ ଅନେକ କିଛି ହରେଇଛି'

**ନୂଆଦିଲ୍ଲୀ (ଏଜେନ୍ସି):** ମନୋଜ ବାଜପେୟୀ ବଲିଉଡର ସବୁଠାରୁ ପ୍ରତିଭାବାନ ଅଭିନେତାଙ୍କ ମଧ୍ୟରୁ ଜଣେ । ସେ ତାଙ୍କ କ୍ୟାରିଅରରେ ଇଣ୍ଡଷ୍ଟ୍ରିକୁ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି, ଯାହା ତାଙ୍କର ଅଭିନୟ ଦକ୍ଷତାକୁ ପ୍ରମାଣିତ କରିଛି । ଏଥିସହିତ ସେ ଓଟିଟିର ବାଦଶାହ ମଧ୍ୟ । ଏସବୁ ମଧ୍ୟରେ, ଅଭିନେତା ସମ୍ପ୍ରତି ପ୍ରକାଶ କରିଛନ୍ତି ଯେ ସେ ଗତ ଦଶନ୍ଧି ମଧ୍ୟରେ ଅନେକ ଥର ଅଭିନୟ ଛାଡ଼ିବାକୁ ଚିନ୍ତା କରିଛନ୍ତି । ସେ ସ୍ୱୀକାର କରିଛନ୍ତି ଯେ କଷ୍ଟକର ଚରିତ୍ର ଚିତ୍ରଣ କରିବାର ବୋଝ ପ୍ରାୟତଃ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ ।

ଏକ ରିପୋର୍ଟ ଅନୁସାରେ, ମନୋଜ କହିଛନ୍ତି ଯେ ଅଭିନୟ ଛାଡିବା କଥା ତାଙ୍କ ମନକୁ ବାରମ୍ବାର ଆସିଛି । ସେ କହିଛନ୍ତି, 'ସତ କହିବାକୁ ଗଲେ, ପ୍ରାୟ ୧୦ ବର୍ଷ ହେବ, ମୁଁ ମଝିରେ ମଝିରେ ଛାଡିବାକୁ ଇଚ୍ଛା କରୁଛି । କିନ୍ତୁ ତା'ପରେ କୌଣସି ଭୂମିକା ଆସିଯିବ, ମୁଁ ପୁଣି ଆଗକୁ ବଢ଼ିବି । ଅଭିନେତା ଜୋର ଦେଇ କହିଛନ୍ତି ଯେ ସେ ବାଧ୍ୟବାଧକତାରେ କାମ ଜାରି ରଖିବାକୁ ଚାହାଁନ୍ତି ନାହିଁ । ସେ କହିଛନ୍ତି, 'ମୁଁ ବାଧ୍ୟ ହୋଇ ଅଭିନୟ କରିବାକୁ ଚାହୁଁନାହିଁ କି ମୋତେ ଘରକୁ ଖାଦ୍ୟ ନେବାକୁ ପଡ଼ିବ । ମୁଁ ଅଭିନୟ କରିବାକୁ ଚାହୁଁଛି । ଯଦି କୌଣସି ଚରିତ୍ର ଥାଏ, ତେବେ ତାହା କରିବା ମଜାଦାର ହେବ ।'



ମନୋଜ ଆହୁରି କହିଛନ୍ତି ଯେ ସେ ବର୍ଷ ବର୍ଷ ଧରି ଇଣ୍ଟେସ ସାଇକୋଲୋଜିକାଲ ଡିମାଣ୍ଡିଂ ରୋଲ୍ କରିବା ପରେ ସେ ଏବେ ହାଲୁକା, କର୍ମସିଆଲ ଏଣ୍ଟରଟେନିଂ ଫିଲ୍ମ ପ୍ରତି ଆକର୍ଷିତ ହୋଇଛନ୍ତି । ଅଭିନେତା କହିଛନ୍ତି, 'ଆଜିକାଲି ମୁଁ କମର୍ସିଆଲ ଫିଲ୍ମ ପାଇଁ ଇଚ୍ଛା କରୁଛି... କେବଳ ସ୍ଲାପଷ୍ଟିକ୍ କମେଡି, ବକଓ୍ୱାସ୍ କମେଡି । ଟିକେ ଟିକେ କିଛି ଗୀତରେ ନାଚିବା । ଘରୁ ଆପଣଙ୍କୁ ପ୍ରସ୍ତୁତ ହୋଇ ଆସିବାକୁ ପଡ଼ିବ ନାହିଁ । କେବଳ ଆପଣଙ୍କ ପରିବାରକୁ ଗୁଡବାଏ କହିବ ଏବଂ ସେଟରେ ଭଲ ସମୟ ବିତାଇବ ।' ଅଭିନେତା ସ୍ୱୀକାର କରିଛନ୍ତି ଯେ ଗଲି ଗୁଲିୟାଁ, ଆଲିଗଡ଼ ଏବଂ ଭୋନ୍ସଲେ ଭଳି ଫିଲ୍ମ କିଛି ଅନ୍ଧକାର ଏବେ ବି ତାଙ୍କ ଭିତରେ ରହିଛି । ସେ କହିଛନ୍ତି, 'କେତେବେଳେ ମୁଁ ମୋର ନିଜର ମାନସିକ ଅନ୍ଧକାର ଅନୁଭବ କରେ । କେତେବେଳେ ମୁଁ ଠିକ୍ ଭାବରେ ଜାଣିଥାଏ ଯେ ଏହା କେଉଁଠାରୁ ଆସୁଛି । ଏପରି ଭୂମିକାଗୁଡ଼ିକ ପ୍ରାୟତଃ ମନୋଭାବ ପରିବର୍ତ୍ତନ ଏବଂ ଭାବପ୍ରବଣ କ୍ଳାନ୍ତିର କାରଣ ହୋଇଥାଏ ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ । ରବିବାର: ଲାଭବାନ ହେବେ ।

**ମିଥୁନ :** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ । ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ । ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର: ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର: ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର: ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ । ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ । ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

## ଗ୍ରୀଷ୍ମ ପ୍ରବାହ ଯୋଗୁଁ ବଢୁଛି ଚକ୍ଷୁ ସମସ୍ୟା

ଭାରତରେ ଭୟଙ୍କର ଗ୍ରୀଷ୍ମପ୍ରବାହ କେବଳ ଅଂଶୁଘାତ ଆଣୁନାହିଁ, ଏହା ଗୁରୁତର ଚକ୍ଷୁ ସମସ୍ୟା ମଧ୍ୟ ସୃଷ୍ଟି କରୁଛି । ଆଖି ଶୁଖିଯିବା, ନାଲି ପଡ଼ିବା, ଜଳାପୋଡ଼ା, ଆଲର୍ଜି ଆଦି ଗୁରୁତର ଆଖି ସମସ୍ୟା ନେଇ ଅଭିଯୋଗ ସଂଖ୍ୟା ବୃଦ୍ଧି ପାଉଥିବା ଚକ୍ଷୁ ବିଶେଷଜ୍ଞମାନେ କହିଛନ୍ତି । ତୀବ୍ର ଅତିବାଇଗଣୀ ବିକିରଣ, ଗରମ ପବନ, ଧୂଳି ଓ ଜଳଶୁଷ୍କତା ଏହାର କାରଣ ବୋଲି ଆଖି ଡାକ୍ତରମାନେ କହିଛନ୍ତି । ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲର ବରିଷ୍ଠ ଚକ୍ଷୁ ସର୍ଜନ୍ ବିଶେଷଜ୍ଞ ଡା.ପଙ୍କଜ ରଞ୍ଜନ କହିଛନ୍ତି, ସାରା ଦେଶରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଆଖିରେ ଶୁଷ୍କତା, ନାଲି ପଡ଼ିବା ହସ ଚକ୍ଷୁ ଚାପ ବୃଦ୍ଧି ପାଉଛି । ପିଲାମାନେ ଅଧିକ ସମୟ ମୋବାଇଲରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କ ଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି । ଦୃଷ୍ଟିଶକ୍ତି ସୁରକ୍ଷିତ ରଖିବା ପାଇଁ ବିଶେଷଜ୍ଞମାନେ ପାଞ୍ଚଟି ଜରୁରି ଅଭ୍ୟାସ ସୁପାରିସ କରିଛନ୍ତି । ତାହା ହେଲା ସମୟାନ୍ତରରେ ଆଖିରେ ପାଣି ଛାଟିବା, ୟୁଭି-ସୁରକ୍ଷା ଚଷମା ପିନ୍ଧିବା, ୨୦-୨୦-୨୦ ନିୟମ ଅଭ୍ୟାସ କରିବା, ସିଧାସଳଖ ଏୟାର୍ କଣ୍ଡିସନର୍ ବାୟୁ ପ୍ରବାହରୁ ଦୂରେଇ ରହିବା ଏବଂ ନିଜେ ନିଜେ ଔଷଧ ଖାଇବା ପରିବର୍ତ୍ତେ ଡାକ୍ତରୀ ପରାମର୍ଶ ନେବା । ୨୦-୨୦-୨୦ ନିୟମ ଅର୍ଥ ଏକ ସ୍କ୍ରିନକୁ ଦେଖିବା ପାଇଁ ପ୍ରତି ୨୦ ମିନିଟରେ ଥରେ ୨୦ ସେକେଣ୍ଡର ବିରତି ନିଅନ୍ତୁ ଏବଂ ୨୦ ଫୁଟ ଦୂରରେ ଥିବା ଜିନିଷକୁ ଦେଖିବାକୁ ଚେଷ୍ଟା କରନ୍ତୁ । ଯେତେବେଳେ ଏସି ଓ ଅତ୍ୟଧିକ ଡିଜିଟାଲ ସ୍କ୍ରିନ୍ ବ୍ୟବହାର ହୁଏ ସେତେବେଳେ ଆଖି ଉପରେ ଅଧିକ ଚାପ ବୃଦ୍ଧି ପାଏ । ଗ୍ରୀଷ୍ମଋତୁରେ ଚକ୍ଷୁ ଯତ୍ନ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବର୍ତ୍ତମାନ ଏକ ଡାକ୍ତରୀ ଆବଶ୍ୟକତା ବୋଲି ସେ କହିଛନ୍ତି । ବିଶେଷଜ୍ଞଙ୍କ ଅନୁଯାୟୀ ଅତ୍ୟଧିକ ଉତ୍ତାପ, ସୂର୍ଯ୍ୟକିରଣ, ଧୂଳି, ପ୍ରଦୂଷଣ, ଶରୀରରୁ ଜଳୀୟମାତ୍ରା ହ୍ରାସ ଓ ଅତ୍ୟଧିକ ମୋବାଇଲ, କମ୍ପ୍ୟୁଟର ବ୍ୟବହାର ସାମଗ୍ରିକ ଚକ୍ଷୁ ସ୍ୱାସ୍ଥ୍ୟକୁ ଯଥେଷ୍ଟ ପ୍ରଭାବିତ କରିପାରେ । ଉଚ୍ଚ ତାପମାତ୍ରା ଓ ଶୁଷ୍କ ପରିବେଶ ଆଖିର ପ୍ରାକୃତିକ ଲୁହ ଫିଲ୍ମକୁ ବ୍ୟାହତ କରିପାରେ, ଯାହା ଶୁଖିଲା ଆଖି ଓ ଆଖି ଥକ୍କାପଣକୁ ବୃଦ୍ଧି କରିପାରେ । ତେଣୁ ଗ୍ରୀଷ୍ମ ଋତୁରେ ଚକ୍ଷୁ ଯତ୍ନ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗ୍ରୀଷ୍ମଛୁଟିରେ ପିଲାମାନେ ଅଧିକ ସମୟ ମୋବାଇଲ୍, ଟାବ୍ଲେଟ୍, ଲାପ୍ଟପ୍ ଓ ଟେଲିଭିଜନ ଦେଖିବା ଦ୍ୱାରା ଚକ୍ଷୁ ସ୍ୱାସ୍ଥ୍ୟ ବିପଦପୂର୍ଣ୍ଣ ହୋଇପାରେ ବୋଲି ସେ କହିଛନ୍ତି ।

## ମା'ରାଣ ଦେହକୁ ନେବେନି...

ମିଡ଼ିଆ ଆଗରେ ଖାଲି ଶିଳାନ୍ୟାସ
ଆଉ ସବୁ ଅଣଦେଖା...
ଧୀରେଧୀରେ ଏବେ ସବୁ ଖୋଲିଲାଣି
ଅସଲ ଚରିତ୍ର ମୁଖା...
ପିମ୍ପୁଡି ଚଢ଼ଇ ରୁଖା..
ପଂଚାୟତ ନୋକେ ବୋଲନ୍ତି ଏଠାରେ
ଚାଲିଲାଣି ରୁଟି ସେକା...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ବନ୍ଧାକୋବି ମାଛ ଛିଞ୍ଚେଡ଼ା



**ଆବଶ୍ୟକ ସାମଗ୍ରୀ :**

ପ୍ରଥମେ ରୋହି କିମ୍ବା ଭାକୁଡ ମାଛର ମୁଣ୍ଡ ଏବଂ ଲାଞ୍ଜ ଅଂଶ ନିଅନ୍ତୁ, ବନ୍ଧାକୋବି - ୫୦୦ ଗ୍ରାମ (ପତଳା ଖଣ୍ଡରେ କଟା) ଆଳୁ - ୨ଟି ମଧ୍ୟମ ଆକାର (ଖୋଲା ଏବଂ ଛୋଟ କ୍ୟୁବରେ କଟା), ପିଆଜ - ୨ଟି ଛୋଟ (କଟା), ଅଦା ପେଷ୍ଟ - ୧ ଚାମଚ, ରସୁଣ ପେଷ୍ଟ - ୧ ଚାମଚ, ଟମାଟୋ - ୧ଟି ଛୋଟ, ହଳଦୀ ଗୁଣ୍ଡ - ୨ ଚାମଚ, ଲଙ୍କା ଗୁଣ୍ଡ - ୨ ଚାମଚ, ମାଛ କରି ପାଉଡର - ୧ ଚାମଚ, ସୋରିଷ ତେଲ ଆବଶ୍ୟକ ପରିମାଣ, ଲୁଣ ଆବଶ୍ୟକ ପରିମାଣ

**ପ୍ରସ୍ତୁତି ପ୍ରଣାଳୀ :**

୧ ଚାମଚ ଲୁଣ ଏବଂ ୧ ଚାମଚ କଦଳୀ ସହିତ ମାଛକୁ ସଫା ଏବଂ ମାରିନେଟ୍ କରନ୍ତୁ । ପ୍ୟାନରେ କିଛି ତେଲ ଗରମ କରିବା ପରେ କୋବି ଏବଂ ଆଳୁ ୫-୧୦ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ ଏବଂ ଅଲଗା ରଖନ୍ତୁ ତା'ପରେ ଉକ୍ତ ପ୍ୟାନରେ କିଛି ତେଲ ମିଶାଇ ମାଛକୁ ଭାଜନ୍ତୁ ଏବଂ ଅଲଗା ରଖନ୍ତୁ । ଏହାପରେ ସେହି ପ୍ୟାନରେ କିଛି ତେଲ ମିଶାଇ ପିଆଜ ପକାଇ ସୁବର୍ଣ୍ଣ ବାଦାମୀ ପର୍ଯ୍ୟନ୍ତ ଭାଜନ୍ତୁ । ଏହା ଭାଜି ହୋଇଯିବା ପରେ ଅଦା, ରସୁଣ ପେଷ୍ଟ ପକାଇ ଏହାକୁ ଭାଜନ୍ତୁ, ତା'ପରେ ଚିଲି ପାଉଡର, କଦଳୀ ପାଉଡର, ଟମାଟୋ ପକାଇ କିଛି ସମୟ ଭାଜନ୍ତୁ । ଏଥିରେ ୧ ଚାମଚ ମାଛ ତରକାରୀ ପାଉଡର ମିଶାନ୍ତୁ । ଯେତେବେଳେ ମସଲା ତେଲ ଛାଡି ଯିବ ଏଥିରେ ଭଜା ମାଛ ମିଶାଇ ପ୍ୟାନରେ ଭାଙ୍ଗି ଦିଅନ୍ତୁ । କୋବି, ଆଳୁ ଏବଂ ଲୁଣ ମିଶାନ୍ତୁ । ଏହାକୁ ସଠିକ୍ ଭାବରେ ମିଶାନ୍ତୁ । ଏହା ସମ୍ପୂର୍ଣ୍ଣ ଭାବେ ମିଶିଯିବା ପରେ ଏକ ଢାଙ୍କୁଣୀ ଭଲଭାବେ ଘୋଡ଼ାଇ ଦିଅନ୍ତୁ । କୋବି ଏବଂ ଆଳୁ କୋମଳ ହେବା ପର୍ଯ୍ୟନ୍ତ ଏହାକୁ ସିଝାନ୍ତୁ । ତା'ପରେ ଗରମ ମସାଲା ମିଶାଇ ଭଲ ଭାବରେ ମିଶାନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ବନ୍ଧାକୋବି ଛିଞ୍ଚେଡ଼ା ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ଦିଲ୍ଲୀ ଅଗ୍ନିକାଣ୍ଡ: ଗ୍ରୋସରୀ ପହଞ୍ଚିବାକୁ ୧୦ମିନିଟ, କିନ୍ତୁ ଜରୁରୀ ସେବା ପାଇଁ ଲାଗୁଛି ୬୦ମିନିଟ୍




**ନୂଆଦିଲ୍ଲୀ(ଏଜେନ୍ସି):** ଯେଉଁ ଦେଶରେ ଗ୍ରୋସରୀ ଲୋକଙ୍କ ପାଖରେ ୧୦ ମିନିଟରେ ପହଞ୍ଚି ଯାଉଛି, ସେଠି କିନ୍ତୁ ଜରୁରିକାଳୀନ ସେବା ଠିକଣା ସମୟରେ ପହଞ୍ଚି ପାରୁନି। ଲୋକଙ୍କ ଜୀବନ ବାଜିରେ ଲାଗିଥିଲେ ମଧ ଜରୁରିକାଳୀନ ଟିମ ସେମାନଙ୍କୁ ସହାୟତା କରିବାରେ ବିଫଳ ହେଉଥିବା ଦେଖିବାକୁ ମିଳିଛି। ତେବେ ଏଭଳି ଘଡ଼ିସନ୍ଧି ସମୟରେ କିଭଳି ତ୍ୱରିତ ସେବା ମିଳିପାରିବ ସେ ନେଇ ପ୍ରଶାସନ ଓ ସରକାର ଉଭୟ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

ସୂଚନା ଯୋଗ୍ୟ ଯେ, ଗୋଟିଏ ଅପ୍ରିୟ ସତ୍ୟ। ଅନଲାଇନରେ ଖାଇବା ଓ ଗ୍ରୋସରୀ ଅର୍ଡର କଲେ ସେଗୁଡ଼ିକ ୧୦ ମିନିଟରେ ପହଞ୍ଚି ଯାଉଛି। କିଛି ସଂସ୍ଥା ଯଥାଶୀଘ୍ର ଲୋକଙ୍କ ପାଖରେ ଜିନିଷ ପହଞ୍ଚାଇବାକୁ ପ୍ରତିଯୋଗିତା କରୁଛନ୍ତି। ଯେତେ ଟ୍ରାଫିକ ଥିଲେ ମଧ ଅନଲାଇନ ସଂସ୍ଥା ୧୦ ମିନିଟରେ ଲୋକଙ୍କ ଘରେ ପହଞ୍ଚି ଯାଉଛନ୍ତି। ଯେଉଁ ଦେଶରେ ଗ୍ରୋସରୀ ଲୋକଙ୍କ ପାଖରେ ୧୦ ମିନିଟରେ ପହଞ୍ଚି ଯାଉଛି, ସେଠି କିନ୍ତୁ ଜରୁରିକାଳୀନ ସେବା ଠିକଣା ସମୟରେ ପହଞ୍ଚି ପାରୁନି। ଲୋକଙ୍କ ଜୀବନ ବାଜିରେ ଲାଗିଥିଲେ ମଧ ଜରୁରିକାଳୀନ ଟିମ ସେମାନଙ୍କୁ ସହାୟତା କରିବାରେ ବିଫଳ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ବୁଧବାର ଦିଲ୍ଲୀର ମାଲବୀୟ ନଗରରେ ଘଟିଥିବା ଅଗ୍ନିକାଣ୍ଡ ବେଳେ ଦେଖିବାକୁ ମିଳିଛି। ଫ୍ଲୋରିଶ ଷ୍ଟେ ହୋଟେଲରେ ଅଗ୍ନିକାଣ୍ଡ ଘଟି ୨୧ ଜଣଙ୍କ ଜୀବନ ଯାଇଛି। ଅନେକ ଲୋକ ଆହତ ବି ହୋଇଛନ୍ତି। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା କଥା ଯେ ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇବାର ପ୍ରାୟ ୫୦ରୁ ୬୦ ମିନିଟ ପରେ ଘଟଣା ସ୍ଥଳରେ ପହଞ୍ଚିଥିଲା। ଅଗ୍ନିକାଣ୍ଡ ସକାଳ ପ୍ରାୟ ୮ଟା ବେଳେ ଘଟିଥିଲା। ଘଟଣା ସ୍ଥଳରୁ ନିକଟସ୍ଥ ଅଗ୍ନିଶମ କେନ୍ଦ୍ର ମାତ୍ର ୩ ମିନିଟ ଦୂରରେ ରହିଛି। ତଥାପି ଅଗ୍ନିଶମ ଗାଡ଼ି ୫୦ରୁ ୬୦ ମିନିଟ ପରେ ଆସିଥିଲା। ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଲେ ବେଳକୁ ପୂରା ବିଲଡିଂକୁ ନିଆଁ ଗ୍ରାସ କରି ସାରିଥିଲା। ସ୍ଥାନୀୟ ଲୋକମାନେ ସେତେବେଳକୁ ବିଲଡିଂରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାରେ ଲାଗି ପଡ଼ିଥିଲେ। ତଥାପି ନିଆଁ ଓ ଧୂଆଁ ଯୋଗୁ ସେମାନେ ମଧ ବିଲଡିଂରେ ପ୍ରବେଶ କରିବାକୁ ସକ୍ଷମ ହୋଇ ପାରି ନଥିଲେ। ଏଥିଯୋଗୁ ସେମାନେ ରାସ୍ତାରେ ଗଦି ବିଛାଇ ଲୋକଙ୍କୁ ତଳକୁ ଡେଇଁ ପଡ଼ିବାକୁ ଅନୁରୋଧ କରିଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ଆମ୍ବୁଲାନ୍ସ ମୋଡକୁ ଆସିଥିଲେ ହେଁ ଅଗ୍ନିଶମ ଗାଡ଼ି ପହଞ୍ଚି ନ ପାରିବା ସମସ୍ତଙ୍କୁ ଚକିତ କରିଛି। ଯଦି ୧୦ ମିନିଟର ଗ୍ରୋସରୀ ଡେଲିଭରୀ ଭଳି ଅଗ୍ନିଶମ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚି ଯାଇଥାଆନ୍ତା, ତା'ହେଲେ ହୁଏତ ଅନେକ ଜୀବନ ବଞ୍ଚି ଯାଇଥାଆନ୍ତା। କିନ୍ତୁ ଏହି ଭୟଙ୍କର ଘଟଣା ପାଇଁ ଆମେ କେବଳ ଉଦ୍ଧାରକାରୀ ସେବାକୁ ଦାୟୀ କରିପାରିବା ନାହିଁ। ପ୍ରଶାସନିକ ବ୍ୟବସ୍ଥା ଓ ଅପରାଗତା ମଧ ଏଥିପାଇଁ ଦାୟୀ। ଯେଉଁ ହୋଟେଲରେ ଅଗ୍ନିକାଣ୍ଡ ଘଟିଛି, ସେଠାରେ ଅନୁମତି ଠାରୁ ୪ ଗୁଣ ଅଧିକ ରୁମ ରହିଥିଲା। ୨୫ଟି ରୁମ ସହ ବେସମେଣ୍ଟରେ ରେଷ୍ଟୁରାଣ୍ଟ ଚାଲିଥିଲା। ତଥାପି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିଲା। ଦିଲ୍ଲୀର ପର୍ଯ୍ୟଟନ ବିଭାଗ ଏପରି ବେଡ ଆଣ୍ଡ ବ୍ରେକଫାଷ୍ଟ ବ୍ୟବସ୍ଥାକୁ ଅନୁମତି ଦେଇଥିଲା। କିନ୍ତୁ ସେଠାରେ କ'ଣ ଚାଲିଛି, ତା'ର ଯାଞ୍ଚ କରୁ ନଥିଲା। ତେଣୁ ସରକାରୀ ଅବହେଳା ମଧ ଏଥିପାଇଁ ଦାୟୀ।

# ଭାରତ ଓମାନ ମଧ୍ୟରେ ଆଜିଠାରୁ ଆରମ୍ଭ ହେଲା ସିଇପି ଚୁକ୍ତିନାମା



**ନୂଆଦିଲ୍ଲୀ(ଏଜେନ୍ସି):** ଭାରତ-ଓମାନ ବ୍ୟାପକ ଆର୍ଥିକ ସହଭାଗୀତା ଚୁକ୍ତିନାମା, ଉରଚଇ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଉରଚଇ ଦୁଇ ରାଷ୍ଟ୍ର ମଧ୍ୟରେ ଆର୍ଥିକ ଏବଂ ରଣନୈତିକ ସମ୍ପର୍କକୁ ଆହୁରି ସମୃଦ୍ଧ କରିବ। ଏକ ଜାତୀୟ ଦୈନିକରେ ପ୍ରକାଶିତ ଏକ ଲେଖାରେ, ଶ୍ରୀ ଗୋୟଲ ଉଲ୍ଲେଖ କରିଛନ୍ତି ଯେ, ଏହି ଚୁକ୍ତିନାମା ଦେଶର ଛାତ୍ର, କାରିଗର, ମହିଳା, ଚାଷୀ, ମତ୍ସ୍ୟଜୀବୀ ଏବଂ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ନୂତନ ବଜାର ଖୋଲିବା, ରପ୍ତାନି ବୃଦ୍ଧି କରିବା, ନିବେଶକୁ ଆକର୍ଷିତ କରିବା ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଲାଭ ଦେବ। ପ୍ରାୟ ସାତ ଲକ୍ଷ ଭାରତୀୟ ବାସ କରୁଥିବା ଓମାନ ସହିତ ଭାରତର ଏକ ଗଭୀର ଅର୍ଥନୈତିକ ଏବଂ ଲୋକ-ଜନ ସମ୍ପର୍କ ରହିଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓମାନରୁ ଭାରତୀୟମାନେ ବାର୍ଷିକ ପ୍ରାୟ ୨ ବିଲିୟନ ଡଲାର ପଠାନ୍ତି, ଯେତେବେଳେ ଛଅ ହଜାରରୁ ଅଧିକ ଭାରତୀୟ ଉଦ୍ୟୋଗ ସେଠାରେ କାର୍ଯ୍ୟ କରନ୍ତି। ଶ୍ରୀ ଗୋୟଲ କହିଛନ୍ତି ଯେ ବ୍ୟାପକ ଆର୍ଥିକ ସହଭାଗୀତା ଚୁକ୍ତିନାମା ତୁରନ୍ତ ୯୯.୩୮% ରପ୍ତାନିକୁ କଭର କରୁଥିବା ୯୮ ପ୍ରତିଶତ ଟାରିଫ୍ ରେଖାକୁ ଓମାନରେ ୧୦୦% ଶୁଳ୍କ-ମୁକ୍ତ ବଜାର ପ୍ରବେଶ ପ୍ରଦାନ କରେ। ଏହା ଉରଚଇ ପୂର୍ବ ବ୍ୟବସ୍ଥା ତୁଳନାରେ ଏକ ନାଟକୀୟ ଉନ୍ନତି, ଯାହା ଭାରତର କେବଳ ୧୫.୩% ରପ୍ତାନିକୁ ଶୂନ୍ୟ ଶୁଳ୍କରେ ଓମାନରେ ପ୍ରବେଶ କରିବାକୁ ଅନୁମତି ଦେଇଥିଲା। ମନ୍ତ୍ରୀ କହିଛନ୍ତି ଯେ ଭାରତରୁ ଆସୁଥିବା ସାମଗ୍ରୀ ଯାହା ବର୍ତ୍ତମାନ ଓମାନରେ ୫% ଆମଦାନୀ ଶୁଳ୍କ ଲାଗୁ କରୁଛି, ସେଗୁଡ଼ିକ ଅଧିକ ପ୍ରତିଯୋଗିତାମୂଳକ ହେବ।

# କକ୍ରୋଚ୍ ଜନତା ପାର୍ଟିର ୩ ମୁଖପାତ୍ରଙ୍କ ନାଁ ଘୋଷଣା



**ନୂଆଦିଲ୍ଲୀ (ଏଜେନ୍ସି) :** ଆଜିକାଲି ଖବରର ଶିରୋନାମା ପାଲଟିଥିବା କକ୍ରୋଚ୍ ଜନତା ପାର୍ଟି ଶିକ୍ଷା ବ୍ୟବସ୍ଥାର ବିଫଳତା ବିରୋଧରେ ପ୍ରସ୍ତାବିତ ପ୍ରତିବାଦ ପୂର୍ବରୁ ସମର୍ଥନ ଭିତ୍ତିଭୂମିକୁ ବିସ୍ତାର କରିବା ଲକ୍ଷ୍ୟରେ ମଙ୍ଗଳବାର ୩ ଜଣ ମୁଖପାତ୍ରଙ୍କ ନିଯୁକ୍ତି ଘୋଷଣା କରିଛି। ଏହି ତିନି ଜଣଙ୍କ ଉପରେ କକରୋଚ୍ ଜନତା ପାର୍ଟି ପକ୍ଷରୁ ଲୋକ ଓ ମିଡିଆ ଆଗରେ ନିଜର କଥା ରଖିବାର ଦାୟିତ୍ୱ ରହିଛି। ଇନଭେଷ୍ଟିଗେଟିଭ୍ ରିପୋର୍ଟର ସୌରଭ ଦାସଙ୍କୁ ଦଳର ମୁଖ୍ୟ ମୁଖପାତ୍ର ଭାବରେ ବଡ ଦାୟିତ୍ୱ ମିଳିଛି। 'କକରୋଚ୍ ଜନତା ପାର୍ଟି' ଏକ୍ସରେ ଲେଖିଛି ଇନଭେଷ୍ଟିଗେଟିଭ ରିପୋର୍ଟର ସୌରଭ ଦାସ ମୁଖପାତ୍ର ଭୂମିକା ଗ୍ରହଣ କରିବେ। ରାଜନୈତିକ ରିସର୍ଚ୍ଚର, ଲେଖକ ଓ ଫିଲ୍ମ ନିର୍ମାତା ବିଜେତା ଦହିୟା ଓ ଆଇଆଇଟି କାନପୁର ଏବଂ ବିଶ୍ୱ ପ୍ରବନ୍ଧନ ପରାମର୍ଶ ଫାର୍ମ ଗମକସଭସ୍ୱରଜ ର ପୂର୍ବତନ ଛାତ୍ର ଆଶୁତୋଷ ରାଙ୍କା ମଧ ଦାସଙ୍କ ସହ ମୁଖପାତ୍ର ଭୂମିକା ଗ୍ରହଣ କରିବେ। ପାର୍ଟି କହିଛି, ସିଜେପି ଭାରତର ରାଜନୈତିକ ବିଚାର ବିମର୍ଷ ଦିଗ ବଦଳାଇବା ପାଇଁ ଦୃଢ ପ୍ରତିଶୃତିବଦ୍ଧ। ଏହି ପରିବର୍ତ୍ତନର ନେତୃତ୍ୱ ନୂଆ ପୀଢି ତିଆରି କରିବେ। ଘୋଷଣା ଅନୁସାରେ, ସୌରଭ ଦାସଙ୍କୁ ଆଇନ, ନ୍ୟାୟିକ ଓ ସାମାଜିକ ପ୍ରସଙ୍ଗ ଉପରେ କେନ୍ଦ୍ରିତ ସାମ୍ବାଦିକତାର ଅନୁଭବ ରହିଛି। ଦଳ ଏହି ଦାବି କରିଛି ଯେ, ନଭେମ୍ବର ୨୦୨୫ ରେ ଇଣ୍ଡିଆ ଗେଟ୍‌ରେ ଆୟୋଜିତ ପ୍ରଦୂଷଣ ବିରୋଧି ପ୍ରଦର୍ଶନରେ ତାଙ୍କର ଅଗ୍ରଣୀ ଭୂମିକା ମଧ ଥିଲା। ପାର୍ଟି ଅନୁସାରେ, ରାଜନୈତିକ ଗବେଷକ, ଲେଖକ ଓ ଫିଲ୍ମ ନିର୍ମାତା ବିଜେତା ହହିଆ ବହୁ ୟୁଟ୍ୟୁବ୍ କଣ୍ଟେଣ୍ଟ ନିର୍ମାତାଙ୍କ ପାଇଁ ରିସର୍ଚ୍ଚ ଓ କଣ୍ଟେଣ୍ଟ ତିଆରି ଏବଂ ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସର ପୂର୍ବତନ ଛାତ୍ର ଆଶୁତୋଷ ରାଙ୍କା ପୂର୍ବରୁ ଲଣ୍ଡନରେ ବିଶ୍ୱସ୍ତରୀୟ ପରାମର୍ଶଦାତା ସଂସ୍ଥା ମ୍ୟାକକିନ୍ସେ ଆଣ୍ଡ୍ କମ୍ପାନୀ ସହିତ କାମ କରିଛନ୍ତି। ଏହି ନିଯୁକ୍ତିର ଘୋଷଣା ଅଭିଜିତ ୬ ଜୁନ୍‌ରେ ଭାରତ ଫେରିବାର ନିର୍ଦ୍ଧାରିତ କାର୍ଯ୍ୟକ୍ରମର କିଛି ଦିନ ପୂର୍ବରୁ ହୋଇଛି। ସିଜେପି ସଂସ୍ଥାପକ କଥିତ ନିଟ୍ ଲିକ୍ ଓ ସିବିଏସ୍‌ଇ ପ୍ରଣାଳୀରେ କଥିତ ତ୍ରୁଟିକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ଆରମ୍ଭ କରିବାର ଯୋଜନାର ଘୋଷଣା କରିଥିଲେ। ଗତ ମାସ ଆରମ୍ଭରୁ କରାଯାଇଥିବା ଏହି ସଂଗଠନକୁ ସୋସିଆଲ ମିଡିଆରେ ଖୁବ୍ ଲୋକପ୍ରିୟତା ମିଳିଛି। ବିଶେଷ ଭାବରେ ଛାତ୍ର ଓ ଯୁବକଙ୍କ ଭିତରେ ଶିକ୍ଷା ତଥା ଯୁବ ପ୍ରସଙ୍ଗ ଉପରେ କେନ୍ଦ୍ରିତ ଏକ ମଞ୍ଚ ରୂପରେ ଏହାର ଉଲ୍ଲେଖନୀୟ ପରିଚୟ ମିଳିଛି।

# କର୍ଣ୍ଣାଟକରେ ଡିକେ ସରକାର: ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଶିବ କୁମାର



**ନୂଆଦିଲ୍ଲୀ (ଏଜେନ୍ସି):** ବୁଧବାର ଠାରୁ ବିଧିବଦ୍ଧ ଭାବେ କର୍ଣ୍ଣାଟକାରେ ଆରମ୍ଭ ହୋଇଛି ଡିକେ ସରକାର। କଂଗ୍ରେସର ବରିଷ୍ଠ ନେତା ଡିକେ ଶିବ କୁମାର ଦିନ ଠିକ ୪.୧୫ରେ କର୍ଣ୍ଣାଟକାର ୨୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି। କଂଗ୍ରେସ ୨୦୨୩ କର୍ଣ୍ଣାଟକା ବିଧାନସଭା ନିର୍ବାଚନ ଜିତିଥିଲେ ହେଁ ଶିବ କୁମାର ମୁଖ୍ୟମନ୍ତ୍ରୀ ହୋଇ ପାରି ନଥିଲେ। ତାଙ୍କ ବଦଳରେ କଂଗ୍ରେସ ଅନ୍ୟତମ ବରିଷ୍ଠ ନେତା ସିଦ୍ଦରମୈୟାଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିଲା। ସେ ୨୦୨୩ ମେ' ୨୦ରେ କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ୩ ବର୍ଷ ୮ଟି ଦିନ କାମ କରିବା ପରେ ସିଦ୍ଦରମୈୟା ମେ' ୨୮ରେ ଇସ୍ତଫା ଦେଇଥିଲେ। ଏହାପରେ ଶିବ କୁମାର ମୁଖ୍ୟମନ୍ତ୍ରୀ ହେବାକୁ ବାଟ ଫିଟିଥିଲା। ତାଙ୍କୁ ପ୍ରଥମେ ବିଧାୟକ ଦଳ ନେତା ଭାବେ ଚୟନ କରାଯାଇଥିଲା। ଆଜି ସେ ନିଜର ବ୍ୟକ୍ତିଗତ ଶୁଭ ମୁହୂର୍ତ୍ତ ଦେଖି ଦିନ ୪.୧୫ରେ କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ହାତରେ ସମ୍ବିଧାନ ଧରି ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶିବ କୁମାରଙ୍କ ବ୍ୟତୀତ ଆଉ ୧୩ ଜଣ ବିଧାୟକ ମଧ କ୍ୟାବିନେଟ ସଦସ୍ୟ ଭାବେ ଶପଥ ନେଇଛନ୍ତି। ଲୋକ ଭବନର ଗ୍ଲାସ ହାଉସରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଗେହଲଟ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ଜି ପରମେଶ୍ୱରଙ୍କୁ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ପୁଅ ଯତୀନ୍ଦର ସିଦ୍ଦରମୈୟା କ୍ୟାବିନେଟରେ ଡେବ୍ୟୁ କରିଛନ୍ତି। ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିବା ଅନ୍ୟ ସଦସ୍ୟମାନେ ହେଲେ ୟୁଟି ଖାଦେର, ଏମବି ପାଟିଲ, କେଜେ ଜର୍ଜ, କେଏଚ ମୁନିୟାପ୍ପା, ସତୀଶ ଜାରକିହୋଲି, ରାମଲିଙ୍ଗା ରେଡ୍ଡୀ, କ୍ରିଷ୍ଣା ବୟରେ ଗୌଡା, ପ୍ରିୟଙ୍କ ଖଡଗେ, ଈଶ୍ୱର ଖାଣ୍ଡରେ, ବି ସୁରେଶ ଓ ଶରନ ପ୍ରକାଶ ପାଟିଲ।

# ଆଇନ ଅଦାଲତ

## ସର୍ବୋଚ୍ଚ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# କମ୍ ଯୋଗ୍ୟତାର ପଦବି ପାଇଁ ଉଚ୍ଚ ଯୋଗ୍ୟତା ଗ୍ରହଣୀୟ ନୁହେଁ

**ନୂଆଦିଲ୍ଲୀ(ଏଜେନ୍ସି):** ଯେଉଁ ଚାକିରି ବା ପଦବି ନିର୍ଦ୍ଦିଷ୍ଟ ଭାବେ କମ୍ ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ସେଥିପାଇଁ ଜଣେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ବ୍ୟକ୍ତିଙ୍କୁ ଚୟନ କରାଯାଇପାରିବ ନାହିଁ। ଯଦି ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ବ୍ୟକ୍ତି ତାଙ୍କ ଶିକ୍ଷା ବାବଦ ତଥ୍ୟ ଲୁଚାଇ ସେହି ଚାକିରି କରିଥାନ୍ତି ତେବେ ତାହାକୁ ଅବୈଧ ବିବେଚନା କରାଯିବ ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲା ଏବଂ ଜଷ୍ଟିସ୍ ଆର. ମହାଦେବନଙ୍କ ଖଣ୍ଡପୀଠ ମାଡ୍ରାସ ହାଇକୋର୍ଟ ୨୦୨୫ରେ ଦେଇଥିବା ଏକ ରାୟକୁ ରଦ୍ଦ କରିଛନ୍ତି। ଏଥିରେ ହାଇକୋର୍ଟ ସିଣ୍ଡିକେଟ୍ ବ୍ୟାଙ୍କ ଆଟେଣ୍ଡାଣ୍ଟ ଚାକିରି ପାଇବା ଲାଗି ଗ୍ରାଜୁଏସନ ଡିଗ୍ରୀ ଲୁଚାଇଥିବା ଜଣେ ବ୍ୟକ୍ତିଙ୍କ ପକ୍ଷରେ ଫଇସଲା ଶୁଣାଇଥିଲେ। ଏଥିସହ ସେହି କର୍ମଚାରୀଙ୍କ ପୁନଃ ନିଯୁକ୍ତି ଦେବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଥିଲେ, କିଛି ପଦ ପାଇଁ କମ୍ ଲେଖା-ପଢ଼ା କରିଥିବା ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ସଂରକ୍ଷିତ ରଖାଯିବା ରଖାଯିବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କୁ ଅଧିକ ଯୋଗ୍ୟ ପ୍ରାର୍ଥୀଙ୍କ ସହ ପ୍ରତିଦ୍ୱନ୍ଦିତା କରିବାକୁ ପଡ଼ିବନି। ସୂଚନା ଅନୁସାରେ ଉକ୍ତ ବ୍ୟାଙ୍କର ଆଟେଣ୍ଡାଣ୍ଟ ପଦଟି କେବଳ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ, ଚାକିରି ପାଇଥିବା ବ୍ୟକ୍ତିଜଣକ ଗ୍ରାଜୁଏଟ ଏବଂ ସେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଲୁଚାଇ ଥିଲେ। ସେହି ବ୍ୟକ୍ତିଙ୍କୁ ଚୟନ କରାଯିବା ଭୁଲ୍ ଥିଲା ଏବଂ ଏହା ଦ୍ୱାରା ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ପ୍ରଭାବିତ ହୋଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ସରକାର ଜଣେ ପାରଦର୍ଶୀ ଏବଂ ସମାନ ସୁଯୋଗ ପ୍ରଦାନକାରୀ ନିଯୁକ୍ତିଦାତା ଭାବେ କାର୍ଯ୍ୟ କରିବେ ବୋଲି ଆଶା କରାଯାଏ। ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀମାନେ କମ୍ ଶିକ୍ଷାଗତ ଯୋଗ୍ୟତାର ଲୋକଙ୍କ ଚାକିରି ନେଇଗଲେ, କମ୍ ଯୋଗ୍ୟତାର ଲୋକାଙ୍କ ପାଇଁ ସୁଯୋଗ କମିଯିବ। ସରକାରୀ ଚାକିରିରେ ନିଯୁକ୍ତି ସର୍ବଦା ବିଜ୍ଞପତିରେ ଲେଖା ଯାଇଥିବା ନିୟମ ଅନୁଯାୟୀ ହେବା ଉଚିତ। ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା କାରଣରୁ କାହାକୁ କମ୍ ଯୋଗ୍ୟତା ବିଶିଷ୍ଟ ପଦବୀ ପାଇଁ ଆବେଦନ କରିବାର ଅଧିକାର ମିଳିଯାଏ ନାହିଁ।

# ସୁପ୍ରିମକୋର୍ଟଙ୍କ ରାୟ, ବନ୍ଦ ହୋଇଥିବା ମେଡିକାଲ କଲେଜ ଛାତ୍ରଙ୍କୁ ସରକାରୀ ଫି' ଲାଭ ମିଳିବନି

**ନୂଆଦିଲ୍ଲୀ (ଏଜେନ୍ସି):** ଓଡ଼ିଶାରେ ବନ୍ଦ ହୋଇଯାଇଥିବା ସର୍ଦ୍ଦାର ରାଜାସ୍ ମେଡିକାଲ କଲେଜ ଓ ହସ୍ପିଟାଲ (ଏସ୍‌ଆରଏମ୍ସିଏଚ୍)ରୁ ଅନ୍ୟ ଘରୋଇ ମେଡିକାଲ କଲେଜକୁ ସ୍ଥାନାନ୍ତରିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା ମିଳିଛି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ସେମାନେ ସରକାରୀ ମେଡିକାଲ କଲେଜର ରିହାତି ଫିସ୍ ଦେଇ ପାଠ ପଢ଼ିବାର ଦାବି କରିପାରିବେ ନାହିଁ। ଏହି ଛାତ୍ରଛାତ୍ରୀଙ୍କ ଠାରୁ ଏସ୍‌ଆରଏମ୍ସିଏଚ୍ ଧାର୍ଯ୍ୟ କରିଥିବା ଫି' ଅନୁସାରେ ବକେୟା ଅର୍ଥ ଆଦାୟ କରାଯାଇ ପାରିବ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସ୍‌ଆରଏମ୍ସିଏଚର ପରିଚାଳନା କରୁଥିବା ସେଲଭମ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଠାରୁ ସଂରକ୍ଷିତ କରାଯାଇଥିବା ଟଙ୍କାକୁ ଛାତ୍ରଛାତ୍ରୀଙ୍କ ନାମ ଲେଖାଇଥିବା ୩ଟି ଘରୋଇ ମେଡିକାଲ କଲେଜକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ମଧ୍ୟରେ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ/ ନ୍ୟାସନାଲ ମେଡିକାଲ କମିଶନ (ଏନ୍‌ଏମ୍ସି) ପାଖରେ ଜମା ରହିଥିବା ୧୦କୋଟିର ବ୍ୟାଙ୍କ ଗ୍ୟାରେଣ୍ଟି, ସୁପ୍ରିମ କୋର୍ଟରେ ଜମା ରହିଥିବା ୨ କୋଟି ଏବଂ ତାର ସୁଧ ସାମିଲ ଅଛି। ଏଥିସହ ସେମାନଙ୍କର ପ୍ରକୃତ ଫି' କେତେ ଓ ଆଉ କେତେ ଟଙ୍କା ସେମାନଙ୍କୁ ଦେବାକୁ ପଡିବ ସେହି ବିଷୟରେ ସବିଶେଷ ତଥ୍ୟ ଏନ୍‌ଏମ୍ସିକୁ ଜଣାଇବା ଲାଗି ଖଣ୍ଡପୀଠ ଘରୋଇ ମେଡିକାଲ କଲେଜକୁ କହିଛନ୍ତି। ସେହିଭଳି ଏହି ଅର୍ଥ କିଭଳି ଆଦାୟ କରାଯିବ ଓ ଘରୋଇ ମେଡିକାଲ କଲେଜକୁ ଭରଣା କରାଯିବ ତାର ସମାଧାନ ବାଟ ଏନ୍‌ଏମ୍ସି ବାହାର କରିବ। ଫି ସମସ୍ୟାର ସମାଧାନ ହେବା ପରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାର ଚୂଡାନ୍ତ ପ୍ରମାଣପତ୍ର ମିଳିପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଛାତ୍ରଛାତ୍ରୀ ସରକାରୀ ସବସିଡ ଆଧାରରେ ସେହି ଘରୋଇ ମେଡିକାଲ କଲେଜରେ ପଢ଼ିବା ଲାଗି ଦର୍ଶାଇଥିବା ଯୁକ୍ତିକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କହିଛନ୍ତି ଏଭଳି ହେଲେ ତାହା ଅନୁଚିତ ଲାଭ ଭାବେ ପରିଗଣିତ ହେବ। ଛାତ୍ରଛାତ୍ରୀ ପରିସ୍ଥିତି ପାଇଁ ଯଦିଓ ଦାୟୀ ନୁହନ୍ତି, କିନ୍ତୁ ସେମାନେ ମୂଳରୁ ଏକ ଘରୋଇ ମେଡିକାଲ କଲେଜରେ ପ୍ରବେଶ କରିଥିଲେ। ଯେଉଁଠାରେ ଫି' ଢ଼ାଞ୍ଚା ସରକାରୀ ମେଡିକାଲ କଲେଜ ଠାରୁ ବହୁ ଅଧିକ ଥିଲା। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରେ ପ୍ରତିଷ୍ଠା କରାଯାଇଥିବା ସର୍ଦ୍ଦାର ରାଜାସ୍ ମେଡିକାଲ କଲେଜ ଓ ହସ୍ପିଟାଲ (ଏସ୍‌ଆରଏମ୍ସିଏଚ୍)ରେ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ ଯାଞ୍ଚ କରିବା ପରେ ସେଠାରେ ଭିତ୍ତିଭୂମି, ଫାକଲ୍ଟି ଓ ନିୟମ କାନୁନରେ ବ୍ୟାପକ ତ୍ରୁଟି ନଜରକୁ ଆସିଥିଲା। ଏହା ପରେ କଲେଜର ମାନ୍ୟତାକୁ ରଦ୍ଦ କରିଦିଆଯାଇଥିଲା। ସେଠାରେ ପଢୁଥିବା ୨୦୧୩-୧୪ ଓ ୨୦୧୪-୧୫ ବ୍ୟାଚ୍ ଏମବିବିଏସ୍ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସଙ୍କଟରେ ପଡିଥିଲା। ହାଇକୋର୍ଟ ମ୍ୟାନେଜମେଣ୍ଟ କୋଟାରେ ସରକାରୀ ମେଡିକାଲ କଲେଜରେ ସେମାନଙ୍କୁ ଭର୍ତ୍ତି କରାଇବାକୁ କହିଥିଲେ। କିନ୍ତୁ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଥିଲା।

# ନାବାଳିକା ଦୁଷ୍କର୍ମ ମାମଲା: ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ



**କନ୍ଧମାଳ(ଏନ୍.ଏମ୍.):** ୨୦୨୪ ମସିହାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସପନ ପାଟମାଝୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି ଫୁଲବାଣୀର ପୋକ୍ସୋ କୋର୍ଟ। ଏହା ସହିତ ତାଙ୍କୁ ୫୦ ଟଙ୍କା ଜୋରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ତାଙ୍କୁ ଅଧିକ ୬ ମାସ ଜେଲ୍ରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଏହା ସହିତ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଫୁଲବାଣୀ ପୋକ୍ସୋ କୋର୍ଟର ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତିଙ୍କ ସୂଚନା ଅନୁସାରେ, ପୀଡ଼ିତାଙ୍କ ଗୃହ ନିର୍ମାଣ କାର୍ଯ୍ୟରେ ସପନ ପାଟମାଝୀ ମିସ୍ତ୍ରୀ କାମ କରୁଥିଲେ। ସେ ସେଠାରେ କାମ କରିବା ସମୟରେ ପୀଡ଼ିତାଙ୍କ ଉପରେ କୋପ ଦୃଷ୍ଟି ପକାଇଥିଲେ। ଘଟଣା ଦିନ ପୀଡ଼ିତାଙ୍କ ଘରେ ତାଙ୍କ ବାପାମା' ଓ ଅନ୍ୟ କେହି ନଥିବା ସମୟରେ ସପନ ତାଙ୍କୁ ନିକଟ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲେ ଓ ଏ କଥା କାହାକୁ ନ କହିବାକୁ ଧମକ ଦେଇଥିଲେ। ନାବାଳିକା ଜଣଙ୍କ ଘଟଣା ବାବଦରେ ତାଙ୍କ ମା'ଙ୍କୁ ସବୁ କଥା କହିଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ପୀଡ଼ିତାଙ୍କ ବାପା ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ବାଲିଗୁଡ଼ା ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସପନ ପାଟମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାରେ କୋର୍ଟ ସମସ୍ତ ସାକ୍ଷ୍ୟପ୍ରମାଣକୁ ଆଧାର କରି ସପନଙ୍କୁ ଦୋଷୀ ଘୋଷଣା କରିବା ପରେ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି।

# ସୁପ୍ରିମକୋର୍ଟରେ ୫ଜଣ ନୂତନ ବିଚାରପତି ନିଯୁକ୍ତ

**ନୂଆଦିଲ୍ଲୀ(ଏଜେନ୍ସି):** ସୁପ୍ରିମକୋର୍ଟରେ ପାଞ୍ଚ ଜଣ ନୂତନ ବିଚାରପତିଙ୍କୁ ନିଯୁକ୍ତ କରାଯାଇଛି, ଯାହାଦ୍ୱାରା ଭାରତର ମୁଖ୍ୟ ବିଚାରପତିଙ୍କ ସମେତ ସୁପ୍ରିମକୋର୍ଟର କ୍ଷମତା ୩୭କୁ ବୃଦ୍ଧି ପାଇଛି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି ଯେ, ରାଷ୍ଟ୍ରପତି, ଭାରତର ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବା ପରେ, ସୁପ୍ରିମକୋର୍ଟରେ ୫ଜଣ ନୂତନ ବିଚାରପତିଙ୍କୁ ନିଯୁକ୍ତ କରିଛନ୍ତି ଆଇନ ମନ୍ତ୍ରଣାଳୟ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଶୀଲ ନାଗୁ, ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଶ୍ରୀ ଚନ୍ଦ୍ରଶେଖର, ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ସଚଦେବ ଏବଂ ଜମ୍ମୁ ଏବଂ କାଶ୍ମୀର ଏବଂ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଅରୁଣ ପାଲିଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବରେ ଉନ୍ନୀତ କରାଯାଇଛି। ବରିଷ୍ଠ ଓକିଲ ଭେଙ୍କିଟା ସୁବ୍ରମଣି ମୋହନାଙ୍କୁ ମଧ ସୁପ୍ରିମକୋର୍ଟରେ ବିଚାରପତି ଭାବରେ ନିଯୁକ୍ତ କରାଯାଇଛି। କେନ୍ଦ୍ର ଗତ ମାସରେ ସୁପ୍ରିମକୋର୍ଟର ମଞ୍ଜୁରୀ କ୍ଷମତାକୁ ୩୩ ରୁ ୩୭ କୁ ବୃଦ୍ଧି କରିବା ପାଇଁ ଆଇନ ସଂଶୋଧନ କରି ଏକ ଅଧ୍ୟାଦେଶ ଜାରି କରିଥିଲା, ଯେଉଁଥିରେ ଭାରତର ମୁଖ୍ୟ ବିଚାରପତିଙ୍କୁ ବାଦ ଦିଆଯାଇଛି।

# ଇସଲାମ ଧର୍ମ ଛାଡି ସନାତନ ଧର୍ମ ଗ୍ରହଣ କଲେ ମହମ୍ମଦ ଅହସାନ

## ଆଇନଗତ ଅନୁମତି ଦେଲେ କୋର୍ଟ



**ନୂଆଦିଲ୍ଲୀ(ଏଜେନ୍ସି):** ଆଲ୍ଲାହାବାଦ ହାଇକୋର୍ଟ ମହମ୍ମଦ ଅହସାନ ଓରଫ ଅନିଲ ପଣ୍ଡିତଙ୍କୁ ଇସଲାମ ଧର୍ମ ଛାଡି ସନାତନ ଗ୍ରହଣ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଉତ୍ତର ପ୍ରଦେଶ ବେଆଇନ ଧର୍ମ ପରିବର୍ତ୍ତନ ନିଷେଧ ଆଇନ, ୨୦୨୧ ଅନୁଯାୟୀ ମହମ୍ମଦ ଅହସାନଙ୍କୁ ସନାତନ ଧର୍ମ ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ପାଇବା ପରେ ଚାରି ସପ୍ତାହ ମଧ୍ୟରେ ଏକ ଆଦେଶ ଦେବାକୁ କୋର୍ଟ ପ୍ରୟାଗରାଜର ଏଡିଏମ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ସମସ୍ତ ଦସ୍ତାବିଜରେ ନାମ ପରିବର୍ତ୍ତନ ପ୍ରକ୍ରିୟା ସମାପ୍ତ କରିବାକୁ ଏବଂ କୋର୍ଟକୁ ତାଙ୍କର ପ୍ରତିଶ୍ରୁତି ପୂରଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ଆଇନର ଧାରା ୮ ଏବଂ ୯ ଅନୁଯାୟୀ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଅନୁସରଣ କରାଯାଇଛି, ତେବେ ପ୍ରଶାସନିକ ଅଧିକାରୀମାନେ ଅନିର୍ଦ୍ଦିଷ୍ଟ ତଦନ୍ତ, ସନ୍ଦେହ କିମ୍ବା ବ୍ୟକ୍ତିଗତ ସନ୍ତୋଷ ଆଧାରରେ ଜଣେ ବ୍ୟକ୍ତିଙ୍କ ଧାର୍ମିକ ପରିଚୟ କିମ୍ବା ଧର୍ମାନ୍ତରୀକରଣରେ ହସ୍ତକ୍ଷେପ କରିପାରିବେ ନାହିଁ। ଆବେଦନକାରୀ ଡକ୍ଟର ମହମ୍ମଦ ଅହସାନ ଓରଫ ଅନିଲ ପଣ୍ଡିତ, ପ୍ରୟାଗରାଜର ସିଏମପି ଡିଗ୍ରୀ କଲେଜରେ ଇଂରାଜୀର ସହାୟକ ପ୍ରଫେସର। ସେ ଇସଲାମରୁ ସନାତନ ଧର୍ମକୁ ପରିବର୍ତ୍ତନ କରିବା ପାଇଁ ଆଇନଗତ ପ୍ରକ୍ରିୟା ସମାପ୍ତ କରିଥିଲେ ଏବଂ ଅନୁମତି ପାଇଁ ଆବେଦନ କରିଥିଲେ। ପ୍ରଶାସନିକସ୍ତରରେ ତାଙ୍କର ଧର୍ମାନ୍ତରୀକରଣ ଗ୍ରହଣ କରାଯାଇ ନଥିଲା, ଯାହା ପରେ ସେ ଆହ୍ଲାବାଦ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ, ଏଡିଏମ ପ୍ରଶାସନ ରିପୋର୍ଟ କରିଥିଲା ଯେ, ଧର୍ମାନ୍ତରୀକରଣ ପାଇଁ ଆବେଦନ ଗ୍ରହଣ କରାଯାଇଛି। ଆବେଦନକାରୀ ୨୦୨୨ ମସିହାରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଜଡିତ ଅଛନ୍ତି। ତାଙ୍କ ପତ୍ନୀ ମଧ ଜଣେ ଶିକ୍ଷାବିତ୍ ଏବଂ ବାଲିଆର ସରକାରୀ ଇଣ୍ଟର କଲେଜରେ ଇଂରାଜୀ ଅଧ୍ୟାପକ ଭାବରେ କାର୍ଯ୍ୟ କରନ୍ତି। ପ୍ରଶାସନିକ ପ୍ରତ୍ୟାଖ୍ୟାନ ଯୋଗୁଁ ଦମ୍ପତି ବିବାହ ପଞ୍ଜିକରଣ, ପରିଚୟପତ୍ର, ସରକାରୀ ରେକର୍ଡ ଏବଂ ଅନ୍ୟାନ୍ୟ ଆଇନଗତ ଅଧିକାର ସମ୍ପର୍କରେ ଗମ୍ଭୀର ଅସୁବିଧା ଏବଂ ମାନସିକ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ବୈବାହିକ ପରିଚୟ ଏବଂ ଭବିଷ୍ୟତର ପାରିବାରିକ ଅଧିକାର ମଧ ଅନିଶ୍ଚିତତାରେ ଘୋଡ଼ାଇ ହୋଇଯାଇଥିଲା।





## କକ୍ରୋଚର କାୟା ବିସ୍ତାର ଓ ଦେଶର ଭବିଷ୍ୟତ

ଓଡ଼ିଆରେ ଲୋକେ କାହାକୁ ନ୍ୟୁନ କରି ଦେଖିଲା ବେଳେ କହିଥାଆନ୍ତି 'ସିଏ ଗୋଟେ ମଣିଷ ନା ଅସରପା ଗୋଟେ ଚଢ଼େଇ' । କିନ୍ତୁ ଏବେ ସେହି ଅସରପାର ବୌଦ୍ଧିକ ରୂପାନ୍ତରଣ ଘଟିଛି । ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ ତାହାର ନବକଳେବର କରି ଦେଇଛନ୍ତି । ୧୫ ମେ' ୨୦୨୬ରେ ଏକ ଶୁଣାଣି ସମୟରେ ପ୍ରଧାନ ବିଚାରପତି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ଆକ୍ରମଣ କରୁଥିବା କେତେକ ବେକାର ଯୁବକ ଏବଂ କର୍ମୀଙ୍କୁ କକ୍ରୋଚ ସହିତ ତୁଳନା କରି ପରଜୀବୀ ଆଖ୍ୟା ଦେଇଥିଲେ । ସେ ଆହୁରି କହିଥିଲେ ଯେ, ସୋସିଆଲ ମିଡିଆରେ ସକ୍ରିୟ ରହିଥିବା, ସାମ୍ବାଦିକତା କିମ୍ବା ଜନସ୍ୱାର୍ଥ ଅଭିଯାନରେ ଜଡ଼ିତ ଥିବା ବ୍ୟକ୍ତିମାନେ ସମସ୍ତଙ୍କୁ ଆକ୍ରମଣ କରିଥାଆନ୍ତି । ତାଙ୍କର ଏଭଳି ମନ୍ତବ୍ୟକୁ ଦେଶବ୍ୟାପୀ ପ୍ରତିବାଦ କରାଯାଉଛି । ପାଟିରୁ ତ ବାହାରି ଯାଇଛି । ଆଉ କିଛି ଉପାୟ ନ ପାଇ ସେ ସ୍ପଷ୍ଟୀକରଣ ଦେବାକୁ ଯାଇ କହିଲେ, ଏହା ଜାଲିଆତି ଡିଗ୍ରୀ ହାସଲ କରୁଥିବା ଲୋକଙ୍କ ବିଷୟରେ ଥିଲା ଏବଂ ସେ ସମଗ୍ର ଭାରତୀୟ ଯୁବବର୍ଗଙ୍କୁ ଅପମାନ କରିବାକୁ ଚାହୁଁ ନଥିଲେ । କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା । କାରଣ ସମସ୍ତେ ଦେଶର ପ୍ରଧାନ ବିଚାରପତିଙ୍କ ତତ୍ତ୍ୱକୁ ଭଲ ଭାବେ ବୁଝିସାରିଥିଲେ । ସୂର୍ଯ୍ୟକାନ୍ତଙ୍କ ଦ୍ୱାରା ବ୍ୟବହାର କରାଯାଇଥିବା ଶବ୍ଦ ଦର୍ଶାଇଥିଲା ଭାରତର ସାମ୍ପ୍ରତିକ ନେତୃତ୍ୱର ମାନସିକତା ଏବଂ ଦେଶର ଯୁବପିଢ଼ି ପ୍ରତି ଆଭିମୁଖ୍ୟ । ସେହି ମନ୍ତବ୍ୟଗୁଡ଼ିକ ଅନ୍‌ଲାଇନରେ ଖୁବ୍‌ଶୀଘ୍ର ବ୍ୟାପିଲା ଏବଂ ଅନେକେ ଏହାକୁ ଯୁବବର୍ଗଙ୍କ ପାଇଁ ହତାଦରସୂଚକ ଭାବେ ଦେଖିଲେ । ଏବେ 'ଜେନ୍ ଜି' ଭଳି ଯୁବବର୍ଗଙ୍କ ପାଇଁ ଏହା ଅସ୍ତ୍ର ପାଲଟି ଯାଇଛି । ସେମାନଙ୍କ ହାତରେ ଅସରପା ଅସ୍ତ୍ର ଦେଖି ଶାସକ ବର୍ଗ ଆଶ୍ଚର୍ଯ୍ୟଚକିତ ହେଲା ଭଳି ମନେହେଉଛି । ମନେପକାଇ ଦିଆଯାଇପାରେ 'ଜେନ ଜି' ପଡ଼ୋଶୀ ରାଷ୍ଟ୍ର ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାରେ ସୋସିଆଲ ମିଡିଆ ବ୍ୟବହାର କରି ଅଭୂତପୂର୍ବ ରାଜନୈତିକ ଉତ୍ଥାନ ଘଟାଇବାର ଶକ୍ତି ପ୍ରଦର୍ଶନ କରିଥିଲା । ଭାରତୀୟ ଯୁବବର୍ଗ ବାକ୍ ସ୍ୱାଧୀନତା ଓ ମୁକ୍ତ ଚିନ୍ତାଧାରା ବିରୋଧରେ ଆକ୍ରମଣ ହେଉଥିବା ଦେଖୁଥିଲେ ମଧ୍ୟ ଚୁପ୍‌ଚାପ୍ ରହିଯାଉଥିଲା । କାରଣ ଅନେକ ଯୁବକଙ୍କୁ ଜେଲ ପଠାଇଦିଆଯିବା କିମ୍ବା ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଭଳି କଠୋର ଆଇନ ଲଗାଇବାର ଧମକ ଦିଆଯାଉଥିଲା । ନିରାନନ୍ଦ ଭବିଷ୍ୟତକୁ ଅନିଶା କରୁଥିବା ଭାରତୀୟ ଯୁବବର୍ଗ ଅନ୍ୟ ଦେଶଗୁଡ଼ିକ ପରି ହିଂସାତ୍ମକ ଓ ଅଗଣତାନ୍ତ୍ରିକ ପ୍ରତିବାଦ ନୁହେଁ, ବରଂ ଶାନ୍ତିପୂର୍ଣ୍ଣ ଏବଂ ଗଣତାନ୍ତ୍ରିକ ଉପାୟରେ ଇଣ୍ଟରନେଟ୍‌କୁ ମୁଖ୍ୟ ହତିଆର କରି ଏକଜୁଟ ହେଉଛନ୍ତି । ଯୋଗକୁ ଏହାକୁ ବଢ଼ାଇଦେଲା ପ୍ରଧାନ ବିଚାରପତିଙ୍କ ବେକାର ଯୁବକମାନଙ୍କୁ କକ୍ରୋଚ ସହିତ ତୁଳନା କରିବା ପରେ ଏକ ବ୍ୟଙ୍ଗାତ୍ମକ ଅନଲାଇନ୍ ସମାଲୋଚନା ରୂପରେ । ବର୍ତ୍ତମାନ ଅନେକ ଲକ୍ଷ ଭାରତୀୟ ଯୁବତୀଯୁବକ ହତାଶାକୁ ବ୍ୟକ୍ତ କରିବା ପାଇଁ ଏହାକୁ ମାଧ୍ୟମ କରିଦେଇଛନ୍ତି । ଫଳସ୍ୱରୂପ, ଅସରପାକୁ ପ୍ରତୀକ ଭାବରେ ନେଇ ଏକ ବିଦ୍ରୁପାତ୍ମକ ରାଜନୈତିକ ଦଳ ହଠାତ୍ ଭାରତର ସୋସିଆଲ ମିଡିଆରେ ଆଗକୁ ଆସିଛି, ଯାହା କକ୍ରୋଚ ଜନତା ପାର୍ଟି (ସିଜେପି) ବୋଲି କୁହାଯାଉଛି । ସିଜେଆଇଙ୍କ ମନ୍ତବ୍ୟର ଦିନକ ପରେ ସୃଷ୍ଟି ହୋଇଥିବା ସିଜେପି ଦ୍ୱାରା ଦୁର୍ନୀତି, ବେକାରି ଏବଂ ରାଜନୈତିକ ନିଷ୍କ୍ରିୟତାକୁ ବ୍ୟଙ୍ଗ କରୁଥିବା ମିମ୍ ଏବଂ କ୍ଷୁଦ୍ର ଭିଡିଓ ସୋସିଆଲ ମିଡିଆରେ ଛାଇ ହୋଇଯାଇଛି । ଭାଇରାଲ ହୋଇଥିବା ସିଜେପି ନିଜର ୱେବ୍‌ସାଇଟ ଏବଂ ସୋସିଆଲ ମିଡିଆ ଆକାଉଣ୍ଟରେ ଗୁଗୁଲ ସର୍ଚ୍ଚ ଅନୁଯାୟୀ ୧ ଜୁନ୍ ୨୦୨୬ରେ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ୨୨ ମିଲିୟନରୁ ଅଧିକ ଅନୁଗାମୀ ହୋଇସାରିଛନ୍ତି, ଯାହା ଶାସକ ଭାଜପାର ୯.୪ ମିଲିୟନ ଫଲୋଅର୍ ଠାରୁ ଯଥେଷ୍ଟ ଅଧିକ । ଏହା ବିଶେଷ ଗୁରୁତ୍ୱ ଧାରଣ କରେ କାରଣ ଭାଜପା କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ତାଙ୍କ ଦଳର କର୍ମୀ ସଂଖ୍ୟାକୁ ନେଇ ବିଶ୍ୱର ସର୍ବବୃହତ୍ ଦଳ; ସେହି ଦଳକୁ ମିଳୁଥିବା ଆର୍ଥିକ ଅନୁଦାନ ମଧ୍ୟ ସବୁଠାରୁ ଅଧିକ । ବୋଷ୍ଟନ ୟୁନିଭର୍ସିଟି ଛାତ୍ର ତଥା ରାଜନୈତିକ ଯୋଗାଯୋଗ ରଣନୀତିକାର ୩୧ ବର୍ଷୀୟ ମରାଠୀ ଦଳିତ ଯୁବକ ଅଭିଜିତ ଦୀପ୍‌କେ ସିଜେପିର ପ୍ରତିଷ୍ଠାତା । ତାଙ୍କ ମନ୍ତବ୍ୟ ଏଭଳି ସମୟରେ ଗୁରୁତ୍ୱ ବହନ କରିଛି ଯେତେବେଳେ ଭାରତୀୟ ଯୁବବର୍ଗଙ୍କ ମଧ୍ୟରେ ବଢୁଥିବା ହତାଶା ଓ ବିରକ୍ତିକୁ ପ୍ରତିଫଳିତ କରୁଛି । ସେ କହିଛନ୍ତି, ଯୁବପିଢ଼ି ପ୍ରକୃତରେ ବହୁତ ହତାଶ ଥିଲା । ପ୍ରଚଳିତ ସରକାରୀ ବ୍ୟବସ୍ଥା ପ୍ରତି ବୀତସ୍ପୃହ ଗଭୀର ନିଦ୍ରାରେ ଥିବା ଭାରତୀୟ ଯୁବବର୍ଗଙ୍କୁ ଅଜାଣତରେ ପ୍ରଧାନ ବିଚାରପତି ଚିଆଁଇ ଦେଇଛନ୍ତି । ସମ୍ପ୍ରତି ସରକାରୀ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ନେଇ କ୍ରୋଧିତ ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିଛି । ନୂଆ ଏକ ଘଟଣାକ୍ରମରେ ଅଭିଜିତ୍ ଦୀପ୍‌କେ ୧ ଜୁନ୍‌ରେ ଘୋଷଣା କରିଛନ୍ତି ଯେ, ଆସନ୍ତା ୬ ତାରିଖରେ ସେ ଭାରତ ଫେରି ଯନ୍ତରମନ୍ତରଠାରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ମାଧ୍ୟମରେ ପରୀକ୍ଷା ବିଭ୍ରାଟ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବେ । ତାଙ୍କ ସହ ଯୋଗଦେବା ସକାଶେ ସେ 'ଢ' ଓ 'ଇନ୍‌ଷ୍ଟାଗ୍ରାମ୍' ମାଧ୍ୟମରେ ସମର୍ଥକ ଓ ଛାତ୍ରୀଛାତ୍ରଙ୍କୁ ନିବେଦନ କରିଛନ୍ତି । ଦେଖିବାକୁ ଗଲେ ଦୀପ୍‌କେ ଜଣେ ଅଜଣା ଓ ଅଶୁଣା ବ୍ୟକ୍ତି । ତାଙ୍କୁ ରାହୁଲ ଗାନ୍ଧୀ, ମମତା ବାନାର୍ଜୀ, ଅଖିଲେଶ ଯାଦବ, ଧ୍ରୁବ ରାଠି, ଅରବିନ୍ଦ କେଜ୍‌ରିୱାଲ କିମ୍ବା କୁନାଲ୍ କାମ୍‌ରାଙ୍କ ଭଳି ଗତାନୁଗତିକ ବିରୋଧୀଙ୍କ ସହ ତୁଳନା କରିବା ଅନୁଚିତ ।

## କବିତା ଗୁଚ୍ଛ

### ଆଦର୍ଶ ପିତୃମାତୃ ଭକ୍ତ ଶ୍ରବଣକୁମାର



ରାମାୟଣ ମହାକାବ୍ୟ ଅପୂର୍ବ କାହାଣୀ ।
ଶ୍ରବଣ କୁମାର ଗାଥା ସର୍ବେ ଥିବ ଶୁଣି ।।
ଶ୍ରବଣ କୁମାର ଅନନ୍ୟ ପିତୃମାତୃ ଭକ୍ତ ।
ଭାରେ ଧରି ପିତାମାତା ଚଳିକରି ତୀର୍ଥ ।।
ଜଳକଷ୍ଟେ ପିତା ମାତା ଅତୀବ ଆତୁର ।
ଭାର ରଖି ଜଳ ଆଣିଗଲା ସେ ସତ୍ୱର ।।
ପାରିଧିରେ ବୁଲୁ ଥିଲେ ରାଜା ଦଶରଥ ।
ଶବ୍ଦଭେଦିବାଣେ ତାକୁ କରିଲେ ନିହତ ।।
ପିତା ମାତା ଜଳତୃଷ୍ଣା ମେଣ୍ଟି ନପାରିଲା ।
ଦୂରେରହି ଶ୍ରବଣ ଯେ ପ୍ରାଣ ବିସର୍ଜିଲା ।।
ଦଶରଥେ ଶାପଦେଲେ ସେ ମୁନିରତନ ।
ପୁତ୍ରବିଚ୍ଛେଦରେ ନିଶ୍ଚେ ଯିବ ତୁମ୍ଭ ପ୍ରାଣ ।।
ଦିବ୍ୟବିମାନେ ଚଳିଲେ ମୁନି ପୁତ୍ର ମାତ ।
ରାମବନବାସେ ହେଲେ ଦଶରଥ ମୃତ ।।
ଶ୍ରବଣ କୁମାର ଆଦର୍ଶ ପିତୃ ମାତୃ ଭକ୍ତ ।
ଅପୂର୍ବକୀର୍ତ୍ତି ଘୋଷଇ ଏ ସାରା ଜଗତ ।।

ଅର୍ଜୁନୀ ଚରଣ ବେହେରା
ମୋ - ୭୬୯୩୦୯୧୯୭୧

# ବିଭାଜିତ ଦୁନିଆରେ ସାମାଜିକ ଗଣମାଧ୍ୟମ ଓ ସାମାଜିକ ଦାୟିତ୍ୱ

ଆଜିର ଡିଜିଟାଲ ଯୁଗରେ ପ୍ରଭାବିତ କରିବାର କ୍ଷମତା ଆଉ କେବଳ ରାଜନୈତିକ ନେତା, ବିଦ୍ୱାନ ବା ପାରମ୍ପରିକ ଗଣମାଧ୍ୟମ ପ୍ରତିଷ୍ଠାନ ପାଖରେ ସୀମିତ ହୋଇ ରହିନାହିଁ । ପାଖରେ ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ସୁବିଧା ଏବଂ ବହୁ ସଂଖ୍ୟକ ଅନଲାଇନ୍ ଅନୁସରଣକାରୀ ଥିବା ଯେକୌଣସି ବ୍ୟକ୍ତି କିଛି ମିନିଟ୍ ମଧ୍ୟରେ ଆଲୋଚନାକୁ ଦିଗନିର୍ଦ୍ଦେଶ କରିପାରିବେ, ନୂତନ ଧାରା ତିଆରି କରିପାରିବେ ଏବଂ ସାଧାରଣ ଚିନ୍ତାଧାରାକୁ ପ୍ରଭାବିତ କରିପାରିବେ । ସାମାଜିକ ଗଣମାଧ୍ୟମ ପ୍ରଭାବକମାନେ ଏବେ ଆଧୁନିକ ଯୋଗାଯୋଗ କ୍ଷେତ୍ରରେ ଏକ ପ୍ରଭାବଶାଳୀ ଶକ୍ତି, ଯେଉଁମାନେ ଜନମତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । କିନ୍ତୁ ଏହି ବର୍ଦ୍ଧିତ ଶକ୍ତି ସହିତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ଥାଏ, ଯାହା ସର୍ବଦା ବୁଦ୍ଧିମାନ ଭାବରେ ବ୍ୟବହୃତ ହୁଏନାହିଁ । ଏହାର ଦୁରୁପଯୋଗ ସାମ୍ପ୍ରଦାୟିକ ସଦ୍ଭାବକୁ କ୍ଷତି ପହଞ୍ଚାଇପାରେ, ବିଭାଜନକୁ ଗଭୀର କରିପାରେ ଏବଂ ଦେଶର ସାମାଜିକ ଗଠନକୁ ଅସ୍ଥିର କରିଦେଇପାରେ ।

ସାମାଜିକ ଗଣମାଧ୍ୟମ ପ୍ରଭାବକମାନେ ଲୋକଙ୍କ ଧ୍ୟାନ ଆକର୍ଷଣ କରିବାରେ ସଫଳ ହୁଅନ୍ତି କାରଣ ସେମାନେ ସହଜରେ ପହଞ୍ଚିବାଯୋଗ୍ୟ ଏବଂ ନିଜ ମାନଙ୍କ ପରି ଲାଗନ୍ତି । ଆନୁଷ୍ଠାନିକ ପ୍ରତିଷ୍ଠାନ ପରି ନୁହେଁ, ବରଂ ସେମାନେ ସାଧାରଣ ଦୈନିକ ଭାଷାରେ ଯୋଗାଯୋଗ କରନ୍ତି, ଅନୁଗାମୀମାନଙ୍କ ସହିତ ସିଧାସଳଖ ଜଡ଼ିତ ହୁଅନ୍ତି ଏବଂ ପ୍ରାୟତଃ ଭାବପ୍ରବଣ ବିଶ୍ୱାସ ସୃଷ୍ଟି କରନ୍ତି । ଏହି ସଂଯୋଗ ସେମାନଙ୍କର କଥାକୁ ଅସାଧାରଣ ଗୁରୁତ୍ୱ ଦେଇଥାଏ । ଅନଲାଇନରେ ସେୟାର କରାଯାଇଥିବା ପରାମର୍ଶ, ମତାମତ କିମ୍ବା ପ୍ରତିକ୍ରିୟା ହଜାର ହଜାର ଏବଂ କେତେକ ସମୟରେ ଲକ୍ଷ ଲକ୍ଷ ଲୋକଙ୍କ ପସନ୍ଦ ଏବଂ ବିଶ୍ୱାସକୁ ପ୍ରଭାବିତ କରିପାରେ । ସାମାଜିକ ସମସ୍ୟା, ଜୀବନଶୈଳୀ ଧାରା, ସାର୍ବଜନୀନ ନୀତି କିମ୍ବା ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ଆଲୋଚନା ହେଉ, ବର୍ତ୍ତମାନ ଗଣ ମାଧ୍ୟମ ପ୍ରଭାବକମାନେ ନିର୍ଦ୍ଦିଷ୍ଟ ଏକ ପିଢ଼ିର ମାନସିକତାକୁ ଆକାର ଦେବାରେ ସାହାଯ୍ୟ କରନ୍ତି । ଏହି ପ୍ରଭାବ ପ୍ରଗତି ଦିଗରେ ଏକ ଶକ୍ତି ହୋଇପାରେ । ଅନେକ ସୋସିଆଲ ମିଡ଼ିଆ କ୍ରିଏଟର ଶିକ୍ଷା, ପରିବେଶ ସଚେତନତା, ସ୍ୱାସ୍ଥ୍ୟ ଅଭିଯାନ, ବିପର୍ଯ୍ୟୟ ସହାୟତା ଏବଂ ଅବହେଳିତ ସମ୍ପ୍ରଦାୟ ପାଇଁ ସମର୍ଥନକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ପ୍ଲାଟଫର୍ମ ବ୍ୟବହାର କରିଛନ୍ତି । ସଙ୍କଟ ସମୟରେ ଅନଲାଇନ୍ ସ୍ୱରଗୁଡ଼ିକ ରକ୍ତଦାନ ଅଭିଯାନକୁ ପ୍ରୋତ୍ସାହନ ଦେଇଛନ୍ତି, ରିଲିଫ୍ ପ୍ରୟାସ ପାଇଁ ପାଣ୍ଠି ସଂଗ୍ରହ କରିଛି ଏବଂ ଜୀବନ ରକ୍ଷାକାରୀ ସୂଚନା ପ୍ରସାର କରିଛି । ମାନସିକ ସ୍ୱାସ୍ଥ୍ୟ ସଚେତନତା ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରୁଥିବା ଅଭିଯାନଗୁଡ଼ିକ ଡିଜିଟାଲ୍ ପକ୍ଷସମର୍ଥନ ମାଧ୍ୟମରେ ମଧ୍ୟ ଶକ୍ତି ହାସଲ କରିଛି । ଏହି ଉଦାହରଣଗୁଡ଼ିକ ଦର୍ଶାଏ ଯେ ଦାୟିତ୍ୱ ଦ୍ୱାରା ପରିଚାଳିତ ହେଲେ ପ୍ରଭାବ ସାମାଜିକ ମଙ୍ଗଳର ଏକ ମୂଲ୍ୟବାନ ଉପକରଣ ହୋଇପାରେ ।

ତଥାପି ଏହି ଘଟଣାର ଅନ୍ଧକାର ଦିଗକୁ ଅଣଦେଖା କରାଯାଇପାରିବ ନାହିଁ । ଦୃଶ୍ୟମାନତା, ସଂଲଗ୍ନତା ଏବଂ ଆୟ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ କେତେକ ବ୍ୟକ୍ତି ଅତିରଞ୍ଜନାତ୍ମକ ଓ ଆକର୍ଷଣୀୟ କଥାବାର୍ତ୍ତାକୁ ଆଶ୍ରୟ କରନ୍ତି । ସେମାନେ ଅର୍ଦ୍ଧସତ୍ୟ, କଟା-ଛଟା ଭିଡିଓ, ଉତ୍ତେଜକ ମନ୍ତବ୍ୟ କିମ୍ବା ଯାଞ୍ଚ ନ ହୋଇଥିବା ଦାବିକୁ ସେୟାର କରନ୍ତି କାରଣ ବିବାଦ ସର୍ବଦା ଦୃଷ୍ଟି ଆକର୍ଷଣ କରିଥାଏ । କ୍ରୋଧ ଏବଂ ଉତ୍ତେଜନା ଏବେ ଲାଭଜନକ ହୋଇପାରିଛି, ଏବଂ ଲୋକଙ୍କ ଭାବନାକୁ ଛୁଇଁଥିବା ପୋଷ୍ଟଗୁଡ଼ିକୁ ଆଲଗୋରିଦମ ବେଶୀ ଦେଖାଏ; ଯାହା ଫଳରେ ଭୁଲ ସୂଚନାର ଦ୍ରୁତ ପ୍ରସାର ହୋଇଥାଏ । ଯେତେବେଳେ ଧାର୍ମିକ, ଆଞ୍ଚଳିକ, ଭାଷାଗତ କିମ୍ବା ସାଂସ୍କୃତିକ ପରିଚୟକୁ ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରାଯାଏ, ସେତେବେଳେ ବିପଦ ଆହୁରି ବଢ଼ି ଯାଏ । ଆସ୍ଥା ଓ ବିଶ୍ୱାସକୁ ଅପମାନକରିବା, ପରମ୍ପରାକୁ ଉପହାସ କରିବା କିମ୍ବା ସମ୍ପ୍ରଦାୟ ମଧ୍ୟରେ ସନ୍ଦେହ ପ୍ରସାର କରିବା ପାଇଁ ଡିଜାଇନ୍ କରାଯାଇଥିବା ପୋଷ୍ଟଗୁଡ଼ିକ ଡିଜିଟାଲ୍ ଦୁନିଆଠାରୁ ବହୁ ଦୂରରେ ଉତ୍ତେଜନା ସୃଷ୍ଟି କରିପାରେ । ଏକ ହେରଫେର କରାଯାଇଥିବା ଭିଡିଓ, ଏକ ଭ୍ରମାତ୍ମକ କ୍ୟାପସନ୍ କିମ୍ବା ଏକ ମନଗଢ଼ା କାହାଣୀ ରାତାରାତି ଲୋକଙ୍କ ମନରେ କ୍ରୋଧ ସୃଷ୍ଟି କରିପାରେ । ଅନେକ ସମୟରେ ଦେଖାଯାଇଛି ଯେ ବିଭିନ୍ନ ସମାଜରେ ଅନେକ କ୍ଷେତ୍ରରେ, ଅନଲାଇନ୍ ଗୁଜବକୁ ନେଇ ପ୍ରତିବାଦ, ସଂଘର୍ଷ ଏବଂ ସମ୍ପ୍ରଦାୟ ମଧ୍ୟରେ ବିଶ୍ୱାସ ଭାଙ୍ଗିବାର ମୂଳ କାରଣ । ସ୍କ୍ରିନ୍ ଆଭାସୀ ହୋଇପାରେ, କିନ୍ତୁ ପରିଣାମ ଅତ୍ୟନ୍ତ ଦୁଃଖଦାୟକ ।

ଏହି ପ୍ରସଙ୍ଗକୁ ଅଧିକ ଚିନ୍ତାଜନକ କରୁଥିବା ବିଷୟ ହେଉଛି ସୋସିଆଲ ମିଡିଆର ଗତି ଏବଂ ପରିମାଣ । କର୍ତ୍ତୃପକ୍ଷ କିମ୍ବା ତଥ୍ୟ-ଯାଞ୍ଚକାରୀଙ୍କ ପ୍ରତିକ୍ରିୟା ପୂର୍ବରୁ ଏକ ବିଭାଜନକାରୀ ବାର୍ତ୍ତା ସହର ଏବଂ ସୀମାନ୍ତ ଅତିକ୍ରମ କରିପାରେ । ସତ୍ୟ ସାମ୍ନାକୁ ଆସିବା ପୂର୍ବରୁ କ୍ଷତି ହୋଇଯାଇଥାଏ ଏବଂ ଭୁଲ କଥା ଠାରୁ ସଠିକ୍ ସୁଧାରିବାକୁ ସେତେ ଧ୍ୟାନ ମିଳିନଥାଏ । ଏହି ଅସନ୍ତୁଳନ, ଘୃଣା ଏବଂ ଭୟକୁ ଯୁକ୍ତି ଅପେକ୍ଷା ଦ୍ରୁତ ଗତିରେ ପ୍ରସାରିତ ହେବାରେ ସାହାଯ୍ୟ କରେ । ତେଣୁ, ଏସବୁ ପାଇଁ ସୋସିଆଲ ମେଡିଆ ପ୍ରଭାବକମାନେ ପ୍ରଥମେ ଦାୟୀ । ଯେଉଁମାନେ ଦର୍ଶକଙ୍କୁ ନିୟନ୍ତ୍ରଣ କରନ୍ତି, ସେମାନେ ତଥ୍ୟ ଯାଞ୍ଚ କରିବା ଉଚିତ, ବେପରୁଆ ମନ୍ତବ୍ୟ ଏଡାଇବା ଉଚିତ ଏବଂ ବୁଝିବା ଉଚିତ ଯେ ତାଙ୍କ ଦ୍ୱାରା ବ୍ୟବହାର ଶବ୍ଦଗୁଡ଼ିକ ସକାରାତ୍ମକ ପ୍ରଭାବ ପକାଇପାରେ କିମ୍ବା କ୍ଷତି କରିପାରେ । ସ୍ୱାଧୀନତାର ସହ ମତ ପ୍ରକାଶ କରିବା ଏକ ଗଣତାନ୍ତ୍ରିକ ଅଧିକାର, କିନ୍ତୁ ଏହାର ଅର୍ଥ ଦ୍ୱେଷ ଭଡ଼କାଇବା କିମ୍ବା ଶାନ୍ତିକୁ ଭଙ୍ଗକରିବାର ସ୍ୱାଧୀନତା ନୁହେଁ । ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକୁ ମଧ୍ୟ ସେମାନଙ୍କର ଦାୟିତ୍ୱ ଗ୍ରହଣ କରିବାକୁ ପଡିବ । ଭୁଲ ସୂଚନା, ଘୃଣାଭରା କଥା ଓ ହିଂସା ଭଡ଼କାଇବା ପାଇଁ ଥିବା ବିଷୟକୁ ଚିହ୍ନଟ କରିବା ପାଇଁ ଏକ ଦୃଢ଼ ବ୍ୟବସ୍ଥା ଆବଶ୍ୟକ । ଆଲଗୋରିଦମରେ ସ୍ୱଚ୍ଛତା ଏବଂ କ୍ଷତିକାରକ ବିଷୟ ବିରୁଦ୍ଧରେ ଶୀଘ୍ର ପଦକ୍ଷେପ ନିଆଯିବା ବହୁତ ଜରୁରୀ । ସେହି ସମୟରେ, ସରକାର ଏମିତି ନିୟମ କରିବା ଉଚିତ୍ ଯାହା ଶାନ୍ତିକୁ ରକ୍ଷା କରିବ, କିନ୍ତୁ ସଠିକ୍ ଆଲୋଚନା ଓ ମତବିନିମୟକୁ ଦମନ କରିବ ନାହିଁ । ନାଗରିକମାନଙ୍କର ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ଏକ ଡିଜିଟାଲ୍ ଜ୍ଞାନ ଥିବା ସମାଜ ଠକେଇ ବିରୁଦ୍ଧରେ ସବୁଠାରୁ ଶକ୍ତିଶାଳୀ ପ୍ରତିରକ୍ଷା । ଲୋକମାନେ ଭାଇରାଲ୍ କଥାକୁ ପଚାରିବା, ସତ୍ୟତା ଯାଞ୍ଚ କରିବା ଏବଂ ଅନ୍ଧ ଭାବରେ ଉତ୍ତେଜନାପୂର୍ଣ୍ଣ ବିଷୟବସ୍ତୁ ସେୟାର କରିବାଠାରୁ ଦୂରେଇ ରହିବା ଶିଖିବା ଉଚିତ୍ । ପ୍ରତ୍ୟେକ ଫରୱାର୍ଡ, ରିପୋଷ୍ଟ କିମ୍ବା ମନ୍ତବ୍ୟ ସାମାଜରେ ଶାନ୍ତି ବଢ଼ାଏ କିମ୍ବା ବିରୋଧ ସୃଷ୍ଟି କରେ । ୨୧ତମ ଶତାବ୍ଦୀରେ ସାମାଜିକ ଗଣମାଧ୍ୟମ ପ୍ରଭାବକଙ୍କ ବୃଦ୍ଧି ଶକ୍ତିର ପରିବର୍ତ୍ତିତ ରୂପକୁ ଦେଖାଏ । ଆଜିର ଦିନରେ ପ୍ରଭାବ ହେଉଛି ବିକେନ୍ଦ୍ରୀକୃତ, ତୁରନ୍ତ ଏବଂ ବ୍ୟକ୍ତିଗତ । ଭଲ ଭାବେ ବ୍ୟବହାର କଲେ ଏହା ଲକ୍ଷ ଲକ୍ଷ ଲୋକଙ୍କୁ ଶିକ୍ଷା ଦେଇପାରେ, ଏକତ୍ର କରିପାରେ ଓ ପ୍ରେରଣା ଦେଇପାରେ । କିନ୍ତୁ ଦାୟିତ୍ୱହୀନ ଭାବେ ବ୍ୟବହୃତ ହେଲେ, ଏହା ସମ୍ପ୍ରଦାୟଗୁଡ଼ିକୁ ଭାଗ କରିଦେଇପାରେ ଓ ସାଧାରଣ ଆଲୋଚନାକୁ ଖରାପ କରିଦେଇପାରେ ସମାଜ ଆଖିରେ ପସନ୍ଦ ସ୍ପଷ୍ଟ- ଏହା ଲୋକଙ୍କ ମଧ୍ୟରେ ଏକ ସେତୁ ହେବ କିମ୍ବା ଶାନ୍ତି ବିରୁଦ୍ଧରେ ଏକ ଅସ୍ତ୍ର । ଏହି ପସନ୍ଦ ଆମ ଅନଲାଇନ୍ ସଂସ୍କୃତି ସହ ଆମ ସମୟର ନୈତିକ ଚରିତ୍ରକୁ ମଧ୍ୟ ଗଢ଼ିବ ।

- ଇନସା ୱାରସୀ
ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍ ଷ୍ଟଡିଜ୍
ଜାମିଆ ମିଲିଆ ଇସଲାମିଆ

# ସଂଖ୍ୟା ବାହାରେ: ଭାରତର ନୂତନ ଶିଳ୍ପ ସୂଚକାଙ୍କ ଏହାର ଆର୍ଥିକ ଭବିଷ୍ୟତ ବିଷୟରେ କ'ଣ ପ୍ରକାଶ କରେ




ଡକ୍ଟର ନୀଳମଣି ସୂତାର

ପରିସଂଖ୍ୟାନ ବହୁତ କମ୍ ଭାବନାକୁ ଉତ୍ତେଜିତ କରେ । ସଂଖ୍ୟା, ପ୍ରତିଶତ ଏବଂ ସୂଚକାଙ୍କ ସ୍ତମ୍ଭ ପ୍ରାୟତଃ ସାଧାରଣ ଲୋକଙ୍କ ଜୀବନରୁ ବିଚ୍ଛିନ୍ନ ଦେଖାଯାଏ । ତଥାପି, ପ୍ରତ୍ୟେକ ଅର୍ଥନୈତିକ ସୂଚକାଙ୍କ ପଛରେ ରାତିସାରା କାରଖାନା ଗୁଞ୍ଜରିତ ହେବା, ମର୍ଯ୍ୟାଦା ପାଇଁ ଚେଷ୍ଟା କରୁଥିବା ଶ୍ରମିକ, ବିପଦ ନେଉଥିବା ଉଦ୍ୟୋଗୀ ଏବଂ ଏକ ରାଷ୍ଟ୍ର ଏହାର ଭାଗ୍ୟ ଗଠନ କରିବାକୁ ଚେଷ୍ଟା କରୁଥିବାର କାହାଣୀ ରହିଛି । ସଦ୍ୟତମ ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) କେବଳ ଆଉ ଏକ ମାସିକ ତଥ୍ୟ ପ୍ରକାଶନ ନୁହେଁ । ଏହା ଭାରତୀୟ ଅର୍ଥନୀତିର ପରିବର୍ତ୍ତନ, ଶକ୍ତି ଏବଂ ଦୁର୍ବଳତାକୁ ପ୍ରତିଫଳିତ କରୁଥିବା ଏକ ଦର୍ପଣ । ୨୦୨୨-୨୩ କୁ ମୂଳ ବର୍ଷ ସ୍ଥାନାନ୍ତରିତ ହେବା ସହିତ ଏକ ନୂତନ ସଂଶୋଧିତ ଓଓଚ ସିରିଜ୍ ଅଧୀନରେ ଭାରତର ଶିଳ୍ପ ଉତ୍ପାଦନ ଏପ୍ରିଲରେ ୪.୯% ବୃଦ୍ଧି ପାଇଛି । ସଂଶୋଧନ ବୈଷୟିକ, ଏପରିକି ଅମଲାତାନ୍ତ୍ରିକ ଦେଖାଯାଇପାରେ, କିନ୍ତୁ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ କିଛି ପ୍ରତିନିଧିତ୍ୱ କରେ । ଏହା ଏକ ସ୍ୱୀକୃତି ଯେ ଅର୍ଥନୀତି ବିକଶିତ ହୁଏ, ଶିଳ୍ପ ପରିବର୍ତ୍ତନ ହୁଏ, ପ୍ରଯୁକ୍ତିବିଦ୍ୟା ପୁରୁଣା ଢାଞ୍ଚାକୁ ବିପର୍ଯ୍ୟସ୍ତ କରେ, ଏବଂ ପରିସଂଖ୍ୟାନ ପ୍ରଣାଳୀ ବାସ୍ତବତା ସହିତ ତାଳ ଦେଇ ଚାଲିବାକୁ ପଡିବ । ଏକ ପୁରୁଣା ଢାଞ୍ଚା ବୁଝାମଣାକୁ ବିକୃତ କରିପାରେ; ଏକ ଆଧୁନିକ ଢାଞ୍ଚା ଆଗକୁ ପଥକୁ ଆଲୋକିତ କରିପାରିବ । ନୂତନତମ ଆଇଆଇପି ଠିକ୍ ସେହିପରି କରେ - ଏହା ଭାରତକୁ ଆଶ୍ୱସ୍ତିକର ଅଭିବୃଦ୍ଧି ସଂଖ୍ୟା ବାହାରେ ଦେଖିବା ଏବଂ ଏହାର ବିକାଶର ପ୍ରକୃତି ବିଷୟରେ ଗଭୀର ପ୍ରଶ୍ନଗୁଡ଼ିକର ସମ୍ମୁଖୀନ ହେବାକୁ ଆହ୍ୱାନ କରେ ।

ଅର୍ଥନୈତିକ ସୂଚକଗୁଡ଼ିକୁ ପ୍ରାୟତଃ ଏକ ଯାନର ଡ୍ୟାସବୋର୍ଡ ସହିତ ତୁଳନା କରାଯାଏ । ସେମାନେ ଆମକୁ କୁହନ୍ତି ଯେ ଆମେ କେତେ ଦ୍ରୁତ ଗତିରେ ଆଗକୁ ବଢୁଛୁ କିନ୍ତୁ ଆମେ ସଠିକ୍ ଦିଗରେ ଅଗ୍ରସର ହେଉଛୁ କି ନାହିଁ ତାହା ଆବଶ୍ୟକ ନୁହେଁ । ବର୍ଷ ବର୍ଷ ଧରି, ଭାରତର ଶିଳ୍ପ ପରିସଂଖ୍ୟାନ ଏକ ଭିନ୍ନ ଅର୍ଥନୈତିକ ଯୁଗର ମୂଳ ବର୍ଷ ଉପରେ ନିର୍ଭର କରୁଥିଲା । ସେବେଠାରୁ, ଦେଶ ଡିଜିଟାଲ୍ ବିପ୍ଳବ, ନବୀକରଣୀୟ ଶକ୍ତି ପ୍ରସାରଣ, ବ୍ୟବହାର ପଦ୍ଧତି ପରିବର୍ତ୍ତନ ଏବଂ ସମ୍ପୂର୍ଣ୍ଣ ନୂତନ କ୍ଷେତ୍ରର ଉଦୟ ଦେଖିଛି । ତେଣୁ ମୂଳ ବର୍ଷକୁ ଅପଡେଟ୍ କରିବା ହିସାବରେ ଏକ ଅଭ୍ୟାସ ନୁହେଁ; ଏହା ସଚ୍ଚୋଟତାର ଏକ ଅଭ୍ୟାସ । ଅତୀତର ଲେନ୍ସ ମାଧ୍ୟମରେ ନିଜକୁ ମାପ କରି ଏକ ରାଷ୍ଟ୍ର ନିଜର ଭବିଷ୍ୟତ ଯୋଜନା କରିପାରିବ ନାହିଁ । ସଂଶୋଧିତ ଓଓଚ ନୂତନ ଉତ୍ପାଦ ପ୍ରଚଳନ କରେ, କ୍ଷେତ୍ରଗତ ଓଜନକୁ ପୁନଃନିର୍ମାଣ କରେ ଏବଂ ସମସାମୟିକ ଭାରତକୁ ଭଲ ଭାବରେ ପ୍ରତିନିଧିତ୍ୱ କରୁଥିବା ଆର୍ଥିକ କାର୍ଯ୍ୟକଳାପକୁ ଅନ୍ତର୍ଭୁକ୍ତ କରେ । ଏହା ଗୁରୁତ୍ୱପୂର୍ଣ୍ଣ କାରଣ ନୀତିଗତ ନିଷ୍ପତ୍ତି, ନିବେଶ ରଣନୀତି ଏବଂ ଜନସାଧାରଣଙ୍କ ଆଶା ପ୍ରାୟତଃ ଏହି ମାପ ଉପରେ ନିର୍ମିତ ହୋଇଥାଏ । ଯେତେବେଳେ ମାପ ସ୍କେଲ୍ ପୁରୁଣା ହୋଇଯାଏ, ଏପରିକି ସବୁଠାରୁ ଭଲ ଉଦ୍ଦେଶ୍ୟମୂଳକ ନୀତିଗୁଡ଼ିକ ମଧ୍ୟ ଭୁଲ ମାର୍ଗଦର୍ଶନ ହେବାର ଆଶଙ୍କା ଥାଏ । ଏକ ଆଧୁନିକ ଅର୍ଥନୀତି ଆଧୁନିକ ମାପକ ପାଇବାକୁ ଯୋଗ୍ୟ ।

ତଥାପି, ପଦ୍ଧତିଗତ ଉନ୍ନତିର ଉତ୍ସବ ମଧ୍ୟରେ, ମୁଖ୍ୟ ଅଭିବୃଦ୍ଧି ସଂଖ୍ୟା ସତର୍କତାର ସହିତ ବ୍ୟାଖ୍ୟା ଦାବି କରେ । ୪.୯% ଅଭିବୃଦ୍ଧି ଉତ୍ସାହଜନକ, କିନ୍ତୁ ଏହା ଆତ୍ମସନ୍ତୋଷର କାରଣ ନୁହେଁ । ଶିଳ୍ପ ନିଯୁକ୍ତି ଏବଂ ମୂଲ୍ୟ ସୃଷ୍ଟିର ମେରୁଦଣ୍ଡ, ଉତ୍ପାଦନ ଶକ୍ତି ଦେଖାଇଛି । ପୁଞ୍ଜିଗତ ସାମଗ୍ରୀ ଉତ୍ପାଦନ ମଧ୍ୟ ଉଲ୍ଲେଖନୀୟ ଭାବରେ ବିସ୍ତାରିତ ହୋଇଛି, ଯାହା ନିବେଶ କାର୍ଯ୍ୟକଳାପ ଏବଂ ଭବିଷ୍ୟତର ଉତ୍ପାଦନ କ୍ଷମତା ସୂଚାଇଥାଏ । ଏଗୁଡ଼ିକ ସକାରାତ୍ମକ ସଙ୍କେତ, ବିଶେଷକରି ଏକ ବିଶ୍ୱ ଉତ୍ପାଦନ ଶକ୍ତିଶାଳୀ ହେବାକୁ ଆକାଂକ୍ଷୀ ଦେଶ ପାଇଁ । ତଥାପି, କେବଳ ମେସିନର ଉତ୍ପାଦନ ଦ୍ୱାରା ଆର୍ଥିକ ପ୍ରଗତି ମପାଯାଏ ନାହିଁ । ଶିଳ୍ପ ଅଭିବୃଦ୍ଧିର ଚୂଡ଼ାନ୍ତ ପରୀକ୍ଷା ହେଉଛି ଏହା ମାନବ ଜୀବନକୁ ଉନ୍ନତ କରେ କି ନାହିଁ । ଏହା ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରେ କି ? ଏହା କ'ଣ ପରିବାରର ଆୟ ବୃଦ୍ଧି କରେ ? କ'ଣ ଏହା ଯୁବପିଢ଼ିଙ୍କ ପାଇଁ କର୍ମଶକ୍ତିରେ ପ୍ରବେଶ କରିବାର ସୁଯୋଗ ବୃଦ୍ଧି କରେ ? କ'ଣ ଏହା ଆଞ୍ଚଳିକ ଅସମାନତା ହ୍ରାସ କରେ ? ଏହି ପ୍ରଶ୍ନଗୁଡ଼ିକ ଶିଳ୍ପ ଉତ୍ପାଦନରେ ଯେକୌଣସି ପ୍ରତିଶତ ବୃଦ୍ଧି ଅପେକ୍ଷା ବହୁତ ଗୁରୁତ୍ୱପୂର୍ଣ୍ଣ ରହିଛି । ଭାରତ ଏକ ଐତିହାସିକ ଛକରେ ଠିଆ ହୋଇଛି । ଏହା ବିଶ୍ୱର ସବୁଠାରୁ ଯୁବ ଜନସଂଖ୍ୟା ମଧ୍ୟରୁ ଗୋଟିଏ, ବିପୁଳ ଉଦ୍ୟୋଗୀ ଶକ୍ତି ଏବଂ ବର୍ଦ୍ଧିତ ବିଶ୍ୱ ପ୍ରାସଙ୍ଗିକତା ରଖିଛି । ସେହି ସମୟରେ, ଏହା ଲକ୍ଷ ଲକ୍ଷ ଯୁବ ନାଗରିକଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି କରିବାର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ଶିଳ୍ପ ପ୍ରସାର ଦୀର୍ଘ ସମୟ ଧରି ଜନସଂଖ୍ୟାଗତ ସମ୍ଭାବନା ଏବଂ ଆର୍ଥିକ ସମୃଦ୍ଧି ମଧ୍ୟରେ ସେତୁ ହୋଇଛି । ଯେଉଁ ରାଷ୍ଟ୍ରଗୁଡ଼ିକ ସଫଳତାର ସହିତ ନିଜକୁ ପରିବର୍ତ୍ତନ କରିଛନ୍ତି - ଜାପାନ ଏବଂ ଦକ୍ଷିଣ କୋରିଆରୁ ଚୀନ୍ ଏବଂ ଭିଏତନାମ ପର୍ଯ୍ୟନ୍ତ - ସେମାନେ କେବଳ ଉତ୍ପାଦନ ବୃଦ୍ଧି କରି ନୁହେଁ ବରଂ ଇକୋସିଷ୍ଟମ୍ ସୃଷ୍ଟି କରି ଏହା କରିଛନ୍ତି ଯେଉଁଠାରେ ଉତ୍ପାଦନ ବହୁ ପରିମାଣରେ ନିଯୁକ୍ତି ଏବଂ ସାମାଜିକ ଗତିଶୀଳତା ପାଇଁ ଏକ ଯାନ ପାଲଟିଛି । ଚିନ୍ତାର ବିଷୟ ହେଉଛି ଯେ ଆଜି ଶିଳ୍ପ ଅଭିବୃଦ୍ଧି ପ୍ରାୟତଃ ସ୍ୱୟଂଚାଳିତ, କୃତ୍ରିମ ବୁଦ୍ଧିମତ୍ତା ଏବଂ ପୁଞ୍ଜି-ନିବିଡ଼ ଉତ୍ପାଦନ ପଦ୍ଧତି ଦ୍ୱାରା ବର୍ଦ୍ଧିତ ଭାବରେ ଆକୃତି ପାଇଥିବା ବିଶ୍ୱରେ ଘଟେ । କାରଖାନାଗୁଡ଼ିକ କମ୍ ଶ୍ରମିକ ସହିତ ଅଧିକ ଉତ୍ପାଦନ କରିପାରିବେ । ଉତ୍ପାଦକତା ବୃଦ୍ଧି ପାଏ, କିନ୍ତୁ ନିଯୁକ୍ତି ସମାନୁପାତିକ ଭାବରେ ବୃଦ୍ଧି ପାଇ ନପାରେ । ଏହା ଏକ ବିରୋଧାଭାସ ସୃଷ୍ଟି କରେ: ପ୍ରଭାବଶାଳୀ ଶିଳ୍ପ ପରିସଂଖ୍ୟାନ ବ୍ୟାପକ ଆର୍ଥିକ ଚିନ୍ତା ସହିତ ସହାବସ୍ଥାନ କରିପାରିବ । ତେଣୁ ନୀତି ନିର୍ଦ୍ଧାରକଙ୍କ ପାଇଁ ଚ୍ୟାଲେଞ୍ଜ ହେଉଛି କେବଳ ଉତ୍ପାଦନ ବୃଦ୍ଧି କରିବା ନୁହେଁ ବରଂ ଅଭିବୃଦ୍ଧି ଅନ୍ତର୍ଭୁକ୍ତ ରହିବା ନିଶ୍ଚିତ କରିବା । ସଂଶୋଧିତ(ଆଇଆଇପି) ଆଉ ଏକ ବାସ୍ତବତାକୁ ମଧ୍ୟ ଉଜାଗର କରେ - ଅର୍ଥନୀତିର ଗଠନ ପରିବର୍ତ୍ତନ ହେଉଛି । ନବୀକରଣୀୟ ଶକ୍ତି, ପରିବେଶ ପରିଚାଳନା ଏବଂ ଆଧୁନିକ ଭିତ୍ତିଭୂମି ସହିତ ଜଡିତ ନୂତନ କ୍ଷେତ୍ରଗୁଡ଼ିକ ଗୁରୁତ୍ୱ ପାଉଛନ୍ତି । ଏହା ବିଶ୍ୱସ୍ତରୀୟ ଧାରା ପ୍ରତିଫଳିତ କରେ ଏବଂ ଭବିଷ୍ୟତର ଶିଳ୍ପଗୁଡ଼ିକରେ ଅଂଶଗ୍ରହଣ ପାଇଁ ଭାରତର ପ୍ରସ୍ତୁତିକୁ ସଙ୍କେତ ଦିଏ । ଏପରି କ୍ଷେତ୍ରଗୁଡ଼ିକର ଅନ୍ତର୍ଭୁକ୍ତି କେବଳ ଏକ ପରିସଂଖ୍ୟାନଗତ ସମାୟୋଜନ ନୁହେଁ; ଏହା ଏକ ଘୋଷଣା ଯେ ଅର୍ଥନୀତି ପାରମ୍ପରିକ ଶିଳ୍ପ ସୀମା ବାହାରକୁ ବିକଶିତ ହେଉଛି । କିନ୍ତୁ ସାଂରଚନିକ ପରିବର୍ତ୍ତନ ସ୍ୱୀକୃତି ଅପେକ୍ଷା ଅଧିକ ଦାବି କରେ । ଏଥିପାଇଁ ପ୍ରସ୍ତୁତି ଆବଶ୍ୟକ । ଶ୍ରମିକମାନଙ୍କୁ ନୂତନ ଦକ୍ଷତା ଆବଶ୍ୟକ । ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଦ୍ୟତନ ପାଠ୍ୟକ୍ରମ ଆବଶ୍ୟକ । କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ ସୁବିଧା ଆବଶ୍ୟକ । ଭିତ୍ତିଭୂମି ଉଦୀୟମାନ ଶିଳ୍ପଗୁଡ଼ିକୁ ସମର୍ଥନ କରିବା ଉଚିତ । ଏହି ପରିପୂରକ ନିବେଶ ବିନା, ଆର୍ଥିକ ପରିବର୍ତ୍ତନ ଅସମାନ ହେବାର ଆଶଙ୍କା ସୃଷ୍ଟି କରେ, ସମାଜର ବଡ଼ ବର୍ଗକୁ ପଛରେ ପକାଇ କିଛି କ୍ଷେତ୍ରକୁ ଲାଭ ପହଞ୍ଚାଏ । ଆର୍ଥିକ ସୂଚକଗୁଡ଼ିକୁ ସଂଶୋଧନ କରିବା କାର୍ଯ୍ୟରେ ମଧ୍ୟ ଏକ ବ୍ୟାପକ ଶିକ୍ଷା ଅଛି । ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ସେମାନେ ନୁହଁନ୍ତି ଯେଉଁମାନେ ସିଦ୍ଧତା ଦାବି କରନ୍ତି । ସେମାନେ ହେଉଛନ୍ତି ସେମାନେ ଯେଉଁମାନେ ବାସ୍ତବତା ପ୍ରତି ସେମାନଙ୍କର ବୁଝାମଣାକୁ ନିରନ୍ତର ପରିମାର୍ଜିତ କରନ୍ତି । ଓଓଚ ଅପଡେଟ୍ କରିବା ଦ୍ୱାରା ସଂସ୍ଥାଗତ ପରିପକ୍ୱତା ପ୍ରତିଫଳିତ ହୁଏ - ପରିମାପକୁ ଉନ୍ନତ କରିବା, ଅନୁମାନକୁ ପ୍ରଶ୍ନ କରିବା ଏବଂ ପରିବର୍ତ୍ତିତ ପରିସ୍ଥିତି ସହିତ ଢାଞ୍ଚାକୁ ଗ୍ରହଣ କରିବାର ଇଚ୍ଛୁକତା । ଏପରି ଏକ ଯୁଗରେ ଯେଉଁଠାରେ ଭୁଲ ସୂଚନା ପ୍ରାୟତଃ ତଥ୍ୟକୁ ଛାଇ ଦେଇଥାଏ, ଦୃଢ଼ ପରିସଂଖ୍ୟାନ ବ୍ୟବସ୍ଥା ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱର ମୂଳଦୁଆ । ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ କାରଣ ସେମାନେ କାହାଣୀକୁ ପ୍ରଭାବିତ କରନ୍ତି । କାହାଣୀ ଗୁରୁତ୍ୱପୂର୍ଣ୍ଣ କାରଣ ସେମାନେ ନିଷ୍ପତ୍ତିକୁ ଆକାର ଦିଅନ୍ତି । ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ କାରଣ ସେମାନେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନିର୍ଣ୍ଣୟ କରନ୍ତି । ଏକ ତ୍ରୁଟିପୂର୍ଣ୍ଣ ପରିସଂଖ୍ୟାନ ତ୍ରୁଟିପୂର୍ଣ୍ଣ ନୀତିକୁ ନେଇପାରେ; ଏକ ସଠିକ୍ ଏକ ଅର୍ଥନୈତିକ ସଂସ୍କାରକୁ ମାର୍ଗଦର୍ଶନ କରିପାରିବ । ଏହି କାରଣରୁ ମୂଳ ବର୍ଷ, ପଦ୍ଧତି ଏବଂ ତଥ୍ୟ ଗୁଣବତ୍ତା ବିଷୟରେ ବିତର୍କକୁ ଅର୍ଥନୀତିଜ୍ଞଙ୍କ ପାଇଁ ସଂରକ୍ଷିତ ବୈଷୟିକ ଚିନ୍ତାଧାରା ଭାବରେ ଖାରଜ କରାଯିବା ଉଚିତ୍ ନୁହେଁ । ଏଗୁଡ଼ିକ ମୂଳତଃ ଶାସନ, ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ବିଶ୍ୱାସ ବିଷୟରେ ।

ଏକ ଗଭୀର ସ୍ତରରେ, ନୂତନ ଓଓଚ ପ୍ରକାଶନ ଭାରତର ବିକାଶ ଯାତ୍ରା ଉପରେ ପ୍ରତିଫଳନକୁ ଆମନ୍ତ୍ରଣ କରେ । ଦେଶ ଗତ ତିନି ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ଆର୍ଥିକ ପ୍ରଗତି ହାସଲ କରିଛି । ଏହା ଲକ୍ଷ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରିଛି, ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ ଶିଳ୍ପ ନିର୍ମାଣ କରିଛି ଏବଂ ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି ଭାବରେ ଉଭା ହୋଇଛି । ତଥାପି ଚ୍ୟାଲେଞ୍ଜଗୁଡ଼ିକ ରହିଛି - ଆୟ ବୈଷମ୍ୟ, ନିଯୁକ୍ତି ଚାପ, ଭିତ୍ତିଭୂମି ବ୍ୟବଧାନ ଏବଂ ଅସମାନ ଆଞ୍ଚଳିକ ବିକାଶ । କେବଳ ଅଭିବୃଦ୍ଧି ଏହି ସମସ୍ୟାଗୁଡ଼ିକର ସମାଧାନ କରିପାରିବ ନାହିଁ । ଅଭିବୃଦ୍ଧି ଉଦ୍ଦେଶ୍ୟ ସହିତ ହେବା ଉଚିତ । ଏକ ଅର୍ଥନୀତି ଶେଷରେ ଏକ ମାନବ କାହାଣୀ । ପ୍ରତ୍ୟେକ କାରଖାନା ଉତ୍ପାଦନ ସଂଖ୍ୟା ସୂର୍ଯ୍ୟୋଦୟ ପୂର୍ବରୁ ଘର ଛାଡି ଯାଉଥିବା ଶ୍ରମିକମାନଙ୍କୁ ପ୍ରତିନିଧିତ୍ୱ କରେ । ପ୍ରତ୍ୟେକ ନିବେଶ ପରିସଂଖ୍ୟାନ ଏପରି ଉଦ୍ୟୋଗୀମାନଙ୍କୁ ପ୍ରତିଫଳିତ କରେ ଯେଉଁମାନେ ଅନିଶ୍ଚିତ ଭବିଷ୍ୟତ ପାଇଁ ସେମାନଙ୍କର ସଞ୍ଚୟକୁ ବିପଦରେ ପକାଇଥାନ୍ତି । ପ୍ରତ୍ୟେକ ଉତ୍ପାଦନ ବୃଦ୍ଧି ଆକାଂକ୍ଷାକୁ ସୂଚିତ କରେ - ସେମାନଙ୍କ ପିଲାମାନଙ୍କ ପାଇଁ ଉତ୍ତମ ସୁଯୋଗ ଆଶା କରୁଥିବା ପିତାମାତା, ଅର୍ଥପୂର୍ଣ୍ଣ କ୍ୟାରିଅର ଖୋଜୁଥିବା ସ୍ନାତକ, ସମୃଦ୍ଧି ଏବଂ ସମ୍ମାନ ଖୋଜୁଥିବା ସମ୍ପ୍ରଦାୟ । ନୂତନ ଆଇଆଇପିର ପ୍ରକୃତ ଗୁରୁତ୍ୱ ୪.୯% ସଂଖ୍ୟାରେ ନାହିଁ । ସେହି ସଂଖ୍ୟା ଶେଷରେ ସଂଶୋଧିତ, ଅତିକ୍ରମିତ କିମ୍ବା ଭୁଲିଯିବ । ଯାହା ରହିବ ତାହା ହେଉଛି ବୃହତ ବାର୍ତ୍ତା: ଭାରତ ପରିବର୍ତ୍ତନ ହେଉଛି, ଏବଂ ଏହାର ଅର୍ଥନୀତିକୁ ବୁଝିବା ପାଇଁ ବ୍ୟବହୃତ ଉପକରଣଗୁଡ଼ିକ ଏହା ସହିତ ପରିବର୍ତ୍ତନ ହେବା ଆବଶ୍ୟକ । ସଂଶୋଧିତ ସୂଚକାଙ୍କ ଏକ ସ୍ପଷ୍ଟ ଲେନ୍ସ ପ୍ରଦାନ କରେ ଯାହା ମାଧ୍ୟମରେ ଦେଶର ଶିଳ୍ପ ଦୃଶ୍ୟପଟକୁ ଦେଖିବାକୁ ମିଳିଥାଏ । ଏହା ନୀତି ନିର୍ଦ୍ଧାରକମାନଙ୍କୁ ଉତ୍ତମ ସୂଚନା, ବ୍ୟବସାୟଗୁଡିକ ଅଧିକ ସ୍ୱଚ୍ଛତା ଏବଂ ନାଗରିକମାନଙ୍କୁ ଅର୍ଥନୈତିକ ବାସ୍ତବତାର ଅଧିକ ସଠିକ୍ ଚିତ୍ର ପ୍ରଦାନ କରେ ।




କିନ୍ତୁ କେବଳ ସ୍ୱଚ୍ଛତା ଯଥେଷ୍ଟ ନୁହେଁ । ଏହା କାର୍ଯ୍ୟକୁ ପ୍ରେରଣା ଦେବା ଉଚିତ । ଭାରତର ମହତ୍ତ୍ୱାକାଂକ୍ଷା କେବଳ ଏକ ବୃହତ ଅର୍ଥନୀତି ହେବା ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ । ଏହା ଏକ ଅଧିକ ସମାନ, ଉଦ୍ଭାବନଶୀଳ ଏବଂ ସୁଯୋଗ-ସମୃଦ୍ଧ ସମାଜ ହେବାକୁ ଆକାଂକ୍ଷା କରିବା ଉଚିତ । ଶିଳ୍ପ ଅଭିବୃଦ୍ଧି କେବଳ ଉତ୍ପାଦନ ଦ୍ୱାରା ନୁହେଁ ବରଂ ଆଶା ସୃଷ୍ଟି କରିବାର କ୍ଷମତା ଦ୍ୱାରା ମଧ୍ୟ ମାପ କରାଯିବା ଉଚିତ । ପରିସଂଖ୍ୟାନ କେବଳ ପ୍ରଗତି ରେକର୍ଡ କରିବା ଉଚିତ ନୁହେଁ; ସେମାନେ ଏହାକୁ ମାର୍ଗଦର୍ଶନ କରିବା ଉଚିତ । ତେଣୁ ସଦ୍ୟତମ ଓଓଚ ଏକ ପରିସଂଖ୍ୟାନ ଅଦ୍ୟତନ ଅପେକ୍ଷା ଅଧିକ । ଏହା ଏକ ସ୍ମରଣକାରୀ ଯେ ବିକାଶ ଏକ ସଂଖ୍ୟାତ୍ମକ ଏବଂ ନୈତିକ ପ୍ରୟାସ । ପ୍ରତ୍ୟେକ ସୂଚକାଙ୍କ ପଛରେ ଏକ ରାଷ୍ଟ୍ର ରହିଛି ଯାହା ଏହାର ପ୍ରତିଶ୍ରୁତି ପୂରଣ କରିବାକୁ ଚେଷ୍ଟା କରୁଛି । ପ୍ରଶ୍ନ ଏହା ନୁହେଁ ଯେ ଶିଳ୍ପ ଉତ୍ପାଦନ ବୃଦ୍ଧି ପାଉଛି କି ନାହିଁ । ପ୍ରଶ୍ନ ହେଉଛି କି ସେହି ଅଭିବୃଦ୍ଧି ସେହି ଭାରତକୁ ନିର୍ମାଣ କରୁଛି ଯାହା ଏହାର ଲୋକମାନେ ପାଇବାକୁ ଯୋଗ୍ୟ ।

ଏହି ପ୍ରଶ୍ନର ଉତ୍ତର କୌଣସି ସ୍ପ୍ରେଡସିଟରେ ମିଳିବ ନାହିଁ । ଏହା ଆଜି ନିଆଯାଇଥିବା ନିଷ୍ପତ୍ତି ଦ୍ୱାରା ପରିବର୍ତ୍ତିତ ଜୀବନରେ ମିଳିବ ।

ଖାନନଗର, କଟକ
ଦୂରଭାଷ : ୮୫୯୯୮୯୪୯୧୫




### ଦ୍ୱାରଶୁଣି ଘାଟିରେ ମୃତ୍ୟୁର କରାଳ ରୂପ

# କାର୍‌କୁ ଚେପା କରିଦେଲା କାଠବୋଝେଇ ଟ୍ରକ୍

**ବାରିପଦା(ଏନ୍.ଏମ୍.) :** ରକ୍ତମୁଖା ଦ୍ୱାରଶୁଣି ଘାଟିରେ ପୁଣି ଥରେ ମୃତ୍ୟୁର ଭୟଙ୍କର ତାଣ୍ଡବ ଦେଖିବାକୁ ମିଳିଛି । ଆଖି ପିଛୁଳାକେ ଛାତି ଥରାଇ ଦେଲା ଭଳି ଏହି ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । କାର୍ ଉପରେ ପାଲଟି ଗଲା ଟନ୍ ଟନ୍ ଓଜନର କାଠ ବୋଝେଇ ଅଭିଶପ୍ତ ଟ୍ରକ୍ । କାର୍‌ଟି ସମ୍ପୂର୍ଣ୍ଣ ଚୂରମାର୍ ହୋଇଯାଇଥିବା ବେଳେ, ତା' ଭିତରୁ ୪ ଜଣ ଯୁବକ ଜୀବନ୍ତ ଫେରିବା କୌଣସି ଚମତ୍କାର ଠାରୁ କମ୍ ନୁହେଁ । ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ପୁଣି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଯାଇଛି । ଏକ ଦ୍ରୁତଗାମୀ କାଠ ବୋଝେଇ ଟ୍ରକ୍ ନିୟନ୍ତ୍ରଣ ହରାଇ କାର୍ ଉପରେ ଓଲଟି ପଡ଼ିଥିବା ବେଳେ, ସୌଭାଗ୍ୟବଶତଃ କାର୍‌ରେ ଥିବା ଡ୍ରାଇଭର ଓ ଯାତ୍ରୀ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି । ୪ ଜଣ ଯୁବକ ଏକ କାର୍ ଯୋଗେ କୋଲକାତାରୁ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଅନ୍ତର୍ଗତ



ଜୟନ୍ତଗଡ଼ ଅଞ୍ଚଳକୁ ଫେରୁଥିଲେ । ବାଙ୍ଗିରିପୋଷି ଘାଟି ପାର ହେଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାଠ ବୋଝେଇ ଟ୍ରକ୍ ଅନ୍ୟ ଏକ ଗାଡ଼ିକୁ ଓଭରଟେକ୍ କରିବାକୁ ଚେଷ୍ଟା କରୁଥିଲା । ଆଗରେ ଥିବା ଗାଡ଼ିକୁ ବେପରୁଆ ଭାବେ ଓଭରଟେକ୍ କରିବାକୁ ଯାଇ ଗଭୀର ଘାଟି ଉପରେ ହିଁ ଟ୍ରକଟି ଭାରସାମ୍ୟ ହରାଇ ସିଧାସଳଖ କାର୍ ଉପରେ କାଠ ସହ ଓଲଟି ପଡ଼ିଥିଲା । କାର୍‌ଟି ଓଜନଦାର ଗାଡ଼ି ଓ କାଠଗଣ୍ଡି ତଳେ ଚାପି ହୋଇ ରହିଥିବା ବେଳେ ଭିତରେ ଥିବା ଯୁବକମାନେ ଚିତ୍କାର କରୁଥିଲେ । ଖବର ପାଇ ବାଙ୍ଗିରିପୋଷି ପୋଲିସ ଓ ସ୍ଥାନୀୟ ଅଗ୍ନିଶମ ବାହିନୀ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଚାରିଜଣ ଯୁବକଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲେ । ଗ୍ୟାସ୍ କଟର ସାହାଯ୍ୟରେ ଗାଡ଼ିର ପତ୍ରା କାଟି ପ୍ରଥମେ ଦୁଇ ଜଣଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାହାର କରାଯାଇଥିଲା । ଏହାପରେ ବାକି ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ସଙ୍ଗେ ସଙ୍ଗେ ମେଡିକାଲରେ ଭର୍ତ୍ତି କରାଯାଇଛି । ସାମାନ୍ୟ କେଇ ସେକେଣ୍ଡର ହେରଫେର ହୋଇଥିଲେ ଆଜି ଘାଟି ଉପରେ ୪ଟି ଶବ ପଡ଼ିଥାନ୍ତା, ହେଲେ ଭଗବାନଙ୍କ ଅଶେଷ କୃପାରୁ ୪ ଯୁବକ ମୃତ୍ୟୁ ମୁଖରୁ ଫେରିଛନ୍ତି । ଦୁର୍ଘଟଣା ଯୋଗୁଁ ଦ୍ୱାରଶୁଣି ଘାଟିରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି । ରକ୍ତମୁଖା ଦ୍ୱାରଶୁଣି ଘାଟିରେ ପୁଣି ଥରେ ମୃତ୍ୟୁର ଭୟଙ୍କର ତାଣ୍ଡବ ଦେଖିବାକୁ ମିଳିଛି । ଆଖି ପିଛୁଳାକେ ଛାତି ଥରାଇ ଦେଲା ଭଳି ଏହି ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି । ଅଗ୍ନିଶମ ବିଭାଗ ଓ ପୋଲିସ ବିଭାଗର ଅପ୍ରାଣ ଚେଷ୍ଟା ହେତୁ ନୂତନ ଜୀବନ ଦାନ ମିଳିଲା ବୋଲି ସାଧାରଣ ରେ ଚର୍ଚ୍ଚା ଚାଲିଛି ।

### ଆବାସ ଯୋଜନା ଦିଗହରା

# ଜରିପାଲ ତଳେ ୫ ପ୍ରାଣୀ

**ବାଙ୍ଗିରିପୋଷି(ଏନ୍.ଏମ୍.) :** ଦୂରରୁ ଦେଖିଲେ କୁଡ଼ିଆଟି ଗୁହାଳର ଭ୍ରମ ସୃଷ୍ଟିକରୁଛି । ସେଇଟା କିନ୍ତୁ ଗୁହାଳ ନୁହେଁ । ଝଟିମାଟି ଘରେ ଜରିପାଲ ତଳେ ରହୁଛନ୍ତି ଦୁଇ ପରିବାର ଗୋଟିଏ ପରିବାରରେ କେବଳ ଅବିବାହିତା ଭଉଣୀ । ଅନ୍ୟ ପରିବାରରେ ଭାଇଭାଉଜ ଓ ଦୁଇପିଲା । ଆବାସ ଯୋଜନାରେ ଘରଖଣ୍ଡିଏ ପାଇଁ ହାରିଗୁହାରି କରି ଥକିଯାଇଛନ୍ତି । ଏ ହେଉଛି, ବାଙ୍ଗିରିପୋଷି ବ୍ଲକ୍ କଳାବାଡ଼ିଆ ପଞ୍ଚାୟତ ପଛପଟ ବ୍ରାହ୍ମଣ ଗାଁର ନୀଳମଣି ନାଏକ(୪୨)ଙ୍କ ବେଦନା । ଦୀର୍ଘଦିନ ହେବ ଅସୁରକ୍ଷିତ ଘରେ ରହୁଛନ୍ତି ନୀଳମଣିଙ୍କ ପରିବାର ଓ ଅବିବାହିତା ଭଉଣୀ ବୁଲୁ ନାଏକ(୫୦) ଘର ଖଣ୍ଡେ ପାଇଁ ବିଭିନ୍ନ ସମୟରେ ପଞ୍ଚାୟତ ଧାଇଁ ନିରାଶ ହୋଇଛନ୍ତି ।



ଆର୍‌ଥାଇ ଦେଇଥିବା ଗୋଟିଏ ପଲିଥିନ୍ ତଳେ କଟୁଛି ପାଞ୍ଚପ୍ରାଣୀ ଜୀବନ। ବାରମ୍ବାର ଅଫିସକୁ କାଗଜପତ୍ର ଦେଇ ଥକି ଗଲେଣି ବୋଲି ନୀଳମଣି କହନ୍ତି । ଦିନମଜୁରି କରି ଚଳିବା କଷ୍ଟକର ହେଉଥିବାବେଳେ ଘର ଖଣ୍ଡେ କରିବେ କେମିତି ବୋଲି ପ୍ରଶ୍ନ କରିଛନ୍ତି ନୀଳମଣି ଗୋଟିଏ ଚାଳିଆରେ ନୀଳମଣି, ସ୍ତ୍ରୀ ଓ ଦୁଇଛୁଆ ରହିବା କଷ୍ଟକର ହୋଇ ପଡୁଥିବାରୁ ଭଉଣୀଙ୍କୁ ବାରିପଦା ନିଜ ମାମୁଘରକୁ ପଠାଇଥିବା କହିଛନ୍ତି । ଏ ନେଇ ସମାଜସେବୀ ଜଗଦୀଶ ଟୁଡୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଶୀଘ୍ର ପରିବାରକୁ ଦୁଇଟି ଘର ମିଳିଲେ ଉପକୃତ ହେବେ ବୋଲି ଗ୍ରାମବାସୀ କହିଛନ୍ତି । ଏ ନେଇ ବିଡିଓ ପରମାନନ୍ଦ ଖଣ୍ଡେଇଙ୍କୁ ପଚାରିବାରୁ 'କାଗଜପତ୍ର ଜମାକଲେ ଗୋଟିଏ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବବୋଲି କହିଛନ୍ତି ।

# ସୁବର୍ଣ୍ଣପୁରରେ ଏସଆଇଆର୍ ସଚେତନତା ରଥର ଶୁଭାରମ୍ଭ




**ସୁବର୍ଣ୍ଣପୁର(ଏନ୍.ଏମ୍.) :** ସ୍ୱତନ୍ତ୍ର ସଘନ ସଂଶୋଧନ ଏସ.ଆଇ.ଆର ସମ୍ପର୍କିତ ଜନ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ଏହି ଜିଲ୍ଲାରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର କାର୍ଯ୍ୟକ୍ରମ ଅନ୍ତର୍ଗତ ମତଦାତା ତାଲିକାର ସଠିକ ସୁନିଶ୍ଚିତ କରିବା ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଆବଶ୍ୟକ । ଏହି ଲକ୍ଷ୍ୟକୁ ସାମ୍ନାରେ ରଖି ଶୁଭାରମ୍ଭ ହୋଇଥିବା ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମାଞ୍ଚଳ ପରିଭ୍ରମଣ କରି ମତଦାତା ତାଲିକା ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିବ । ଏହା ମାଧ୍ୟମରେ ମତଦାତା ତାଲିକା ସଂଶୋଧନ କାର୍ଯ୍ୟରେ ସକ୍ରିୟ ସହଯୋଗ ପାଇଁ ଲୋକଙ୍କୁ ଆହ୍ୱାନ କରାଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ସହଯୋଗ କରି ଏକ ନିର୍ଭୁଲ ମତଦାତା ତାଲିକା ପ୍ରସ୍ତୁତିରେ ନିଜର ସକ୍ରିୟ ଭୂମିକା ନିର୍ବାହ କରିବାକୁ ଅନୁରୋଧ କରାଯାଇଛି ।

# ଫେରାର ହତ୍ୟାକାରୀ ଜ୍ୱାଇଁ ଗିରଫ

**ଅସ୍ତରଙ୍ଗ(ଏନ୍.ଏମ୍) :** ଶାଶୁରକୁ ହତ୍ୟା କରି ଜ୍ୱାଇଁ ଗିରଫ, ଖବରଟା ସମ୍ପର୍କକୁ କଳଙ୍କିତ କରିଛି । ସୂଚନା ଅନୁସାରେ ଜ୍ୱାଇଁ ଅନ୍ୟ ସମ୍ପ୍ରଦାୟର ହୋଇଥିବାରୁ ଶଶୁରଙ୍କ ସହିତ ତାଙ୍କର ଅପଡ଼ ଥିଲା ଓ ଝଗଡା ସବୁବେଳେ ହେଉଥିଲା । ଗତ ରବିବାରେ ଶଶୁର ଭ୍ରମରବର ତାଙ୍କ ଜ୍ୱାଇଁ ସୁଫିକୁ ସ୍ଥାନୀୟ ବ୍ୟାଙ୍କକୁ ଟଙ୍କା ଉଠେଇବାପାଇଁ ଯାଇଥିଲେ । ଏହାପରେ ଭ୍ରମରବର ଟଙ୍କା ନେଇ କୁଆଡେ ଗଲେ ଜଣା ପଡ଼ିନଥିଲା । ଖବର ନେବାରେ ଜଣାପଡିଛି ଯେ ଶଶୁର ରାଗିଯାଇ ଜ୍ୱାଇଁକୁ ଗୋଟିଏ ଚାପୁଡ଼ା ମାରିଥିଲେ । ଏଥିରେ ଉତ୍ୟକ୍ତ ହୋଇ ଜ୍ୱାଇଁ



ଗୋଟିଏ କାଠ ଫାଳିଆରେ ବୃଦ୍ଧ ଶଶୁରଙ୍କ ମୁଣ୍ଡକୁ ଛେଚି ଛେଚି ହତ୍ୟାକରିଦେଲା ଓ ଶଶୁରଙ୍କ ଶବକୁ ଟେକିନେଇ ମୁଦୁଗଲ ଗ୍ରାମ ପାଖରେ ଥିବା ଖେଳ ପଡିଆର ନିଛାଟିଆ ବଣୁଆ ସ୍ଥାନରେ ପକେଇ ଦେଇ ଆସିଥିଲା । ଶଶୁର ଭ୍ରମରବର ବ୍ୟାଙ୍କରୁ ଉଠାଇଥିବା ଏକ ଲକ୍ଷ କୋଡିଏ ହଜାର ଟଙ୍କାକୁ ଜ୍ୱାଇଁ ସୁଫି ଜବରଦସ୍ତ ଛଡେଇ ନେଇଛି । ଅସ୍ତରଙ୍ଗ ପୁଲିସ ଖବରପାଇ ମୃତ ଭ୍ରମରବରଙ୍କ ଶବକୁ ଉଦ୍ଧାର କରି ତଦନ୍ତ ଚାଲୁ ରଖିବା ସହିତ ଭ୍ରମରବରଙ୍କ ପିନ୍ଧିଥିବା ରକ୍ତଭିଜା ପ୍ୟାଣ୍ଟ ଶାର୍ଟକୁ ଆଣି ସାଇଣ୍ଟିଫିକ ପରୀକ୍ଷାପାଇଁ ପଠାଇଛନ୍ତି । ଏ ବାବଦରେ ଅସ୍ତରଙ୍ଗ ପୋଲିସ ଏକ କେଶ ୪୭/୨୯୨୬ ରୁଜୁ କରି ଆସାମୀ ସୁକିନ୍ଦର ଚୌଧୁରୀକୁ ଗିରଫ କରି କୋର୍ଟକୁ ଫରଓ୍ୱାର୍ଡ କରିଛନ୍ତି ।

# ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କ ଛତ୍ରପୁର ଗସ୍ତ



**ଛତ୍ରପୁର(ଏନ୍.ଏମ୍.) :** ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ବସନ୍ତ କୁମାର ପ୍ରଧାନ ଆଜି ଛତ୍ରପୁରସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ବ୍ରହ୍ମପୁରଠାରେ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଛତ୍ରପୁର ଗସ୍ତ ଥିଲା । ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ । ସେ ବିଭିନ୍ନ ରେଜିଷ୍ଟର, କର୍ମଚାରୀ ବିବରଣୀ, ନଥିପତ୍ର ଏବଂ ଦୃଶ୍ୟ-ଶ୍ରାବ୍ୟ ଯନ୍ତ୍ରପାତି ଅନୁଧ୍ୟାନ କରିଥିଲେ । ଏଥିସହ ସୂଚନା କେନ୍ଦ୍ର ଓ ପାଠାଗାରରେ ଉପଲବ୍ଧ ଖବରକାଗଜ, ପତ୍ରିକା, 'ଉତ୍କଳ ପ୍ରସଙ୍ଗ', 'ଓଡ଼ିଶା ରିଭ୍ୟୁ', 'ପ୍ରଗତି ପ୍ରବାହ' ଏବଂ ଅନ୍ୟାନ୍ୟ ପୁସ୍ତକର ଷ୍ଟକ୍ ରେଜିଷ୍ଟର ମଧ୍ୟ ଯାଞ୍ଚ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସମସ୍ତ ସରକାରୀ କାର୍ଯ୍ୟ ସଠିକ୍ ଓ ସୁଚାରୁରୂପେ ସମ୍ପାଦିତ ହେଉଥିବା ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହା ବ୍ୟତୀତ ସେ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ଉପନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ ବରିଷ୍ଠ ରାଜସ୍ୱ ସହାୟକ ଜଗନ୍ନାଥ ବେହେରା, ରୂପଶ୍ରୀ କବି, ଗ୍ରନ୍ଥାଗାରିକ ଶ୍ୟାମଘନ ପାତ୍ର, ରଜାକ ହୁସେନ, ମମତା ମହାନ୍ତି, ରାମମୂର୍ତ୍ତି ଆଚାରୀ, ଭାଗ୍ୟଲକ୍ଷ୍ମୀ ପାତ୍ର ଏବଂ ବଳରାମ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ବାଲେଶ୍ୱର(ଏନ୍.ଏମ୍.) :** ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ପ୍ରୟାସ ପ୍ରୟାସରେ ଆରୁହାବାଦ ଗ୍ରାମ ପଂଚାୟତ ଅନ୍ତର୍ଗତ ଉଦୟ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି, ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଆର.ଡି.ସି, ବାହାନଗା ଓ ବାହାନଗା ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି । ଏହି ଶିବିରରେ ବାହାନଗା ବ୍ଲକର ଆରୁହାବାଦ ପଞ୍ଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ




ନେଉଛନ୍ତି । ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗର ସହକାରୀ ଜିଲ୍ଲାପାଳ ପ୍ରତାପ ବେହେରା, ବରିଷ୍ଠ ରାଜସ୍ୱ ସହାୟକ ପୂର୍ଣ୍ଣ ଚନ୍ଦ୍ର ବେହେରା, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି । ଶିବିର ଆସନ୍ତା ୦୯ ଜୁନ ତାରିଖ ଯାଏ ଚାଲିବ ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି ।

### ମେଗା ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ

# ସରକାରଙ୍କ ଜୟକାର କଲେ ହିତାଧିକାରୀ



**ଗଞ୍ଜାମ (ଏନ୍.ଏମ୍.) :** ରାଜ୍ୟରେ ଜନସାଧାରଣଙ୍କ ସାମାଜିକ ସୁରକ୍ଷା ତଥା ଜୀବନ ବଞ୍ଚାଇବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଚଳନ କରିଛନ୍ତି । ଓଡ଼ିଶା ସରକାରଙ୍କ ଜନ୍ମରୁ ଜୁଇ ପର୍ଯ୍ୟନ୍ତ ଯୋଜନା ମଧ୍ୟରୁ ଏକ ଅନନ୍ୟ ଯୋଜନା ହେଉଛି ବୃଦ୍ଧ ବା ବୃଦ୍ଧା ସମୟରେ ଭତ୍ତା ପ୍ରଦାନ ଯୋଜନା । ଏହି ଯୋଜନା ମାଧ୍ୟମରେ ସମାଜକୁ ନିଜ ଜୀବନର ପ୍ରକୃଷ୍ଟ ସମୟ ଦେଇ ନିଜ ଜୀବନର ଅବଦାନ ବଜାୟ ପାଇଁ ଉତ୍ସର୍ଗୀକୃତ ଜନତାଙ୍କର ବୟସର ଅପରାହ୍ନ କାଳୀନ ଭତ୍ତା । ଯାହାକି ବୃଦ୍ଧ ବୟସରେ ଅନେକ ସାହାଯ୍ୟ କରିବା ସହିତ ବହୁତ ଉପକୃତ ହୋଇଥାନ୍ତି । ଏଣୁ ଆଜି ସୋରଡ଼ା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ସଭାଗୃହରେ ୫ ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରାଯାଇ ଯୋଗ୍ୟ ବିବେଚିତ ୩୫୨ ଜଣଙ୍କୁ ଭତା ପ୍ରଦାନ କରାଯାଇଛି । ୩୦୦ରୁ ଉର୍ଦ୍ଧ୍ୱ ରାସନ କାର୍ଡ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟରେ ଅନ ଲାଇନ ଦ୍ୱାରା ଆବେଦନ ହୋଇଥିବା ସମସ୍ତ ଦସ୍ତାବିଜ ଆଦିକୁ ଆଜି ପ୍ରକୃଷ୍ଟ ଭାବେ ଯାଞ୍ଚ କରାଯାଇ ସେମାନଙ୍କ ଭତ୍ତା ବିଷୟରେ ସମସ୍ତ ବ୍ୟବସ୍ଥା କରାଯାଇଛି । ଆଜି ସୋରଡ଼ା ପଞ୍ଚାୟତ ସମିତିସଭା ଗୃହରେ ଭତ୍ତା ବଣ୍ଟନ ଉତ୍ସବ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ, ବ୍ଲକ ଉପାଧକ୍ଷ ଅମୂଲ୍ୟ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ ଆଦି ଅଂଶ ଗ୍ରହଣ କରି ଉଦଘାଟନ କରୁଥିଲା ବେଳେଗୋଷ୍ଠୀ ଉର୍ଣ୍ଣୟାନ ଅଧିକାରୀ ତନ୍ମୟ ପାତ୍ର ଏହି ବ୍ଲକର ସମାଜ ମଙ୍ଗଳ ଅଧିକାରୀ ବିଶ୍ୱ ମିତ୍ରା ଦଳେଇ, ବି ଏସ୍ ଏସ୍ ଓ ଆରତ ସାମନ୍ତରାୟ,ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଗଣ ଆଦି ରହି ସରକାରଙ୍କ ନିୟମ ପୂର୍ବକ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି, ବିକଳାଙ୍ଗ, ବିଧବା,ଭିନ୍ନକ୍ଷମ ଆଦିଙ୍କୁ ଚୟନ କରାଇ ଏକ ତାଲିକା ପ୍ରସ୍ତୁତି କରି ପ୍ରକୃତ ହିତାଧିକାରୀଙ୍କୁ ବଣ୍ଟନ କରିଛନ୍ତି । ଅନୁରୂପ ଭାବେ ନୂତନ ରାସନ କାର୍ଡ ଏହି ବ୍ଲକର ବିଭିନ୍ନ ପଞ୍ଚୟତର ପ୍ରକୃତ ହିତାଧିକାରୀଙ୍କୁ ଚୟନ କରାଯାଇ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ବିଧବା ତଥା ଅସହାୟ ମହିଳାଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗାଣ ନିରୀକ୍ଷକ ସୁମନ୍ତ ମଲ୍ଲିକଙ୍କ ଅତିରିକ୍ତ ଗୋଷ୍ଠୀ ଉର୍ଣ୍ଣାୟନ ଅଧିକାରୀ ସଞ୍ଜୀବ ରାଜ ସେନାପତି ସହଯୋଗ କରିଥିବା ବେଳେ ଏହି ପଞ୍ଚୟତ ସମିତିର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ଗୋପାଳ ପୁର ରାୟଗଡା ରେଳ ପଥ ନିର୍ମାଣ ଓ ଛେଳିଗଡ଼ ଜଳସେଚନ ପ୍ରକଳ୍ପ କାଯ୍ୟକ୍ଷମ ପାଇଁ ଆନ୍ଦୋଳନ ପ୍ରସ୍ତୁତି

**ବ୍ରହ୍ମପୁର (ଏନ୍.ଏମ୍.) :** ଗୋପାଳପୁର ରାୟଗଡା ରେଳପଥ ନିର୍ମାଣ ଓ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ତୁରନ୍ତ କାଯ୍ୟକ୍ଷମ ପାଇଁ ଜନ ଆନ୍ଦୋଳନ ନିମନ୍ତେ ଏକ ବଡଧରଣର ସଚେତନସଭା ଅନୁଷ୍ଠିତ ହୋଇ ଯାଇଛି । ଦକ୍ଷିଣ ଓଡିଶା ବିକାଶ ପରିଷଦ ଓ ଖେମୁଣ୍ଡି ଉନ୍ନୟନ ମଞ୍ଚର ମିଳିତ ଆନୁକୂଲ୍ୟରେ ଆଜି ଖମାରୀଗାଁ ସ୍ଥିତ ଉଜ୍ଜଳେଶ୍ୱର ପୀଠରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ପୋଲିସ ଅଧିକାରୀ ପଞ୍ଚାନନ ପାଇକ ସଭାପତିତ୍ୱ କରିଥିବା ବେଳେ ଦକ୍ଷିଣ ଓଡିଶା ବିକାଶ ପରିଷଦର ସଭାପତି ତଥା ଅବସର ପ୍ରାପ୍ତ ସର୍ବ ଭାରତୀୟ ପ୍ରଶାସନିକ ଅଧିକାରୀ ଡକ୍ଟର ବାଳକୃଷ୍ଣ ପଣ୍ଡା, ମୁଖ୍ୟଅତିଥି ତଥା ଅଧିବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜ ସେବୀ ସୁଜିତ କୁମାର ତ୍ରିପାଠୀ, ସାମ୍ବାଦିକ ପ୍ରତାପ ଚନ୍ଦ୍ର ଦାଶ, ଦିଗପହଣ୍ଡି ଏନଏସିର ପ୍ରାକ୍ତନ ଅଧକ୍ଷ




ଭି ରବିନାରାୟଣ ରାଜୁ ଯୋଗ ଦେଇଥିଲା ବେଳେ କବି ତଥା ବରିଷ୍ଠ ସାମାଜିକ କର୍ମୀ ବୃନ୍ଦାବନ ପଣ୍ଡା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଖମାରୀଗାଁ, ନିମଖଣ୍ଡି ପେଣ୍ଠ, ଚଷ ।ନିମଖଣ୍ଡି, ଭୀଷ୍ମଗିରି ଓ ସହଦ୍ୱେ ଟିକରପଡା ପଞ୍ଚାୟତରୁ ଅନ୍ୟୁନ ତିନିଶହରୁ ଉର୍ଦ୍ଧ ଲୋକ ଯୋଗ ଦେଇ ଥିଲେ । ଗୋପାଳ ପୁର ରାୟଗଡା ରେଳ ପଥ ନିର୍ମାଣ ଓ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଆବଶ୍ୟକତା ସାଙ୍ଗକୁ ତାହାର ସର୍ବେକ୍ଷଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରକ୍ରିୟା ଶେଷ ହୋଇଥିଲେ ମଧ ତାହାକୁ କାର୍ଯ୍ୟକାରୀ କରାଇ ନ ଦେବା ଉଦ୍ଦେଶ୍ୟରେ ପୂର୍ବ ନିର୍ଦ୍ଧାରିତ ଗତିପଥକୁ ବଦଳାଇ ବାରେ ଲାଗିଛନ୍ତି ସଏଣୁ ତୁରନ୍ତ ତାହାର କାଯ୍ୟକ୍ଷମ ଦାବିରେ ବଡ଼ ଧରଣର ଆନ୍ଦୋଳନ ପାଇଁ ଆୟୋଜିତ ଏହି ଜନ ସଚେତନ ସଭାରେ ଭୀଷ୍ମଗିରି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ପାଠୀ, ପିତାମ୍ବର ଗୌଡ଼, ଖମାରୀଗାଁ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ନିମଖଣ୍ଡି ପେଣ୍ଠ ପଞ୍ଚାୟତ ପ୍ରତିନିଧି ସିମାଞ୍ଚଳ ଗୌଡ଼, ଗଜପତି ଜିଲ୍ଲା ମୋହନା ବ୍ଲକ ଚାନ୍ଦିପୁଟ ଜୋନ ର ଜିଲ୍ଲାପରିଷଦ ସଭ୍ୟ ସୁନୀଲ କୁମାର ବିଷୋୟୀ, ଅବସରପ୍ରାପ୍ତ ଶିକ୍ଷକ ମାଗତା ପ୍ରଧାନ, ପ୍ରତାପ ଚନ୍ଦ୍ର ଦୀକ୍ଷିତ, ସନ୍ତୋଷ କୁମାର ସାହୁ, ଶିବାନନ୍ଦ ପାଣିଗ୍ରାହୀ, ନିରଞ୍ଜନ ଗୌଡ଼, ଏଲମାଞ୍ଚି ନାରଷୁ ପ୍ରମୁଖ ଯୋଗଦେଇ ଦାବି ସମୂହକୁ ସମର୍ଥନ ଜଣାଇବା ସହିତ ଆଗାମୀ ଦିନରେ ଦକ୍ଷିଣ ଓଡିଶା ବିକାଶ ପରିଷଦ ପକ୍ଷରୁ ଏଥିପାଇଁ ଆବଶ୍ୟକ ଯେ କୌଣସି ଆନ୍ଦୋଳନର ଡାକରାରେ ସାମିଲ ହେବାପାଇଁ ଶପଥ ନେଇଥିଲେ ସ ପରିଶେଷରେ ଚିତ୍ରସେନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।




# ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସମାରୋହ

**ବ୍ରହ୍ମପୁର(ଏନ୍.ଏମ୍.) :** ଐତିହାସିକ ସ୍ମୃତିତୀର୍ଥ ଉତ୍କଳ ଆଶ୍ରମ ନ୍ୟାସ ଆନୁକୂଲ୍ୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରାକ୍-ସ୍ୱାଧୀନତାକାଳୀନ ଓଡ଼ିଶାର ଦ୍ୱିତୀୟ ପ୍ରଧାନମନ୍ତ୍ରୀ, ଉତ୍ତରପ୍ରଦେଶର ପ୍ରାକ୍ତନ ରାଜ୍ୟପାଳ ତଥା ଭାରତବର୍ଷର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ବୟାଳିଶତମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସମାରୋହ ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ନ୍ୟାସର ବରିଷ୍ଠ ସଦସ୍ୟ କୃଷ୍ଣ ଚରଣ ସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ମୃତି ସମାରୋହରେ ବିଶିଷ୍ଟ ରାଜନୀତି ବିଶାରଦ ପ୍ରଫେସର୍ ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପ୍ରାକ୍ତନ ପ୍ରଫେସର୍ ଡକ୍ଟର୍ ଭି. ରାଜେନ୍ଦ୍ର ରାଜୁ ସମ୍ମାନିତ ଅତିଥି ଓ ଗଞ୍ଜାମ ଐତିହ୍ୟ ଗବେଷକ ଡକ୍ଟର୍ ଅନନ୍ତରାମ କର ମୁଖ୍ୟବକ୍ତା ରୂପେ ଯୋଗଦେଇ ଜାତୀୟ ମୁକ୍ତି ସଂଗ୍ରାମରେ ବିଶ୍ୱନାଥ ଦାସଙ୍କ ତ୍ୟାଗ-ତପସ୍ୟାପୂତ ଭୂମିକା



ସାମାଜିକ-ରାଜନୀତିକ କାର୍ଯ୍ୟାବଳୀ, ସେବାମୂଳକ କାର୍ଯ୍ୟ ଓ ଭାରତୀୟ ଜୀବନାଦର୍ଶର ପୁନଃ ପ୍ରତିଷ୍ଠା ଦିଗରେ ନିଷ୍ଠାପର ପ୍ରୟାସ ସଂପର୍କରେ ନାନା ଦିଗରୁ ଆଲୋଚନା କରିଥିଲେ । ମୁଖ୍ୟଅତିଥି ପ୍ରଫେସର୍ ଚୌଧୁରୀ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ଶୁଦ୍ଧ, ସରଳ ଜୀବନଚର୍ଯ୍ୟା, ଜାତୀୟ ମୁକ୍ତି ସଂଗ୍ରାମରେ ଯୋଗଦାନ ଓ ବନ୍ଦୀ ଜୀବନ, ରାଜନୀତିକ ବିଚାର ସଂପର୍କରେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଡ. ରାଜେନ୍ଦ୍ର ରାଜୁ ସ୍ୱର୍ଗୀୟ ବିଶ୍ୱନାଥ ଦାସଙ୍କ ବ୍ୟକ୍ତିତ୍ୱର କେତେକ ମହନୀୟ ଦିଗ ସଂପର୍କରେ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ରୂପେ ଗବେଷକ ଡ. ଅନନ୍ତରାମ କର ବିଶ୍ୱନାଥ ଦାସଙ୍କୁ ଜଣେ ଜାତୀୟ ସ୍ତରର ରାଷ୍ଟ୍ରନୀତିଜ୍ଞ, ସ୍ୱାଭିମାନୀ ଓଡ଼ିଆ, ଜନହିତୈଷୀ ଦୂରଦୃଷ୍ଟି ସଂପନ୍ନ ରାଜନେତା ରୂପେ ବର୍ଣ୍ଣନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କଳିଙ୍ଗ ସାହିତ୍ୟ ସମାଜ ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ, ଡ. କୃଷ୍ଣପ୍ରସାଦ ମହାପାତ୍ର,ଡ. କୁଳମଣି ଓଝା ଉପସ୍ଥିତ ଥିଲେ ।ଏହି ସମାରୋହରେ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି , ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଡ. ହୃଷୀକେଶ ପଣ୍ଡା, ଡ. ନୃସିଂହାନନ୍ଦ ଶାସମଲ୍, ବିରୂପାକ୍ଷ ଦାଶ, ଡ. ପଦ୍ମନାଭ ସାହୁ, ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ହୃଦୟାନନ୍ଦ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ସୁଜିତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ରଜ ମହୋତ୍ସବ ପାଇଁ ଉଦୀୟମାନର ପ୍ରସ୍ତୁତି

**ବଡ଼ଚଣା (ଏନ୍.ଏମ୍.) :** ସଂସ୍କୃତି ପରମ୍ପରାର ମହାନ ନିଦର୍ଶନ କୃଷିଭିତିକ ଗଣ ପର୍ବ ରଜ ପାଇଁ ଅନ୍ତିମ ପ୍ରସ୍ତୁତି ବୈଠକ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଶିକ୍ଷାବିତ ରାମଚନ୍ଦ୍ର ଶୁକ୍ଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆସନ୍ତା ରଜ ଉତ୍ସବ ପାଳନ ନେଇ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁ, ପ୍ରାକ୍ତନ ସରପଞ୍ଚ ରବିନ୍ଦ୍ର ନାୟକ, ସାମାଜିକ କର୍ମୀ ପ୍ରଭୁଲାଲ ମାରୁ, ସୁବ୍ରତ କୁମାର ନାୟକ, ରବିନ୍ଦ୍ର ତରାଇ, କ୍ଷୀରୋଦ ଚନ୍ଦ୍ର ଦାଶ, ଆଇନଜୀବୀ ଦେବରାଜ ବେହେରା, ହେମନ୍ତ ମାହାଲା, ଉପସଭାପତି ପ୍ରକାଶ କୁମାର ନାୟକ, ସ୍ୱେଚ୍ଛାସେବୀ ସୁକାନ୍ତ ମହାପାତ୍ର, ମହିଳା ସଂଗଠନର ବରିଷ୍ଠ ସଦସ୍ୟା




ଡ. ଲିପିକା ବେହେରା, ସମାଜସେବୀକା କାଦମ୍ବିନୀ ମିଶ୍ର, ସରୋଜିନୀ ପଣ୍ଡା, ସୋନାଲି ନାୟକ, ଗୀତାଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ଏହି ରଜ ପର୍ବକୁ ବେଶ ଧୁମଧାମର ସହିତ ପାଳନ କରାଯିବା ପାଇଁ ଆଲଚନାରେ ମତ ରଖିଥିଲେ । ପ୍ରଥମ ରଜ ଏବଂ ଦ୍ୱିତୀୟ ରଜରେ ମହିଳା ବର୍ଗ ଏବଂ ପୁରୁଷ ବର୍ଗମାନଙ୍କ ମଧ୍ୟରେ କବାଡି, ଗୁଡି ଉଡାଣ, ମିୟୁଜିକ ଚେୟାର, ଖିଲିପାନ, ପୋଡ ପିଠା, ରଙ୍ଗୋଲି, କବିତା ପାଠ, ନୃତ୍ୟ, ସଂଗୀତ, ଝୋଟି ସମେତ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ମାନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ଶେଷ ରଜ ଦିନ ଉଦଯାପନୀ ସନ୍ଧ୍ୟାରେ ନିମନ୍ତ୍ରିତ ଅତିଥି ମାନଙ୍କଦ୍ୱାରା ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ସାନ୍ଧ୍ୟ ଅଧିବେଶନରେ ଉଦୀୟମାନ କଳାପରିଷଦର ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା ବିଭିନ୍ନ ପାରମ୍ପରିକ ଲୋକକଳା, ଓଡିଶୀ, ସମ୍ବଲପୁରୀ ଆଦି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯିବ ବୋଲି ଆଲୋଚନାରେ ମତ ପାଇଥିଲା । କାର୍ଯ୍ୟକ୍ରମ ଶେଷରେ ଆବାହକ ଅନିଲ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

### ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ପାଇଁ ବୃଦ୍ଧି ହେଲା ସଂରକ୍ଷଣ

# ୨୦୨୬-୨୭ ଶିକ୍ଷା ବର୍ଷରୁ କାର୍ଯ୍ୟକାରୀ ହେବ

**ଭୁବନେଶ୍ୱର(ଏନ୍.ଏମ୍.) :** ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବ । ଏ ସମ୍ପର୍କରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ମେମୋରାଣ୍ଡମ୍ ବା ସ୍ମାରକ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ୍ ୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଏବଂ କ୍ୟାବିନେଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ନ୍ୟାୟ ପ୍ରଦାନ ପାଇଁ ପୂର୍ବରୁ ଅନେକ ଉଦ୍ୟମ ଓ ସଂଘର୍ଷ ହୋଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା । ନୂଆ ସରକାର ଆସିବା ପରେ ମାତ୍ର ୨ ବର୍ଷ ଭିତରେ ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଓଡିଶାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨.୮୫ ପ୍ରତିଶତ, ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭.୧୩ ପ୍ରତିଶତ । ଶିକ୍ଷାଗତ ଓ ସାମାଜିକ ପଛୁଆ ବର୍ଗଙ୍କ ସଂଖ୍ୟା ଜଣାନଥିଲେ ମଧ୍ୟ ଏହା ଯଥେଷ୍ଟ ଅଧିକ । ସୂଚନାଯୋଗ୍ୟ, ନିଯୁକ୍ତି ଏବଂ ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି । ଏଥିରେ ଅନୁସୂଚିତ ଜନଜାତିଙ୍କ ପାଇଁ ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ତେବେ, ଇଞ୍ଜିନିୟରିଂ ଓ ମେଡିକାଲ ପରି ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତିଙ୍କ ପାଇଁ ମାତ୍ର ୧୨ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୮ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନଥିଲା । ଯଦି ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ନରହୁଛି, ବା କମ୍ ରହୁଛି, ତେବେ ନିଯୁକ୍ତି କ୍ଷେତ୍ରରେ ସେମାନେ କିପରି ତାଙ୍କର ସଂରକ୍ଷଣ ଅନୁପାତିକ ନିଯୁକ୍ତି ପାଇପାରିବେ ବୋଲି ପ୍ରଶ୍ନ ଉଠୁଥିଲା । ରାଜ୍ୟ କ୍ୟାବିନେଟର ଏହି ନିଷ୍ପତ୍ତି ପରେ ଦୀର୍ଘ ବର୍ଷ ପରେ, ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ, ଏହି ବର୍ଗର ପିଲାମାନଙ୍କୁ ନ୍ୟାୟ ମିଳି ପାରିଛି । ଏହି ନିଷ୍ପତ୍ତି ଦ୍ୱାରା ବର୍ତ୍ତମାନ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାର ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଇଛି । ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ, ବର୍ତ୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି । ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀମାନେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣି ଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସାଇନସ୍ସେସ୍, ଆର୍କିଟେକ୍‌ଚର୍, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ ।

# ହିତାଧିକାରୀଙ୍କ ଭତ୍ତା ଟଙ୍କା ହେରଫେର ପଞ୍ଚାୟତ ପିଇଓ ଗିରଫ



**ହିଞ୍ଜିଳିକାଟୁ(ଏନ୍.ଏମ୍.) :** ବୟସ୍କ ହିତାଧିକାରୀ ବ୍ୟକ୍ତିଙ୍କ ଭତ୍ତା ପାଣ୍ଠିରୁ ୧୨.୩୦ ଲକ୍ଷ ହେରଫେର ଅଭିଯୋଗ । ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ବ୍ଲକରେ ସରକାରୀ ଉନ୍ନୟନ ଅର୍ଥ ଓ ଭତ୍ତା ଟଙ୍କା ହଡ଼ପ ଭଳି ଅଭିଯୋଗ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଦାରୁଭଦ୍ରା ଗ୍ରାମ ପଞ୍ଚାୟତରେ ଭତ୍ତା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ପାଣ୍ଠିରୁ ପ୍ରାୟ ୧୨ ଲକ୍ଷ ୩୦ ହଜାର ଟଙ୍କା ହେରଫେର ହୋଇଥିବା ଅଭିଯୋଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତ୍ରିଲୋଚନ ନାୟକଙ୍କୁ ପୁଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ ହୋଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାଇ ହିଞ୍ଜିଳି ବିଡିଓ ସାଗରୀକା ଷଡ଼ଙ୍ଗୀ ପ୍ରକାଶ କରିଥିଲେ ଯେ ବୟସ୍କ ହିତାଧିକାରୀଙ୍କ ଭତ୍ତା ଟଙ୍କା ହେରେଫେର କରିଥିବା ସମସ୍ତ ପ୍ରମାଣ ପାଇବା ପରେ ଦାରୁଭଦ୍ରା ଗ୍ରାମ ପଞ୍ଚାୟତର ବି ଇ ଓ ତ୍ରିଲୋଚନ ନାୟକଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯାଇଛି ପରେ କୋର୍ଟ ଚାଲାଣ ହୋଇଥିଲେ ତ୍ରିଲୋଚନ ନାୟକ ।

# ବ୍ରାହ୍ମଣ ସମାଜର ସାଧାରଣ ବୈଠକ



**ସୁବର୍ଣ୍ଣପୁର(ଏନ୍.ଏମ୍.) :** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ତିକୁଡା ମଠ ଠାରେ ବ୍ରାହ୍ମଣ ସମାଜର ମହାସମାବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅଗ୍ନିପୂଜା ଓ ଯଜ୍ଞ ପରେ ସାମୁହିକ ଭାବରେ ବିଷ୍ଣୁ ସହସ୍ର ନାମ ଓ ଗୋପାଳ ସହସ୍ର ନାମ ପଠନ କରାଯାଇଥିଲା । ଗୋବିନ୍ଦ ମିଶ୍ରଙ୍କ ଆବାହକତ୍ୱ ଏବଂ ଲକ୍ଷ୍ମଣ ପ୍ରସାଦ ପାଣ୍ଡିଆ ସଂଯୋଜନାରେ ଆୟୋଜିତ ସଭାରେ ପଶ୍ଚିମ ଓଡିଶା ବ୍ରାହ୍ମଣ ମହାସଭାର ଆଞ୍ଚଳିକ ସଭାପତି ଶୀଧେଶ୍ୱର ପାଣିଗ୍ରାହୀ ଯୋଗଦେଇ ସମ୍ବୋଧିତ କରିବା ସହତ ସମାଜକୁ ସୁଦୃଢ କରିବା ପାଇଁ ସମସ୍ତେ ଏକତ୍ରିତ ହେବା ନିହାତି ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୈଶାୟନ ପଣ୍ଡା, ସତ୍ୟପ୍ରିୟ ପଣ୍ଡା, ଆଦିକନ୍ଦ ବାବୁ, ଭକ୍ତ ପଣ୍ଡା, ପ୍ରଦୀପ ପୁରହିତ, ଗିରୀଶ ମିଶ୍ର, ସନ୍ତୋଷ ପଣ୍ଡା, ନାରାୟଣ ପଣ୍ଡା ନିଜ ନିଜର ବକ୍ତ୍ୟବ୍ୟ ରଖିଥିଲେ । ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବରେ ପ୍ରଶାନ୍ତ କୁମାର ଶତପଥୀ, କାର୍ଯ୍ୟକାରୀ ସଭାପତି ପଦ୍ମଲୋଚନ ମିଶ୍ର, ଉପସଭାପତି ଧ୍ରୁବଚରଣ ପାଣିଗ୍ରାହୀ, ସମ୍ପାଦକ ଲକ୍ଷ୍ମଣ ପ୍ରସାଦ ପାଣ୍ଡିଆ,ସହ ସମ୍ପାଦକ ମହେଶ ରଞ୍ଜନ ପୁରୋହିତ, କୋଷାଧକ୍ଷ୍ୟ ନରେନ୍ଦ୍ର ଆଚାର୍ଯ୍ୟ, ସହ କୋଷାଧକ୍ଷ୍ୟ ସଂଜୀବ ପୁରହିତ, ସଂଗଠନ ସମ୍ପାଦକ ହିମାଂଶୁ ପାଣିଗ୍ରାହୀ ଓ ଦିଲ୍ଲୀପ କୁମାର ଗୁରୁ ସଂଯୋଜକ ସମ୍ପାଦକ ଭାବରେ ରାମ ପ୍ରସାଦ ପଣ୍ଡା ଓ ପ୍ରଦ୍ୟୁମ୍ନ ପାଢ଼ୀ ସର୍ବସାମ୍ମତି କ୍ରମେ ମନୋନୀତ ହୋଇଥିଲେ ଏହାସହିତ ୧୫ ଜଣ ସଦସ୍ୟ ଉପଦେଷ୍ଟା କମିଟିରେ ରହିଛନ୍ତି । ପ୍ରେମରାଜ ପତି, ତ୍ରିଲୋକେଶ ନାଏକ, ଜନ୍ମେଜୟ ବିଶି, ରାଜେନ୍ଦ୍ର ନାରାୟଣ ହୋତା, ବାସୁଦେବ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଏହି ବ୍ରାହ୍ମଣ ମହାସଭାରେ ବ୍ଲକର କୋଣ ଅନୁ କୋଣରୁ ହଜାର ହଜାର ବ୍ରାହ୍ମଣ ଯୋଗଦେଇ ଥିଲେ । ଶେଷରେ ନରେନ୍ଦ୍ର ନାରାୟଣ ହୋତା ଧନ୍ୟବାଦ ଦେଇଥିଲେ ।

### ଚୋରାମଦକୁ ବିରୋଧ କରିବାରୁ ଯୁବକଙ୍କୁ ଅବକାରୀ ବିଭାଗ ଓ ଚୋରାମଦ ବେପାରୀଙ୍କ ଅମାନୁଷିକ ମାଡ ଘଟଣା

# ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଅଭିଯୋଗକାରୀ

**ରାଜନଗର (ଏନ୍.ଏମ୍.) :** ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ବାରଦିଆ ଗାଁ ଛକରେ ଚୋରାମଦ ବିକ୍ରୟ ହେଉଥିବା ନେଇ ବିନୋଦ କୁମାର ଦାସ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ ଓ ଅବକାରୀ ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ପ୍ରାୟ ବର୍ଷକ ପରେ ପଟ୍ଟାମୁଣ୍ଡାଇ ଅବକାରୀ ଥାନାଧିକାରୀ ଛାୟାକାନ୍ତ ନାୟକଙ୍କ ନେତୃତ୍ୱରେ ୪ଜଣ କର୍ମଚାରୀ ଗତ ମେ' ମାସ ୨୮ତାରିଖ ଦିନ ବାରଦିଆ ଗାଁ ଛକରେ ପହଞ୍ଚି ଚୋରାମଦ ବିକୁଥିବା ବ୍ୟବସାୟୀଙ୍କ ନିକଟରେ ପହଞ୍ଚିଥିଲେ । ସେମାନଙ୍କୁ ଦେଖି ଅଭିଯୋଗକାରୀ ବିନୋଦ ନିଜ ମୋବାଇଲରେ ଭିଡିଓ କରିଥିଲେ । ଏହା ଦେଖି ଅବକାରୀ ଅଧିକାରୀ ଉତ୍ୟକ୍ତ ହୋଇ ବିନୋଦକୁ ଗାଡିକୁ ଉଠାଇ ନେବାକୁ ତାଙ୍କ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସିଧା ବାଟରେ ପ୍ରାୟ ୩କିଲୋମିଟର ରାଜନଗର ଥାନାକୁ ନଆଣି ବୁଲାଣି ବାଟରେ ମଧୁପୁର, ବାଲିକଣା ଛକ, ମଦନପୁର ଦେଇ ପ୍ରାୟ ୧୩ କିଲୋମିଟର ରାସ୍ତା ଅତିକ୍ରମ କରି ରାଜନଗର ଥାନାକୁ ଆଣିଥିଲେ । ଗାଡି ଭିତରେ ଅବକାରୀ ପୋଲିସଙ୍କ ସହ ଚୋରାମଦ ବେପାରୀ ବିନୋଦଙ୍କୁ ନିର୍ଦ୍ଧୁମ ମାଡ଼ ମାରିଥିଲେ । ଏନେଇ ବିନୋଦ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ପୁନର୍ବାର ରାଜନଗର ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିରରେ ଅବକାରୀ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ବେଆଇନ ଭାବେ ଅଟକ ରଖିବା, ମାଡ ମାରିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ଜୀବନ ଓ କ୍ୟାରିୟର ନଷ୍ଟ କରି ଦେବାର ଧମକ ଦେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଶ୍ରୀ ରଘୁରାମ ଆର ଆୟାର ଉପସ୍ଥିତ ଥିବା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କୁ ତଦନ୍ତ ଭାର ଦେଇଥିଲେ । ଅଧିକ୍ଷକ ଶ୍ରୀ ମଣ୍ଡଳ ଅଭିଯୋଗକାରୀ ବିନୋଦଙ୍କ ସହିତ ଆଲୋଚନା କରିଥିଲେ । ଆଲୋଚନା କାଳରେ ବିନୋଦ ୩ଟି ଦାବି ଉପସ୍ଥାପିତ କରିଥିଲେ । ବିନା କାରଣରେ ମାଡ ମାରିଥିବା ଅବକାରୀ କର୍ମଚାରୀଙ୍କୁ ଦାୟିତ୍ୱରୁ ଅପସାରଣ କରିବା, ଚୋରାମଦ ବିକ୍ରି ବନ୍ଦ ହେବା, ଓ ମୋତେ ମାଡ ମାରି ସାଧାରଣରେ ଅପରାଧି ସଜାଇ ଥିବାରୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ । ଅବକାରୀ ଅଧିକ୍ଷକ ଶ୍ରୀ ମଣ୍ଡଳ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଚୋରାମଦ ବେପାରକୁ ବିରୋଧ କରି ମାଡ ଖାଇଥିବା ବିନୋଦଙ୍କୁ କେବେ ନ୍ୟାୟ ମିଳିବ ଦେଖିବାକୁ ବାକି ରହିଲା ।

# ରବିନାରାୟଣ ପୁହାଣଙ୍କୁ ଉତ୍କର୍ଷ ସମ୍ମାନ

**ଭଦ୍ରକ (ଏନ୍.ଏମ୍.) :** ଭଦ୍ରକ ଜିଲ୍ଲା ଆଗରପଡା ପୁରୁଷଣ୍ଡ ଗ୍ରାମର ବିଶିଷ୍ଟ କ୍ରୀଡାବିତ୍ ରବିନାରାୟଣ ପୁହାଣଙ୍କୁ କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କୁ ଉତ୍କର୍ଷ-୨୦୨୬ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।ପ୍ରମେୟର ଉତ୍ତର ଓଡିଶା ସଂସ୍କରଣ ପକ୍ଷରୁ ବାଲେଶ୍ୱର ସ୍ଥିତ ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ ଏହି ଉତ୍ସବରେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ବସ୍ତା ବିଧାୟିକା ସୁବାସିନୀ ଜେନା, ନିଳିଗିରି ବିଧାୟକ ସନ୍ତୋଷ ଖଟୁଆ, ପ୍ରମେୟ ନ୍ୟୁଜ୍ ୭ ଗ୍ରୁପ ଏଡିଟର ଗୋପାଳକୃଷ୍ଣ ମହାପାତ୍ର, ନିର୍ଦ୍ଦେଶକ ହିମାଂଶୁ ହୋତା, ସିଇଓ ସୁନିଲ୍ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ପୁହାଣଙ୍କୁ ମାନପତ୍ର, ଟ୍ରଫି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉତରୋତର ଉନ୍ନତି କାମନା କରିଥିଲେ ।

# ଓଏଏସ ପରୀକ୍ଷା ଟପ୍ପର ଜିତାମିତ୍ର ସାହୁଙ୍କୁ ସ୍ୱାଗତ ଜଣାଇଲେ ସାଂସଦ ପ୍ରଦୀପ ପୁରୋହିତ



**ବରଗଡ଼ (ଏନ୍.ଏମ୍.) :** ବରଗଡ଼ ଜିଲ୍ଲା ବରଗଡ଼ ମାଟିର ସୁପତ୍ର ଜିତାମିତ୍ର ସାହୁ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ତୃତୀୟ ସ୍ଥାନ ଅଧିକାର କରି ବରଗଡ଼ ମାଟି ପାଇଁ ଗୌରବ ଆଣିଛନ୍ତି । ତାଙ୍କ ଏହି ସଫଳତାକୁ ନେଇ ବରଗଡ ସାଂସଦ ପ୍ରଦୀପ ପୁରୋହିତ ଭେଟି ଶୁଭେଚ୍ଛା ସହ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସାଂସଦ ଶ୍ରୀ ପୁରୋହିତ ତାଙ୍କ ପରିବାର ବର୍ଗଙ୍କୁ ଭେଟି ବା ସହ ପୁଅ ଜିତାମିତ୍ରଙ୍କ ସଫଳତା ପାଇଁ ତାଙ୍କ ପରିବାର ବର୍ଗଙ୍କ ପ୍ରଚେଷ୍ଟା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇଥିବ ବୋଲି କହିଛନ୍ତି । ଆଗାମୀ ଦିନରେ ଲୋକେ କିପରି ତାଙ୍କ ହକ ଅଧିକାରରୁ ବଞ୍ଚିତ ନହେବେ ସେଥିପ୍ରତି ଧ୍ୟାନ ଦେବାକୁ ସାଂସଦ ଜିତାମିତ୍ର ପରାମର୍ଶ ଦେଇଥିଲେ । ଜିତାମିତ୍ରା ଙ୍କ ସଫଳତା ପାଇଁ ଜିଲ୍ଲାର ବିଭିନ୍ନ ସଂଗଠନ, ଅନୁଷ୍ଠାନ,ବିକ୍ତି ବିଶେଷଙ୍କ ମହଲରୁ ଶୁଭେଚ୍ଛାର ଶୁଅ ଛୁଟୁଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିଏଲଓଙ୍କ ଘରକୁ ଘର ପରିଦର୍ଶନ

**ପୁରୀ(ଏନ୍.ଏମ୍.) :** ପୁରୀ ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇବେଳେ ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟର ମାନଙ୍କୁ ସଚେତନ ଓ ସହାୟତା କରୁଛନ୍ତି । ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟ । ତେଣୁ ଭୋଟରମାନେ ସେମାନଙ୍କ ପରିବାରର ସଠିକ ତଥ୍ୟ ଯଥା ୧୮ ବର୍ଷ ବା ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ଯୋଗ କରିବା, ମୃତ, ସ୍ଥାନାନ୍ତର, ବିବାହ ଇତ୍ୟାଦି କ୍ଷେତ୍ରରେ ନାମ ବାଦ ଦେବା, ପରିଚୟ ପତ୍ରରେ ତ୍ରୁଟି ଥିଲେ ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ । କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିବା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି । ଜୁନ ୨୮ ତାରିଖ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ । ଜୁଲାଇ ୫ ତାରିଖରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ । ଦାବି ଓ ଆପତ୍ତି ଦାଖଲ ସମୟ ସୀମା ଜୁଲାଇ ୫ରୁ ଅଗଷ୍ଟ ୮ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ, ଦାବି ଓ ଆପତ୍ତିର ନିଷ୍ପତ୍ତି ଗ୍ରହଣ କରାଯିବ । ସେପ୍ଟେମ୍ବର ୬ ତାରିଖରେ ଚୁଡାନ୍ତ ଭୋଟର ତାଲିକାରେ ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି । ପୁରୀ ଜିଲ୍ଲାରେ ୧୬୦୯ ଜଣ ବିଏଲଓ ମାନେ ଭୋଟରମାନଙ୍କ ଘରକୁ ଘର ପରିଦର୍ଶନ କରୁଛନ୍ତି । ଏ କ୍ଷେତ୍ରରେ ୧୬୧ ଜଣ ସୁପରଭାଇଜର ସେମାନଙ୍କୁ ସହଯୋଗ ଓ ପରାମର୍ଶ ଦେଉଛନ୍ତି । ବିଏଲଓ ମାନେ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବା ସହ ଭୋଟରମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଉଛନ୍ତି ।

# ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ

### ତଦନ୍ତ ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟାଙ୍କ ବରଗଡ଼ ଗସ୍ତ

**ବରଗଡ଼ (ଏନ୍.ଏମ୍.) :** ଶିଶୁଙ୍କ ଶାରିରୀକ ଓ ବୌଦ୍ଧିକ ବିକାଶ ବୃଦ୍ଧି କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ସୁଷମ ଖାଦ୍ୟ ଯୋଗାଣ ବ୍ୟବସ୍ଥା କରିଛନ୍ତି । ଯାହା ଅପପୁଷ୍ଟିକୁ ଦୂର କରାଯାଇ ପାରିବ । ମାତ୍ର ବରଗଡ଼ ଜିଲ୍ଲାର କେତେକ କେନ୍ଦ୍ରରେ ନିମ୍ନମାନର ପୋକ ବାହାରୁଥିବା ଛତୁଆ ବଣ୍ଟନ ହେଉଥିବା ଅଭିଯୋଗ ହେଉଛି । ତେବେ ଅଭିଯୋଗ ଅନୁଯାଇ ଓଏସସିପିସିଆର ଠାରେ ରୁଜୁ ହୋଇଥିବା କେସ୍ ନଂ-୯୨/ ୨୦୨୬ର ତଦନ୍ତ ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା କଳ୍ପନା ଲେଙ୍କା ଦିନିକିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସି କେତେକ ଅଙ୍ଗନୱାଡ଼ି ଓ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରି ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବା ସହ ଛତୁଆର ମାନ ଯାଞ୍ଚ କରିଛନ୍ତି । ଅଭିଯୋଗ ଅନୁଯାଇ




ଶ୍ରୀମତୀ ଲେଙ୍କା ବରଗଡ଼ ପୌରାଞ୍ଚଳର ୱାର୍ଡ ନଂ-୧୫, ଗୋବିନ୍ଦପାଲି ସ୍ଥିତ ସୂର୍ଯ୍ୟମୁଖୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଛତୁଆ ପ୍ରସ୍ତୁତି କେନ୍ଦ୍ର, ପ୍ରିୟଦର୍ଶିନୀ ଛତୁଆ କେନ୍ଦ୍ର ଏବଂ ମାଷ୍ଟରଟିକ୍ରା ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଛତୁଆର ଗୁଣବତ୍ତା, ସଂରକ୍ଷଣ ବ୍ୟବସ୍ଥା ଓ ବଣ୍ଟନ ପ୍ରକ୍ରିୟାର ସମୀକ୍ଷା କରିବା ସହ ସ୍ଥାନୀୟ କର୍ମଚାରୀ ଏବଂ ସଂପୃକ୍ତ ପକ୍ଷମାନଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସମୀକ୍ଷା କରିବା ସହ ଛତୁଆର ଗୁଣବତ୍ତା ନିୟନ୍ତ୍ରଣ, ସଂରକ୍ଷଣ, ଯୋଗାଣ ବ୍ୟବସ୍ଥା, ନିରୀକ୍ଷଣ ପ୍ରକ୍ରିୟା ଏବଂ ହିତାଧିକାରୀମାନଙ୍କୁ ନିରାପଦ ଓ ଗୁଣବତ୍ତାସମ୍ପନ୍ନ ପୁଷ୍ଟିକର ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରିଶେଷରେ ସେ ତାଙ୍କ ଗସ୍ତର ଉଦ୍ଦେଶ୍ୟ ଓ ତଦନ୍ତ ସମ୍ପର୍କିତ ତଥ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସମେତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରଣୀ ନେପାକ, ଡିସିପିଓ ମଞ୍ଜୁ ଇକା, ବରଗଡ଼ ସାଂସଦ ପ୍ରତିନିଧି ଲିପ୍ସିତ ମିଶ୍ର, ସହରାଞ୍ଚଳ ସିଡିପିଓ ରେଣୁକା ଷଡ଼ଙ୍ଗୀ, ପିଓ-କମ୍-ସୁପରିଣ୍ଟେଣ୍ଡେଣ୍ଟ ମଙ୍ଗଳିକା ଦାଶ, ଜିଲ୍ଲାର ସମସ୍ତ ସିଡିପିଓ, ଡିସିପିୟୁ ସମାଜକର୍ମୀ ସୁରେନ୍ଦ୍ର ଦାଶ, ଚାଇଲ୍ଡ ହେଲ୍ପଲାଇନ୍ ସଂଯୋଜକ ସଞ୍ଜୟ ଶତପଥି, ବରଗଡ଼ ଶିଶୁ କଲ୍ୟାଣ ସମିତି ଓ ଡିସିପିୟୁର କର୍ମଚାରୀ ବୃନ୍ଦ ଏବଂ ଏଏସଆଇ ଭଗତ ସିଂହ ମାଝୀ ଓ ଟାଉନ ଥାନାର କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ରାମେଶ୍ୱର-ପାରାଦୀପ ୧୬୦କିମିର ଗ୍ରୀନ ...

ନିର୍ମାଣ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ପୁରୀ ବେଳାଭୂମି ଭଳି ପ୍ରମୁଖ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ସିଧାସଳଖ ପହଂଚି ପାରିବେ । ଏହି ସମଗ୍ର ସଡ଼କ ନିର୍ମାଣ କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଅଂଚଳରେ ପ୍ରାୟ ୫୩.୬୧ ଲକ୍ଷ ପ୍ରତ୍ୟକ୍ଷ ଓ ୬୭.୦୧ ଲକ୍ଷ ପରୋକ୍ଷ ମାନବ ଦିବସ ନିଯୁକ୍ତି ସୃଷ୍ଟି ହେବ, ଯାହା ଓଡ଼ିଶାର କର୍ମସଂସ୍ଥାନ ଓ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ ବୋଲି କୁହାଯାଇଛି । ଏବେ ଚେନ୍ନାଇ-କୋଲକାତା ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପର ଅଂଶବିଶେଷ ୬ଲେନ୍ ବିଶିଷ୍ଟ ଏନଏଚ-୧୬ ପୂର୍ବରୁ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକକୁ ଯୋଡୁଥିବାବେଳେ ଏନଏଚ-୩୧୬ ଭୁବନେଶ୍ୱର ଓ ପୁରୀକୁ ସଂଯୋଗ କରୁଛି । ମାତ୍ର ପୁରୀ-ସାତପଡ଼ା ଓ ପୁରୀ-କୋଣାର୍କ ଭାଗରେ ସଡ଼କର ଜ୍ୟାମିତିକ ଢାଂଚା ଅତ୍ୟନ୍ତ ଖରାପ ରହିବା ସହ ରାସ୍ତାକଡ଼ରେ ବ୍ୟାପକ ନିର୍ମାଣ କାର୍ଯ୍ୟ ଓ ଅତ୍ୟଧିକ ସ୍ଥାନୀୟ ଜନଗହଳି ଯୋଗୁଁ ଦୀର୍ଘ ଦୂରଗାମୀ ଯାନବାହନ ଚଳାଚଳ ପାଇଁ ଏହି ମାର୍ଗ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡ଼ିଛି । ତେବେ ଏହି ନୂଆ କୋଷ୍ଟାଲ ହାଇୱେ ଉଭୟ ଏନଏଚ-୧୬ ଓ ଏନଏଚ-୩୧୬ ପାଇଁ ଏକ ପ୍ରଭାବଶାଳୀ ବିକଳ୍ପ ମାର୍ଗ ସାଜିବ । ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ରାମେଶ୍ୱରରୁ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ନିର୍ମାଣ କରିବାକୁ ପୂର୍ବରୁ ଘୋଷଣା କରିଥିଲେ । ଆଜି ଏହି ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ଲାଭ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସ୍ୱାଗତ କରିଛନ୍ତି ।

## କ୍ୟାନ୍ସର ରୋଗକୁ ଭଲ କରିବ ...

ଚିକିତ୍ସା ପଦ୍ଧତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେଇ ପାରେ । 'ଡାରାକ୍ସୋନାରାସିବ' ନାମକ ଏହି ନୂଆ ବଟିକାର ପରୀକ୍ଷା ନିରୀକ୍ଷା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି । ଏହା ଆଗ୍ନ୍ୟାଶୟ କର୍କଟ ରୋଗୀଙ୍କ ଅବଶିଷ୍ଟ ଆୟୁଷ ପ୍ରାୟ ଦୁଇଗୁଣ ବଢାଇ ଦେଉଛି । କେମୋଥେରାପି ପ୍ରୟୋଗ ସତ୍ତ୍ୱେ ବୃଦ୍ଧି ପାଉଥିବା ରୋଗୀଙ୍କ କ୍ଷେତ୍ରରେ ବି ଏହି ଔଷଧ କାର୍ଯ୍ୟ କରୁଛି । ଏହି ନବ ଉଦ୍ଭାବିତ ଔଷଧ ପ୍ରୟୋଗରୁ ପ୍ରାପ୍ତ ଫଳାଫଳ ଆମେରିକାନ୍ ସୋସାଇଟି ଅଫ୍ କ୍ଲିନିକାଲ୍ ଅଙ୍କୋଲୋଜି ବୈଠକରେ ଉପସ୍ଥାପନ କରାଯାଇଥିଲା । ଏହି ଔଷଧର ବିଶ୍ୱସ୍ତରୀୟ ନୈଦାନିକ ପରୀକ୍ଷଣରେ ସମଗ୍ର ଉତ୍ତର ଆମେରିକା ୟୁରୋପ ଓ ଏସିଆର ୫୦୦ ରୋଗୀ ସମ୍ପୃକ୍ତ ଥିଲେ । କେବଳ ଷ୍ଟାଣ୍ଡାର୍ଡ କେମୋଥେରାପି ଗ୍ରହଣ କରୁଥିବା ରୋଗୀ ୬.୬ ମାସ ବଞ୍ଚୁଥିବା ବେଳେ ଯେଉଁ ରୋଗୀଙ୍କୁ ଏହି ନୂଆ ବଟିକାକୁ ଦିନକୁ ଗୋଟିଏ ଲେଖାଏଁ ଦିଆଯାଉଥିଲା ସେମାନେ ହାରାହାରି ୧୩,୨ ମାସ ବଞ୍ଚୁଥିଲେ । ସେହିପରି ଏହି ଔଷଧ ସାମଗ୍ରିକ ଭାବେ ରୋଗୀ ମୃତ୍ୟୁ ଆଶଙ୍କା ୬୦ ପ୍ରତିଶତ ହ୍ରାସ୍ କରିପାରୁଛି ।

## ମହାପ୍ରଭୁଙ୍କ ଇ-ହୁଣ୍ଡି ବ୍ୟବସ୍ଥାର ...

ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତ ଶ୍ରୀମନ୍ଦିର ହୁଣ୍ଡିକୁ ସହଜରେ ଅର୍ଥରାଶି ପଠାଇ ପାରିବେ । ତେବେ ଏହି ବ୍ୟବସ୍ଥାରୁ ସାଇବର ଅପରାଧୀ ଯେପରି ଫାଇଦା ଉଠାଇ ନ ପାରିବେ ସେଥିଲାଗି ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଲ' କମିଶନର ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟପରିଚାଳକ ଅରବିନ୍ଦ ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ କଲେ ...

ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲରେ ଆବେଦନକାରୀଙ୍କ ସମ୍ବନ୍ଧୀୟ ତଥ୍ୟ ସହିତ ଦରଖାସ୍ତ ଉପରେ ଅଧିକାରୀମାନେ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରିବେ । ସେହିପରି ସ୍ଥାୟୀବାସିନ୍ଦା ଓ ଆୟ ପ୍ରମାଣପତ୍ର ପାଇଁ ଆବେଦନକାରୀ ଏକ ଘୋଷଣାପତ୍ର ଦାଖଲ କରୁଥିବାରୁ ସେଗୁଡ଼ିକୁ କୌଣସି ଅନାବଶ୍ୟକ ବିଳମ୍ବ ନକରି ତୁରନ୍ତ ପ୍ରଦାନ କରାଯିବ । ଜାତି ପ୍ରମାଣପତ୍ର ସମ୍ବନ୍ଧୀୟ କ୍ଷେତ୍ରୀୟ ଯାଂଚ ତୁରନ୍ତ ଗ୍ରାମ୍ୟସ୍ତରରେ କରିବାକୁ ଡଃ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ଜାତି ପ୍ରମାଣପତ୍ର ସମ୍ବନ୍ଧୀୟ କୌଣସି ଆବେଦନର କ୍ଷେତ୍ରୀୟ ଯାଂଚ ପ୍ରକ୍ରିୟା ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କ ପାଖରେ ତିନି ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ରହିବ ନାହିଁ । ପ୍ରଚଳିତ ନିୟମ, ନିର୍ଦ୍ଦେଶାବଳୀ କିମ୍ବା ଆଇନଗତ ବ୍ୟବସ୍ଥାରେ ଆବଶ୍ୟକ ନ ଥିଲେ, ଆବେଦନକାରୀଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦଲିଲ୍ ଦାଖଲ କରିବା ପାଇଁ ବାଧ କରାଯିବ ନାହିଁ । ଯଥାସମ୍ଭବ ସରକାରୀ କାଗଜପତ୍ର ଓ ଡିଜିଟାଲ୍ ପ୍ଲାଟଫର୍ମରେ ଉପଲବ୍ଧ ତଥ୍ୟ ଯାଂଚ କରି ନିଷ୍ପତ୍ତି ଗ୍ରହଣ କରିବାକୁ ଡଃ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ସାର୍ଟିଫିକେଟ୍ ବା ପ୍ରମାଣପତ୍ର ସଂକ୍ରାନ୍ତରେ ଉପଜିଲ୍ଲାପାଳ ନିଜେ ପ୍ରତିଦିନ ତଦାରଖ କରିବା ସହ କୌଣସିସ୍ତରରେ ଯଦି ଅଯଥା ବିଳମ୍ବ ଘଟୁଥାଏ, ସେ କ୍ଷେତ୍ରରେ ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି । ଅତିରିକ୍ତ ଜିଲ୍ଲାପାଳମାନେ ପ୍ରତି ୭ଦିନରେ ଓ ଜିଲ୍ଲାପାଳ ପ୍ରତି ୧୫ ଦିନରେ ଏବଂ ଆରଡିସି ପ୍ରତି ମାସରେ ତହସିଲସ୍ତରୀୟ ସମୀକ୍ଷା ବୈଠକ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କୁହାଯାଇଛି ।

## ବିଶିଷ୍ଟ ସାହିତ୍ୟିକ ତଥା ପ୍ରଶାସକ ...

ପ୍ରସାଦ ଦାସଙ୍କ ପରଲୋକ ସମ୍ବାଦ ଶୁଣି ଅତ୍ୟନ୍ତ ଦୁଃଖିତ ବୋଲି । ସେ କେବଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନଥିଲେ, ବରଂ ଭାରତୀୟ ପ୍ରଶାସନିକ ସେବା ଆଇଏଏସର ଜଣେ ଦକ୍ଷ ଅଧିକାରୀ ଭାବେ ସେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ରାଜ୍ୟ ଓ ଦେଶର ସେବାରେ ନିଜକୁ ନିୟୋଜିତ କରିଥିଲେ । ସାହିତ୍ୟର ପ୍ରତ୍ୟେକ ବିଭାଗରେ ନିଜର ସୃଜନଶୀଳତାର ସ୍ୱତନ୍ତ୍ର ଛାପ ଛାଡିଯାଇଥିବା ଜେ.ପି. ଦାସଙ୍କ ବିୟୋଗ ଆମ ସାରସ୍ୱତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦ୍ଗତି କାମନା କରୁଛି ।

## ରାଜ୍ୟସଭା ଉପନିର୍ବାଚନ ପାଇଁ ପାର୍ଥିପତ୍ର ...

ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡ଼ି ଦେଇଥିଲେ । ମେ' ୨୬ରେ ସେ ବିଜେପିରେ ଯୋଗ ଦେଇଥିଲେ । ତେଣୁ ବିଜେପି ତାଙ୍କୁ ଏହି ଉପନିର୍ବାଚନରେ ପ୍ରାର୍ଥୀ କରି ରାଜ୍ୟସଭାକୁ ପଠାଇବାର ଅଧିକ ସମ୍ଭାବନା ରହିଥିଲା । ବିଜେପିର ରାଜ୍ୟସଭା ପ୍ରାର୍ଥୀ ହେବା ପରେ କୃତଜ୍ଞତା ଜଣାଇଛନ୍ତି ଦେବାଶିଷ ସାମନ୍ତରାୟ । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜଣାଉଛି । ମୋର କାର୍ଯ୍ୟକାଳ ଆଉ ୪ ବର୍ଷ ବାକି ଥିଲା । ତେଣୁ ମୋତେ ପଠାଇବାକୁ ନିଷ୍ପତ୍ତି ହୋଇଛି । କାଲି ମୁଁ ନାମାଙ୍କନ ଭରିବାର ସମ୍ଭାବନା ରହିଛି । ଏହାପୂର୍ବରୁ ଶ୍ରୀ ସାମନ୍ତରାୟ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।୨୦୦୦ ମସିହାରେ ବିଜେଡି ଟିକେଟରେ ତିର୍ତ୍ତୋଲ ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟରେ ବାରବାଟୀ-କଟକ ଆସନରୁ ବିଧାନସଭାକୁ ଯାଇଥିଲେ । ୨୦୧୯ରେ ସେ ଏହି ଆସନରେ ମହମ୍ମଦ ମୋକିମଙ୍କଠାରୁ ପରାସ୍ତ ହୋଇ ଯାଇଥିଲେ । ତେବେ ରାଜ୍ୟସଭା ଉପନିର୍ବାଚନ ଜୁନ୍ ୮ ହେଉଛି ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ତାରିଖ । ଜୁନ୍ ୯ରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ । ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ହେଉଛି ଜୁନ୍ ୧୧ । ଜୁନ୍ ୧୮ ତାରିଖରେ ଭୋଟ୍ ଗ୍ରହଣ କରାଯିବ । ସେହିଦିନ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ । ସନ୍ଧ୍ୟା ୫ଟାରୁ ଭୋଟ୍ ଗଣତି ହେବ ଓ ଫଳାଫଳ ଘୋଷଣା କରାଯିବ । ଯଦି ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ନଦିଅନ୍ତି ଅବା କେହି ସ୍ୱାଧୀନ ଭାବେ ପ୍ରାର୍ଥୀ ନହୁଅନ୍ତି, ତା'ହେଲେ ଭୋଟର ଆବଶ୍ୟକତା ପଡ଼ିବ ନାହିଁ ଏବଂ ଦେବାଶିଷ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହେବେ ।

## ଚର୍ଚ୍ଚାରେ ଯନ୍ତ୍ରୀ ବିଭାଗ ବଦଳି, ନିରାଶ ହୋଇ ...

ଦେଉଛନ୍ତି । ଏହାକୁ ନେଇ ସବୁଠି ଅସନ୍ତୋଷ ଲାଗିରହିଥିଲା ବେଳେ ପୁଣି ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪ ତାରିଖରେ ବିଜ୍ଞପ୍ତି ନମ୍ବର ୧୫୪୧୭ରେ ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ବିଭାଗର ୪ଜଣ ଯନ୍ତ୍ରୀଙ୍କୁ ବିଭିନ୍ନ ସ୍ଥାନରେ ଅତିରିକ୍ତ ନଗର ଯନ୍ତ୍ରୀ ଭାବେ ନିୟୋଜିତ କରିଛନ୍ତି । ଏଥିରେ ଅନୁଗୁଳ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଶାନ୍ତ ବେହେରାଙ୍କୁ କଟକ ମହାନଗର ନିଗମର ନଗର ଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ଏହାପରେ ଆଜି ଶ୍ରୀ ବେହେରା ଆଦେଶପତ୍ର ନେଇ କଟକ ଆସିଥିଲେ ମଧ୍ୟ ତାହାକୁ କେହି ଗ୍ରହଣ କରି ନ ଥିଲେ । ଏମିତିକି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜଣେ ବରିଷ୍ଠ ଯନ୍ତ୍ରୀ ସିଏମ୍ସିରେ ବସିରହିଥିଲେ ମଧ୍ୟ ଦାୟିତ୍ୱ ଗ୍ରହଣ କରିପାରି ନ ଥିଲେ । ଅନ୍ୟପକ୍ଷରେ ସିଏମ୍ସି ଥିବା ନଗର ଯନ୍ତ୍ରୀ ଇଂ. ଅତନୁ ସାମନ୍ତ ଦୀର୍ଘ ୩ ବର୍ଷ ହେବ ଥିଲେ ମଧ୍ୟ ତାଙ୍କର ବଦଳି ହୋଇନି । ଏମିତିକି ସେ ଢେଙ୍କାନାଳରୁ ପର୍ଯ୍ୟନ୍ତ ନଥିପତ୍ର ଆଣି ନ ଥିବାରୁ ସେ ବିନା ଦରମାରେ କିଭଳି କାମ କରୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ସିଏମସି ଏଭଳି ଗୋଳମାଳିଆ ପରିସ୍ଥିତି ମଧ୍ୟରେ ଉନ୍ନତିକରଣ କାର୍ଯ୍ୟ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏ ସମ୍ପର୍କରେ ସିଏମସି ମେୟର ସୁବାସ ଚନ୍ଦ୍ର ସିଂହଙ୍କୁ ପଚାରିବାରେ ସେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନୂଆ ନିଯୁକ୍ତି ସମ୍ପର୍କରେ ମୁଁ ଅବଗତ ଅଛି, କିନ୍ତୁ ତାଙ୍କୁ କିପରି ଦା ଦିଆଯିବ ସେ ସମ୍ପର୍କରେ ସୋମବାର ଦିନ କମିସନରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ।

## ଭିଜିଲାନ୍ସ ଜାଲରେ କୁବେର ...

ଗହଣା ସାଙ୍ଗକୁ ଦାମୀ ଆସବାବପତ୍ର । ଘର ଆଗରେ ଠିଆ ହୋଇଛି ଦାମୀ କାର୍ । ବୈକୁଣ୍ଠନାଥଙ୍କ ଘରୁ ମଧ୍ୟ ମିଳିଛି ହୀରା ଖଚିତ ରାଣୀ ସୁନା ହାର, ଯାହା ଭିଜିଲାନ୍ସ କର୍ମଚାରୀଙ୍କୁ ଚକିତ କରିଛି । ଲକ୍ଷ ଲକ୍ଷ ଟଙ୍କାରେ କିଣା ଯାଇଥିବା ଘଣ୍ଟା ସାଙ୍ଗକୁ ଦାମୀ ମୋବାଇଲ ବି ଜବତ ହୋଇଛି । ଏହା ସହିତ ରହିଛି ସୁନାର ଲକ୍ଷ୍ମୀ, ସରସ୍ୱତୀ ଓ ଗଣେଶଙ୍କ ମୂର୍ତ୍ତି । ଚଢ଼ାଉ ବେଳେ ବାବୁ ବୈକୁଣ୍ଠଙ୍କ ଏହି ଘରୁ ବାହାରିଛି ବିଭିନ୍ନ ବ୍ୟାଙ୍କରେ ଥିବା ୧୧ଟି ପାସ୍ ବୁକ୍ ସାଙ୍ଗକୁ ଚେକ୍ ବୁକ୍ । ଭିଜାଲାନ୍ସ ଏବେ ସୁଦ୍ଧା ୫ଟି ବହୁତଳ ପ୍ରାସାଦ, ୧୪ ଦାମୀ ପ୍ଲଟ, ୪୫ ଲକ୍ଷ ଟଙ୍କା ଜମା ଠାବ କରାସାରିଲାଣି । ଭିଜିଲାନ୍ସ ଜାଲରେ ବାଲିଗୁଡ଼ା ଓଞ୍ଜଉଇ ସହକାରୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରେଡ୍ । ଭୁବନେଶ୍ୱର, ବାରିପଦା, ଧର୍ମଶାଳା ଏବଂ ବାଲିଗୁଡ଼ାରେ ଏକା ସାଙ୍ଗରେ ୯ଟି ସ୍ଥାନରେ ଚଢାଉ କରିଛି ଭିଜିଲାନ୍ସ । ଏହି ଚଢାଉରେ ୨ ଜଣ ଅତିରିକ୍ତ ଏସ୍ପି, ୫ ଜଣ ଡିଏସପି, ୬ ଜଣ ଇନ୍ସପେକ୍ଟର, ଏବଂ ଅନ୍ୟ ଅଧିକାରୀ ସାମିଲ ଅଛନ୍ତି । ସୂଚନାନୁଯାୟୀ, ଓଞ୍ଜଉଇ ସହକାରୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ଏକ ଚାରି ମହଲା କୋଠା, ଶୈଳେଶ୍ରୀବିହାର ସ୍ଥିତ ତିନି ମହଲା ଘର, ପଟିଆ ସ୍ଥିତ ଦୁଇ ମହଲା ଘର, ଚନ୍ଦ୍ରଶେଖରପୁର ସ୍ଥିତ ଦୁଇ ମହଲା ଘର, ଧର୍ମଶାଳା ସ୍ଥିତ ପୈତୃକ ଘର, ବାରିପଦା ଟାଉନରେ ଥିବା ସମ୍ପର୍କୀୟଙ୍କ ଘର, ଧର୍ମଶାଳା କଲେଜ ନିକଟରେ ଥିବା ସମ୍ପର୍କୀୟଙ୍କ ଘର, ସହକାରୀ ଯନ୍ତ୍ରୀଙ୍କ ଅଫିସ୍ ଏବଂ ସରକାରୀ ବାସଭବନରେ ଭିଜିଲାନ୍ସ ଚଢାଉ କରିଛି ।

# କିନ୍ନରଙ୍କ ମାଡ଼ରେ ଯୁବକ କୋମାରେ, ୨ ଅଟକ

**ଭୁବନେଶ୍ୱର(ଏନ୍.ଏମ୍.):** କିନ୍ନରଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇ ପଡ଼ିଛନ୍ତି । ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେ ସେ କୋମାରେ ଥିବା ଜଣାପଡ଼ିଛି । ପୁଲିସ ଆକ୍ରମଣକାରୀ ୨ କିନ୍ନରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ନୂଆପଲ୍ଲୀ ଥାନା ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୨ଟା ବେଳେ ଦୁଇଜଣ ଯୁବକ ଏକ ବାଇକରେ ସିଆରପି ଛକ ଦେଇ ଯାଉଥିଲେ । ଏହି ସମୟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା କିଛି କିନ୍ନର ସେମାନଙ୍କୁ ଠାରି ଡାକିଥିଲେ । ଦୁଇ




ଯୁବକ ସେଠାରେ ଅଟକିବା ପରେ କିନ୍ନରମାନେ ପଛରେ ବସିଥିବା ଯୁବକକୁ ଘୋଷାଡ଼ି ନେଇଥିଲେ । ତାଙ୍କଠାରୁ ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଥିଲେ । ଯୁବକ ଜଣଙ୍କ ପ୍ରତିବାଦ କରିବାରୁ କିନ୍ନରମାନେ ତାଙ୍କୁ ମାଡ଼ମାରି ତଳେ ପକାଇ ଦେଇଥିଲେ । ତଳେ ପଡ଼ିଯିବା ପରେ ତାଙ୍କୁ ବିଧା ଗୋଇଠା ମାରି ଚାଲିଥିଲେ । ଶେଷରେ ଯୁବକଙ୍କ ମୁଣ୍ଡକୁ ହେଲ୍ମେଟରେ ପିଟି ଦେଇଥିଲେ । ଏହି ସମୟରେ ଯୁବକଙ୍କ ସାଙ୍ଗ ଭୟରେ ସେଠାରୁ ଖସି ପଳାଇଥିଲେ । ସେହିବାଟ ଦେଇ ଯାଉଥିବା ବାଇକ୍ ଆରୋହୀ ଏବଂ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସେମାନଙ୍କୁ କିନ୍ନରମାନେ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ବିଭିନ୍ନପ୍ରକାର ଧମକଚମକ ଦେଇଥିଲେ । ଲୋକେ ପୁଲିସକୁ ଖବର ଦେଇଥିଲେ । ପିସିଆର ପୁଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇ ଯାଇଥିଲା । ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ବେଳେ ଏବେ ସେ କୋମାରେ ଥିବା ହସ୍ପିଟାଲ ସୂତ୍ରରୁ ସୂଚନା ମିଳିଛି ।

### ବଣ୍ଡାଘାଟି ମୁଦୁଲିପଡ଼ାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

# ୩୨ଟି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ମାଲକାନଗିରି (ଏନ୍.ଏମ୍.) : ବଣ୍ଡା ଘାଟିର ମୁଦୁଲିପଡ଼ା ପଞ୍ଚାୟତରେ 'ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର' ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଓ ଏସପିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ ।ଦୁର୍ଗମ ଅଞ୍ଚଳର ଲୋକଙ୍କ ନିକଟରେ ସହଜରେ ପହଞ୍ଚିବା ପାଇଁ ଏହି ବିଶେଷ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା, ଯାହାଦ୍ୱାରା ବଣ୍ଡା ଜନଜାତିର ଲୋକମାନେ ନିଜ ସମସ୍ୟା ପ୍ରଶାସନ ସାମ୍ନାରେ ରଖିପାରିଛନ୍ତି । ଏହି ଶିବିରରେ ମୋଟ ୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସ୍ଥାନୀୟ ବାସିନ୍ଦାମାନେ ମୁଖ୍ୟତଃ ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସରକାରୀ ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକ ପ୍ରଶାସନ ସାମ୍ନାରେ ରଖିଥିଲେ । ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଛନ୍ତି ଯେ, ଦୁର୍ଗମ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବା ପ୍ରଶାସନର ମୁଖ୍ୟ ଦାୟିତ୍ୱ । ପ୍ରତ୍ୟେକଟି ଅଭିଯୋଗର ଯଥାଶୀଘ୍ର ଏବଂ ସମୟସୀମା ମଧ୍ୟରେ ସମାଧାନ କରାଯିବ, ଯେପରି କୌଣସି ଯୋଗ୍ୟ ହିତାଧିକାରୀ ସରକାରୀ ସେବାରୁ ବଞ୍ଚିତ ହେବେ ନାହିଁ । ସମସ୍ୟାର ତୁରନ୍ତ ସମାଧାନ ପାଇଁ ସେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବ୍ରହ୍ମପୁର ରେଳ ଷ୍ଟେସନରେ ଅଘଟଣ,ଟ୍ରେନରୁ ଖସି ଯୁବକ ମୃତ

**ବ୍ରହ୍ମପୁର (ଏନ୍.ଏମ୍.):** ବ୍ରହ୍ମପୁର ରେଳଷ୍ଟେସନରେ ଏକ ଅଘଟଣ ଘଟିଛି । ଏହି ଅଘଟଣା ମଧ୍ୟରେ ରହିଛି ଟ୍ରେନରୁ ଖସି ଯୁବକ ମୃତ । ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଷ୍ଟେସନରେ କିଛି ସମୟ ପାଇଁ ହୋ ହାଲ୍ଲା ସୃଷ୍ଟି ହେବା ସହ ପରିବେଶ ଅସନ୍ତୋଷ ଥିବା ଦେଖିବାକୁ ମିଳିଥିଲା । ପରବର୍ତ୍ତୀ ସମୟରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକର ଚାଞ୍ଚଡାପଲ୍ଲୀ ଗାଁର ସାଗର ଜେନା ନାମକ ଯୁବକଙ୍କ ଟ୍ରେନରୁ ଖସି ମୃତ୍ୟୁ ହୋଇଛି । ତାମିଲନାଡୁରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଉଥିଲେ ସାଗର । ଏନେଇ ସେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚି ରେଳରେ ବସିବାକୁ ଯିବା ବେଳେ ଟ୍ରେନରୁ ଗୋଡ଼ ଖସି ତଳେ ପଡିଯାଇଥିଲେ । କିଛି ଯାତ୍ରୀ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗାଁରେ ସାଗରଙ୍କ ମରଶରୀର ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି ।

## ସମାଜସେବୀ ରଞ୍ଜନଙ୍କ ଭିନ୍ନ ପ୍ରୟାସ ସ୍ୱାଗତଯୋଗ୍ୟ

**କଟକ(ଏନ୍.ଏମ୍.):** କେନ୍ଦ୍ରାପଡ଼ାସ୍ଥିତ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠ ୧ନଂ ୱାର୍ଡର ମହିଳାମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ଶିକ୍ଷାବିତ ତଥା ସମାଜସେବୀ ରଞ୍ଜନ ବେହେରା ଏକ ଭିନ୍ନ ପ୍ରୟାସ ଆରମ୍ଭ କରିଛନ୍ତି । ଏହି ଅବସରରେ ସମାଜସେବୀ ରଞ୍ଜନ ୱାର୍ଡରେ କାର୍ଯ୍ୟରତ ଏସଏଚଜି ମହିଳାମାନଙ୍କ ସୁଖ ଦୁଃଖରେ ଛିଡ଼ା ହେବା ସହ ସମସ୍ତ ମା' ଓ



ଭଉଣୀମାନଙ୍କ ସହିତ କିଛି ଅବିସ୍ମରଣୀୟ ମୁହୂର୍ତ୍ତ କଟାଇ ସେମାନଙ୍କୁ ଉପହାର ସ୍ୱରୂପ ନୂତନ ବସ୍ତ୍ର ତଥା ଶାଢ଼ୀ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମିନତୀ ସିଂ, ସଂଯୁକ୍ତା ସାହୁ, ମମତା ସାହୁ, ସାରଥୀ ମହାରଣା, ମାନିନି ଜେନା, କିରଣବାଳା ଦାସ, ମିନତୀ ସାହୁ, ସ୍ନିଗ୍ଧାରାଣୀ ମହାନ୍ତି, ମିନାକ୍ଷୀ ବେହେରା, ସୁଭଦ୍ରା ବେହେରା, ହରପ୍ରିୟା ସାହୁ, ପୂର୍ଣ୍ଣୀମା ମହାପାତ୍ର, ବୈଜ୍ୟନ୍ତୀ ରାଉତ, ସସ୍ମିତା ଦାସ, ଜାନକୀ ସାହୁ, ରଶ୍ମିରେଖା ଦାସ, ବାସନ୍ତୀ ବେହେରା, ଅନସ୍ୱୟା ରାଉତ, ମନୋରମା ମହାରଣା, ଶୁଭଲକ୍ଷ୍ମୀ ମହାକୁଡ଼, ଲତା ଦାସ, ମାମାଲି ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶୁଭକାନ୍ତ ଷଡ଼ଙ୍ଗୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବିଜେଡିରେ ଦେବାଶିଷ ଇମ୍ପାକ୍ଟ: ସନ୍ଦେହଘେରରେ ପ୍ରତାପ ଜେନାଙ୍କ ଭୂମିକା, ୮ ନିର୍ବାଚନମଣ୍ଡଳୀରେ ବିଜେଡି ନେତୃତ୍ୱଶୂନ୍ୟ

**କଟକ(ଏନ୍.ଏମ୍.):** ଦେବାଶିଷ ସାମନ୍ତରାୟ ଅଚାନକ୍ ବିଜେଡି ଛାଡ଼ି ବିଜେପିରେ ସାମିଲ ହେବାପରେ ଉପକୂଳ ଓଡ଼ିଶା ରାଜନୀତିରେ ଏକ ବଡ଼ଧରଣର କମ୍ପନ ସୃଷ୍ଟି ହୋଇଛି । ଏହି ମିଶ୍ରଣ ପଛରେ ଦେବାଶିଷଙ୍କ ଅତି ଘନିଷ୍ଠ ସହଯୋଗୀ ତଥା ବିଜେଡି ଉପସଭାପତି ପ୍ରତାପ ଜେନାଙ୍କ ଭୂମିକାକୁ ନେଇ ଏବେ ଦଳ ଭିତରେ ସନ୍ଦେହ ଓ ଚର୍ଚ୍ଚା ମଧ୍ୟ ଜୋର ଧରିଛି । ସେହିଭଳି ବିଜେଡିରୁ ରାଜ୍ୟସଭାକୁ ଯାଇଥିବା ଦେବାଶିଷ ପଦବୀ ଛାଡ଼ିଥିଲେ ମଧ୍ୟ ବିଜେପିରେ ମିଶିବା ପରେ ଖାଲିପଡ଼ିଥିବା ରାଜ୍ୟସଭା ପ୍ରାର୍ଥୀ ପାଇଁ ତାଙ୍କୁ ପୁନର୍ବାର ଚୟନ କରିଛି ଦଳ । ଏଥର ସେ ରାଜ୍ୟ ସଭାରେ ବିଜେଡି ନୁହେଁ ବରଂ ବିଜେପି ସାଂସଦ ଭାବେ ପରିଚୟ ପାଇବେ । ତେବେ ଏସବୁ ରାଜନୈତିକ ସମୀକରଣକୁ ଦେଖିରେ ଦିନକୁ ଦିନ ବିଜେଡିର ଗଡ଼ ଧ୍ୱଂସ ଆଡ଼କୁ ଯାଉଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି ।

ଅନ୍ୟପକ୍ଷରେ ଗତ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ଦଳରୁ ନିଲମ୍ବିତ ହୋଇଥିବା ୮ଜଣ ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ ବିଜେଡି ଏବେ ସମ୍ପୂର୍ଣ୍ଣ ନେତୃତ୍ୱଶୂନ୍ୟ ପାଲଟିଥିବାବେଳେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ସେଠାରେ ବିକଳ୍ପ ନେତା ସୃଷ୍ଟି କରିବାରେ ସକ୍ଷମ ହୋଇ ପାରିନାହାନ୍ତି । ବିଜେଡି ମୁଖ୍ୟାଳୟ ଉପସଭାପତି ଭାବେ ପ୍ରତାପ ଜେନା ଏହି ସବୁ ନିର୍ବାଚନମଣ୍ଡଳୀରେ ଦଳୀୟ ସାଂଗଠନିକ କାର୍ଯ୍ୟକୁ ତଦାରଖ କରୁଥିବାବେଳେ ଦେବାଶିଷ ବିଜେପିରେ ମିଶିବା ପରେ ସମୀକରଣ ବଦଳି ଯାଇଛି । ପୂର୍ବରୁ ପ୍ରତାପଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୁଷ୍ଟ ଥିବା



ସେହିସବୁ ନିର୍ବାଚନମଣ୍ଡଳୀର ଦଳର ପୁରୁଖା ନେତା ଓ ସ୍ଥାନୀୟ କର୍ମୀମାନେ ଏବେ ତାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି । ପ୍ରତାପଙ୍କ ଅଜାଣତରେ ଦେବାଶିଷ ବିଜେପିରେ ସାମିଲ ହେବାକୁ ଦଳରେ କେହି ସହଜରେ ଗ୍ରହଣ କରୁନଥିବାବେଳେ ପ୍ରତାପ ପ୍ରକୃତରେ ବିଜେଡିକୁ ସୁରକ୍ଷା ଦେଉଛନ୍ତି ନା ଭିତରେ ଭିତରେ ଦଳକୁ ଦୁର୍ବଳ କରୁଛନ୍ତି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷ ସୂଚନା ଅନୁସାରେ, ଦେବାଶିଷ ସାମନ୍ତରାୟ ଦଳ ଛାଡ଼ିବା ପରେ କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ରାଜନୀତିର ସମୀକରଣ ସମ୍ପୂର୍ଣ୍ଣ ବଦଳିବାକୁ ଯାଉଛି । ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିବା କାରଣରୁ ପାଟକୁରା ଓ ଚମ୍ପୁଆ ସମେତ ଚୌଦ୍ୱାର-କଟକ, ତିର୍ତ୍ତୋଲ, ବାଙ୍କୀ, ଜୟଦେବ, ବସ୍ତା ଓ ବାଲିଗୁଡ଼ାରେ ଥିବା ନିଜର ବିଧାୟକଙ୍କୁ ବିଜେଡି ନିଲମ୍ବିତ କରିଛି । ମାତ୍ର ଏହି ସମସ୍ତ ବିଧାନସଭାମଣ୍ଡଳୀରେ ବିଜେଡି ଏପର୍ଯ୍ୟନ୍ତ କାହାରିକୁ ବିକଳ୍ପ ନେତୃତ୍ୱ ଭାବେ ବାଛିବାରେ ସକ୍ଷମ ହୋଇନଥିବାବେଳେ ଦଳର ମୁଖ୍ୟାଳୟ ଉପସଭାପତି ଭାବେ ଶ୍ରୀ ଜେନା ନିଜର ପତିଆରା ଦେଖାଇ ନିଜର ଅନୁଗତମାନଙ୍କୁ ବିକଳ୍ପ ନେତାଭାବେ ଆଗକୁ ଆଣିଥିବା ଜଣାପଡ଼ିଛି ।

ନିକଟ ଅତୀତରେ ଦଳର ନୂଆ ରାଜ୍ୟସ୍ତରୀୟ କର୍ମକର୍ତ୍ତା ପ୍ରସ୍ତୁତିରେ ମଧ୍ୟ ଶ୍ରୀ ଜେନା ନିଜର ପତିଆରା ଦେଖାଇବାରେ ସକ୍ଷମ ହୋଇଥିଲେ । ବିଜେଡି ସୁପ୍ରିମୋଙ୍କ ବ୍ୟକ୍ତିଗତ ସଚିବ(ଓଏଏସ୍ ଅଫିସର)ଙ୍କୁ ଯେନତେନ ପ୍ରକାରେ ପ୍ରଭାବିତ କରି ଶ୍ରୀ ଜେନା ଏହି କର୍ମକର୍ତ୍ତା ତାଲିକା ପ୍ରସ୍ତୁତ କରିଥିଲେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି । କେନ୍ଦ୍ରାପଡ଼ାର ପାଟକୁରା ବିଧାନସଭା ମଣ୍ଡଳୀରେ ବିକଳ୍ପ ନେତା ନଥିବାରୁ ଶ୍ରୀ ଜେନା ସୁଚିନ୍ତିତ ଢଙ୍ଗରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବପ୍ରକାଶ ଦାସ ଓରଫ ବବିଙ୍କ ଖାସ୍ ସହଯୋଗୀ ଯୁବନେତା ରାଜେଶ ଦାସଙ୍କୁ ଆଗକୁ ଆଣିଛନ୍ତି । ରାଜେଶଙ୍କୁ ସାମ୍ନାକୁ ଆଣି ଶ୍ରୀ ଜେନା ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି । ଗୋଟିଏପଟେ ବବିଙ୍କୁ ସନ୍ତୁଷ୍ଟ କରିଛନ୍ତି ଓ ଅନ୍ୟପଟେ ପାଟକୁରା ବିଜେଡି ସଂଗଠନକୁ ପରୋକ୍ଷରେ ଦୁର୍ବଳ କରି ରଖିବାର ମାର୍ଗ ପ୍ରଶସ୍ତ କରିଛନ୍ତି । ଏହି କାର୍ଯ୍ୟକଳାପ ଯୋଗୁଁ ପାଟକୁରାର ପୁରୁଖା କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଜଗତସିଂହପୁରର ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଶ୍ରୀ ଜେନା ନିଜକୁ ବିଜେଡି ନେତା ଭାବେ ଉପସ୍ଥାପିତ କରିଛନ୍ତି । ସେ ନିଜେ କିଭଳି ଆଗାମୀ ଦିନରେ ତିର୍ତ୍ତୋଲ କିମ୍ବା ଜଗତସିଂହପୁର ଆସନରୁ ପ୍ରାର୍ଥୀ ହେବେ, ସେଥିପାଇଁ ବିଭିନ୍ନ ଫନ୍ଦିଫିକର କରି ବାରମ୍ବାର ସେହି ଅଞ୍ଚଳ ଗସ୍ତ କରୁଥିବା ଜଣାପଡ଼ିଛି । ମାତ୍ର ୨୦ଦିନ ପୂର୍ବରୁ ଦେବାଶିଷଙ୍କୁ ନେଇ ତିର୍ତ୍ତୋଲରେ ଏକ କର୍ମୀ ସମ୍ମିଳନୀ ମଧ୍ୟ ଶ୍ରୀ ଜେନା କରିଥିଲେ । କେବଳ ପାଟକୁରା କିମ୍ବା ତିର୍ତ୍ତୋଲ ନୁହେଁ, ଜୟଦେବ ନିର୍ବାଚନମଣ୍ଡଳୀରେ ବିଜେଡି ସଂଗଠନର ପରିଚାଳନା ପାଇଁ ଦଳ ଏକ କମିଟି ଗଠନ କରିଥିଲେ ମଧ୍ୟ ଶ୍ରୀ ଜେନା ସେଠାରେ ଯୁବ ନେତା ସୋଲାଙ୍କ ମିଶ୍ରଙ୍କୁ ଆଗକୁ ଆଣିଛନ୍ତି, ଯିଏ କି ସେହି ଅଞ୍ଚଳର ପ୍ରଭାବଶାଳୀ ନେତା ଚନ୍ଦନ ପାତ୍ରଙ୍କ ଅତି ଘନିଷ୍ଠ ଭାବେ ପରିଚିତ । ବାଙ୍କି ନିର୍ବାଚନମଣ୍ଡଳୀରେ ନିଲମ୍ବିତ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ତାଙ୍କ ପିତା ପ୍ରଭାତ ତ୍ରିପାଠୀଙ୍କର ବେଶ୍ ଦବଦବା ରହିଛି । ଯଦିଓ ଦଳ ପକ୍ଷରୁ ବରିଷ୍ଠ ନେତା ଅରୁଣ ସାହୁଙ୍କୁ ବାଙ୍କି ଦାୟିତ୍ୱ ଦିଆଯାଇଛି, କିନ୍ତୁ ସେ ଦିନେ କାଳେ ସେଠାକୁ ଯାଇନାହାନ୍ତି ଓ ଶ୍ରୀ ଜେନା ହିଁ ଭୁବନେଶ୍ୱରରେ ବସି ସେହି ନିର୍ବାଚନମଣ୍ଡଳୀ ଦାୟିତ୍ୱ ବୁଝୁଥିବା ଜଣାପଡ଼ିଛି । ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ପ୍ରଭାତ ବିଶ୍ୱାଳ ଓ ଦେବାଶିଷ ସାମନ୍ତରାୟଙ୍କ ଦବଦବା ରହିଛି । ମେୟର ସୁବାସ ସିଂଙ୍କର ସେଠାରେ କୌଣସି ନିଜସ୍ୱ ସଂଗଠନ ନାହିଁ । ଏବେ ଦେବାଶିଷ ଓ ପ୍ରଭାତଙ୍କ ବିନା ସେଠାରେ ବିଜେଡି ଉଧେଇବା କଷ୍ଟକର ହେବ ବୋଲି କୁହାଯାଉଛି । ସେହିପରି ଚମ୍ପୁଆ, ବସ୍ତା ଓ ବାଲିଗୁଡ଼ାରେ ମଧ୍ୟ ବିଜେଡି ନେତୃତ୍ୱଶୂନ୍ୟ ହୋଇଛି । ବବି ଉଭୟ ବସ୍ତା ଓ ଚମ୍ପୁଆରେ ନିଜର ପତିଆରା ଜାହିର କରୁଥିବା ଜଣାପଡ଼ିଛି । ଏପଟେ ଦେବାଶିଷ ସାମନ୍ତରାୟ ବିଜେପିରେ ସାମିଲ ହେବା ପରେ ପ୍ରତାପ ଜେନାଙ୍କ ଭୂମିକା ଅଧିକ ସନ୍ଦେହଜନକ ହୋଇପଡ଼ିଛି । ଶ୍ରୀ ଜେନାଙ୍କ ଅଜାଣତରେ ଦେବାଶିଷ ବିଜେପିକୁ ଯିବା ସମ୍ଭବପର ନୁହେଁ ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର ଧରିଛି । ତା'ଛଡ଼ା ମାତ୍ର ୨୦ ଦିନ ପୂର୍ବରୁ ଦେବାଶିଷଙ୍କୁ ନେଇ ତିର୍ତ୍ତୋଲରେ ଏକ ଦଳୀୟ ସଭାର ଆୟୋଜନ ଶ୍ରୀ ଜେନା ହିଁ କରିଥିଲେ । ତେଣୁ ଶ୍ରୀ ଜେନାଙ୍କ ଏଭଳି କାର୍ଯ୍ୟକଳାପ ବିଜେଡିକୁ ସୁହାଇବ ନା ଭିତରେ ଭିତରେ ଦଳକୁ ଦୁର୍ବଳ କରାଉଛି ତାହା ଏବେ ବଡ ପ୍ରଶ୍ନବାଚୀ ପାଲଟିଛି ।




### ୩୯ଟି ଟୁର୍ଣ୍ଣାମେଣ୍ଟ ପାଇଁ ଚୁକ୍ତି

# ଜି ଟିଭିରେ ଫିଫା ବିଶ୍ୱକପ୍‌ର ସିଧା ପ୍ରସାରଣ




**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତରେ ଆଗାମୀ ବିଶ୍ୱକପ୍‌ର ସିଧା ପ୍ରସାରଣକୁ ନେଇ ଗତ କିଛି ମାସ ଧରି ଲାଗି ରହିଥିବା ଆଶଙ୍କାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଜି ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜ ଲିମିଟେଡ୍ ବା ଭାରତରେ ଲୋକପ୍ରିୟ ଜି ଟିଭି ବିଶ୍ୱକପର ସିଧା ପ୍ରସାରଣ ଅଧିକାର ହାସଲ କରିଛି। ଆଗାମୀ ୮ବର୍ଷ ପାଇଁ ଜି ଟିଭି ଓ ଫିଫା ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଫଳ ସ୍ୱରୂପ ଏହି ସମୟ ମଧ୍ୟରେ ଜି ଟିଭି ଭାରତ ବାସୀଙ୍କ ପାଇଁ ବିଶ୍ୱକପ୍ ସମେତ ମୋଟ୍ ୩୯ଟି ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ସିଧା ପ୍ରାସରଣ କରିବ। ଏଥି ମଧ୍ୟରେ ଆଗାମୀ ବିଶ୍ୱକପ୍ ସହ ୨୦୩୦ ସଂସ୍କରଣ, ୨୦୨୭ ମହିଳା ଫିଫା ବିଶ୍ୱକପ୍, ଫିଫା ୧୭ ବର୍ଷର କମ୍ ଓ ୨୦ ବର୍ଷରୁ କମ୍(ପୁରୁଷ ଓ ମହିଳା) ବିଶ୍ୱକପ ମଧ୍ୟ ରହିଛି। ଏହା ବ୍ୟତୀତ ଫିଫା ଫୁଟସାଲ୍ ବିଶ୍ୱକପ୍, ଫିଫା ଇଣ୍ଟରକଣ୍ଟିନେଣ୍ଟାଲ୍ କପ୍ ଓ ପୂର୍ବ ଟୁର୍ଣ୍ଣାମେଣ୍ଟଗୁଡ଼ିକୁ ନେଇ ପ୍ରସ୍ତୁତ ଫିଫା ଡକୁମେଣ୍ଟାରୀର ପ୍ରସାରଣ କରିବାକୁ ମଧ୍ୟ ଜି ଟିଭି ଚୁକ୍ତି କରିଛି। ସୂଚନାଯୋଗ୍ୟ, ଫିଫା ପ୍ରସାରଣ ଅଧିକାର ହାସଲ କରିବା ପୂର୍ବରୁ ଜି ଟିଭି ପକ୍ଷରୁ ୪ଟି ସ୍ପୋର୍ଟ୍ସ ଚ୍ୟାନେଲ (ୟୁନାଇଟ୮ ସ୍ପୋର୍ଟ୍ସ-୧, ୟୁନାଇଟ୮ ସ୍ପୋର୍ଟ୍ସ-୧ ଏଚଡି, ୟୁନାଇଟ୮ ସ୍ପୋର୍ଟ୍ସ-୨, ୟୁନାଇଟ୮ ସ୍ପୋର୍ଟ୍ସ-୨ ଏଚଡି) ଉନ୍ମୋଚନ କରିଥିଲା। ଏହି ସବୁ ଚ୍ୟାନେଲ ବ୍ୟତୀତ ଜି-ଫାଇଭ ଆପ୍ଲିକେସନରେ ମଧ୍ୟ ବିଶ୍ୱକପର ସିଧା ପ୍ରସାରଣ କରାଯିବ। ସୂଚନାଯୋଗ୍ୟ, ଭାରତରେ ବିଶ୍ୱକପର ପ୍ରସାରଣ ଅଧିକାର ବିକ୍ରି କରିବା ପାଇଁ ଫିଫା ପ୍ରଥମେ ୧୦୦ମିଲିୟନ ଡଲାର(୯୩୦.୯ କୋଟି ଟଙ୍କା) ମୂଲ୍ୟ ଧାର୍ଯ୍ୟ କରିଥିଲା। ମାତ୍ର ଭାରତୀୟ ପ୍ରସାରଣ କମ୍ପାନୀମାନେ ବିଡ୍ ଦାଖଲ କରି ନଥିଲେ। ବର୍ତ୍ତମାନ ଫିଫା ୬୫% ରିହାତି କରି ୩୫ ମିଲିୟନ ଡଲାର(୩୨୫.୮୨ କୋଟି ଟଙ୍କା)ରେ ସୀମିତ ରଖିଛି। ତଥାପି ପ୍ରସାରଣ ଅଧିକାର କିଣିବାକୁ କେହି ରାଜି ହୋଇ ନଥିଲେ। ବିଶ୍ୱକପା ପ୍ରସାରଣ ଅଧିକାର ପାଇଁ ଜିଓଷ୍ଟାର ୨୫ମିଲିୟନ ଡଲାର (୨୩୨.୭କୋଟି ଟଙ୍କା) ବିଡ୍ ଦାଖଲ କରିଥିଲା। ଯାହା ଫିଫାର ରିହାତି ମୂଲ୍ୟ ଠାରୁ ମଧ୍ୟ ୧୦ମିଲିୟନ ଡଲାର କମ୍ ରହିଥିଲା।

### ଫିଫା ବିଶ୍ୱକପ୍ ୨୦୨୬

# ଅଷ୍ଟ୍ରେଲିଆ ଦଳ ଘୋଷଣା

**ସିଡନୀ(ଏଜେନ୍ସି) :** ଫୁଟବଲ୍ ଅଷ୍ଟ୍ରେଲିଆ ସୋମବାର ଦିନ ୨୦୨୬ ଫିଫା ବିଶ୍ୱକପ୍ ପାଇଁ ନିଜର ଚୂଡ଼ାନ୍ତ ଦଳ ଘୋଷଣା କରିଛି। ଏହି ଦଳରେ ୧୭ ଜଣ ଏଭଳି ଖେଳାଳି ସାମିଲ ଅଛନ୍ତି, ଯେଉଁମାନେ ପ୍ରଥମ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଏଥିସହିତ




ଦଳରେ ଦୁଇଜଣ ଏଭଳି ଖେଳାଳିଙ୍କୁ ସ୍ଥାନ ମିଳିଛି, ଯେଉଁମାନେ ଏପର୍ଯ୍ୟନ୍ତ କୌଣସି ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। ଚୟନକର୍ତ୍ତାମାନେ ଇଟାଲୀରେ ରହୁଥିବା ଆଟାକିଂ ପ୍ଲେ-ମେକର୍ କ୍ରିଷ୍ଟିଆନ୍ ଭୋଲପାଟୋଙ୍କୁ ଦଳରେ ସାମିଲ କରିଛନ୍ତି। ଆନ୍ତର୍ଜାତୀୟ ସ୍ତରରେ ଇଟାଲୀ ବଦଳରେ ଅଷ୍ଟ୍ରେଲିଆ ପକ୍ଷରୁ ଖେଳିବାକୁ ଭୋଲପାଟୋ ନିଷ୍ପତ୍ତି ନେଇଛନ୍ତି ଏବଂ ସେ ବିଶ୍ୱକପ୍ରେ ନିଜର ପ୍ରଥମ ସିନିୟର ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ପ୍ରସ୍ତୁତ ଅଛନ୍ତି। ୨୨ ବର୍ଷୀୟ ଭୋଲପାଟୋଙ୍କ ଜନ୍ମ ଅଷ୍ଟ୍ରେଲିଆରେ ହୋଇଥିଲା, କିନ୍ତୁ ସେ ୟୁଥ୍ ଆନ୍ତର୍ଜାତୀୟ ସ୍ତରରେ ଇଟାଲୀ ପକ୍ଷରୁ ଖେଳିଥିଲେ। ଦଳରେ ତାଙ୍କ ସହ ଷ୍ଟ୍ରାଇକର ଟେଟେ ୟେଙ୍ଗୀ ମଧ୍ୟ ସାମିଲ ଅଛନ୍ତି, ଯିଏ ଏପର୍ଯ୍ୟନ୍ତ କୌଣସି ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି ଏବଂ ବର୍ତ୍ତମାନ ଜାପାନରେ କ୍ଲବ୍ ଫୁଟବଲ୍ ଖେଳୁଛନ୍ତି। ଏହି ବିଶ୍ୱକପ୍ରେ ଦଳର ଅଧିନାୟକତ୍ୱ ଗୋଲକିପର ମ୍ୟାଟ୍ ରୟାନ୍ ଏବଂ ୱିଙ୍ଗର ମ୍ୟାଥ୍ୟୁ ଲେକି କରିବେ। ଏହି ଦୁଇଜଣ ସକରୁଜ୍ (ଅଷ୍ଟ୍ରେଲିଆ ଦଳର ଡାକନାମ)ର ତୃତୀୟ ଏବଂ ଚତୁର୍ଥ ଖେଳାଳି ହେବେ, ଯେଉଁମାନେ ଚାରୋଟି ବିଶ୍ୱକପ୍ ଖେଳିବାର ଗୌରବ ହାସଲ କରିବେ। ମୁଖ୍ୟ କୋଚ୍ ଟୋନି ପୋପୋଭିକ୍ ଏକ ବିବୃତିରେ କହିଛନ୍ତି: 'ଏହି ଚୂଡ଼ାନ୍ତ ବିଶ୍ୱକପ୍ ଦଳ ଚୟନ କରିବା ସମୟରେ ଅନେକ ଦିଗ ପ୍ରତି ଧ୍ୟାନ ଦିଆଯାଇଛି। କିଛି କଠିନ ନିଷ୍ପତ୍ତି ମଧ୍ୟ ନେବାକୁ ପଡ଼ିଛି, ବଡ଼ ଟୁର୍ନାମେଣ୍ଟଗୁଡ଼ିକରେ ସାଧାରଣତଃ ଏଭଳି ହିଁ ହୋଇଥାଏ।'

# ଗୁଜରାଟ ଟାଇଟନ୍ସର ଖେଳାଳିଙ୍କୁ ନେଇ ଯାଉଥିବା ବସ୍‌ରୁ ଅଚାନକ ବାହାରିଲା ଧୂଆଁ

**ଅହମ୍ମଦାବାଦ (ଏଜେନ୍ସି) :** ରବିବାର ସତେ ଯେମିତି ଆଇପିଏଲ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟନ୍ସର ବେଳା ଭଲ ନଥିଲା। ପ୍ରଥମେ ଦଳ ଫାଇନାଲ ମ୍ୟାଚ୍‌ରେ ଟସ୍ ହାରିଥିଲା। ପରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନରେନ୍ଦ୍ର ମୋଦି ଷ୍ଟାଡିୟମରା ମାତ୍ର ୧୫୫ରନ କରିବାକୁ ସକ୍ଷମ ହେଲା। ଶେଷରେ ରୟାଲ ଚ୍ୟାଲେଞ୍ଜର୍ସ ଏକତରଫା ଭାବେ ଫାଇନାଲକୁ ମ୍ୟାଚ୍‌କୁ ଜିତି ନେଲା। ଏହି ଦୁଃଖରେ ଭାଙ୍ଗି ପଡ଼ିଥିବା ଖେଳାଳିଙ୍କ ସହ ଆଉ ଗୋଟିଏ ବଡ଼ ଅଘଟଣ ଘଟିଛି। ମ୍ୟାଚ୍ ପରେ ସେମାନଙ୍କୁ ନେଇ ଯାଉଥିବା ବସରୁ ହଠାତ୍ ବାହାରିଛି ଧୂଆଁ। ଅଧା ବାଟରେ ଏପରି ଘଟଣା ଘଟିବାରୁ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ତୁରନ୍ତ ସେଠାରୁ ବାହାର କରାଯାଇଥିଲା। ଶଟ ସର୍କିଟ ଯୋଗୁ ଗୁଜରାଟ ଖେଳାଳିଙ୍କୁ ନେଇ ଯାଉଥିବା ବସରେ ଏତେ ବଡ଼ ଘଟଣା ଘଟିଥିଲେ ହେଁ କାହାର କୌଣସି କ୍ଷତି ହୋଇନାହିଁ। ପିଟିଆଇର ରିପୋର୍ଟ ଅନୁସାରେ, ଆଇପିଏଲ ଫାଇନାଲରେ ଆରସିବି ଠାରୁ ୫ ୱିକେଟରେ ଗୁଜରାଟ ପରାସ୍ତ ହୋଇଥିଲା। ଏହାପରେ ନରେନ୍ଦ୍ର ମୋଦି ଷ୍ଟାଡିୟମରୁ ଗୁଜରାଟର ଖେଳାଳି ଓ ଅନ୍ୟ ସଦସ୍ୟମାନେ ସେମାନଙ୍କ ହୋଟେଲକୁ ଫେରିଥିଲେ। କିନ୍ତୁ ଅଧା ରାସ୍ତାରେ ପୂରା ବସ ଧୂଆଁମୟ ହୋଇ ଯାଇଥିଲା। ଏହାକୁ ଦେଖି ସମସ୍ତେ ଛାନିଆ ହୋଇ ଯାଇଥିଲେ। ଏପରି ସ୍ଥିତିରେ କାଳବିଳମ୍ବ ନ କରି ଖେଳାଳି ଓ ଅନ୍ୟମାନଙ୍କୁ ବସରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସର୍ଟ ଶର୍କିଟ ଜନିତ ଅଘଟଣରେ କୌଣସି ଖେଳାଳି ଓ ସପୋର୍ଟ ଷ୍ଟାଫ ଆହତ ହୋଇ ନାହାନ୍ତି। ତେବେ ବସ୍‌ରେ ଅଘଟଣ ଯୋଗୁ ସେମାନଙ୍କୁ



ରାସ୍ତାକଡ଼ରେ ବେଶ କିଛି ସମୟ ବିତାଇବାକୁ ପଡ଼ିଥିଲା। ଏହାପରେ ପ୍ରଶାସନ ପକ୍ଷରୁ ବିକଳ୍ପ ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଆଉ ସେହି ବସରେ ସମସ୍ତେ ହୋଟେଲ ଅଭିମୁଖେ ଯାତ୍ରା କରିଥିଲେ। ରାସ୍ତା କଡ଼ରେ ବସି ରହିଥିବାର ଫଟୋକୁ ଗୁଜରାଟର ଦ୍ରୁତ ବୋଲର ମହମ୍ମଦ ସିରାଜ ଇନଷ୍ଟାଗ୍ରାମରେ ପୋଷ୍ଟ ମଧ୍ୟ କରିଛନ୍ତି। ଗୁଜରାଟ ଟାଇଟନ୍ସର ଯାତ୍ରାକୁ ନେଇ ଏପରି ଚ୍ୟାଲେଞ୍ଜ ନୂଆ ନୁହେଁ। ମେ' ୨୭ରେ ଗୁଜରାଟ ଟିମ ଧର୍ମଶାଳାରୁ ମୁଲ୍ଲାନପୁରକୁ ଗସ୍ତ କରିଥିଲା। ସେଠାରେ ଦଳ ମେ' ୨୯ରେ ରାଜସ୍ଥାନ ବିପକ୍ଷରେ କ୍ୱାଲିଫାୟର ୨ ଖେଳିଥିଲା। ସେଠାରୁ ମେ' ୩୦ ସକାଳୁ ଦଳ ଅହମଦାବାଦକୁ ଯାତ୍ରା କରିବାର ଥିଲା। କିନ୍ତୁ ମୁଲ୍ଲାନପୁରରେ ଖରାପ ପାଣିପାଗ ଯୋଗୁ ଗୁଜରାଟ ଟିମ ଶନିବାର ସନ୍ଧ୍ୟାରେ ହିଁ ଅହମଦାବାଦରେ ପହଞ୍ଚି ପାରିଥିଲା।

# ବ୍ରହ୍ମପୁର ଜୋନ୍‌ରେ ଅନ୍ତଃ ଜିଲ୍ଲା ସି.ମ୍ କପ୍ ଫୁଟବଲ ଚାମ୍ପିୟନସିପ୍



**ବ୍ରହ୍ମପୁର(ଏନ୍.ଏମ୍.) :** ଅନ୍ତଃ ୧୪ବର୍ଷୀୟ ଉଭୟ ବାଳକ ଓ ବାଳିକା ବର୍ଗ ସି.ମ୍ ଟ୍ରଫି ଫୁଟବଲ ଚାମ୍ପିୟନସିପ୍‌ର ଦ୍ୱିତୀୟ ସଂସ୍କରଣ ବ୍ରହ୍ମପୁର ଜୋନରେ ଉଦଘାଟନ ହୋଇଯାଇଛି। ବ୍ରହ୍ମପୁର ଜୋନରେ ମୋଟ ୮ଗୋଟି ଜିଲ୍ଲା ଅଂଶ ଗ୍ରହଣ କରିଛନ୍ତି। ଯଥା-ନବରଙ୍ଗପୁର, ରାୟଗଡା, କୋରାପୁଟ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଏବଂ ମାଲକାନଗିରି। ଉଦଘାଟନ ଦିବସରେ ଚାରିଗୋଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ବାଳିକା ବର୍ଗରେ କୋରାପୁଟ ଓ ନବରଙ୍ଗପୁର ମଧ୍ୟରେ ଖେଳା ଯାଇଥିଲା, ନବରଙ୍ଗପୁର ବାଳିକା ଦଳ ୮-୦ଗୋଲରେ ବିଜୟୀ ହାସଲ କରିଥିଲେ। ବାଳିକା ବର୍ଗର ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଓ ମାଲକାନଗିରି ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା ଏବଂ ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲ କରିଥିଲେ ଏବଂ ବାଳକ ବର୍ଗରେ ପ୍ରଥମ ମ୍ୟାଚ କୋରାପୁଟ ଓ ନବରଙ୍ଗପୁର ମଧ୍ୟରେ ଖେଳା ଯାଇଥିଲା, ନବରଙ୍ଗପୁର ଦଳ ୩-୦ ଗୋଲ ରେ ବିଜୟ ହାସଲ କରିଥିଲେ ଓ ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଓ ମାଲକାନଗିରି ବାଳକ ବର୍ଗ ମଧ୍ୟରେ ଖେଳାଯାଇଥିଲା। ମାଲକାନଗିରି ଦଳ ୩-୦ ଗୋଲରେ ବିଜୟୀ ହାସଲ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ କେ. ଅନିଲ କୁମାର ଓ ଅତିଥି ଭାବେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ତଥା ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ବାଳିକା ମ୍ୟାଚ ପରିଚାଳନା କରିଥିଲେ ବନିତା ହେମରିକା, ଚାହାନ୍ତି ସରକା, ରେବତୀ ପେଡ଼ିଷିକା, ରୋହିଲା ଭତ୍ରା ଏବଂ ବାଳକ ବର୍ଗ ଖେଳ ପରିଚାଳନା କରିଥିଲେ ଗରିବ ବେହେରା, ସମୀର ପ୍ରଧାନ, ଖଗପତି ଖରା, ବିଚିତ୍ର ଜେନା ଏବଂ ମ୍ୟାଚ ରେଫ୍ରି ସୁଜିତ କୁମାର ପାତ୍ର, ମନୋଜ କୁମାର ନାୟକ ଖେଳ ପରିଚାଳନା କରିଥିଲେ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସଭାପତି ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

# ଫିନିକ୍ସ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ମୁନିଗୁଡ଼ା (ଏନ୍.ଏମ୍.) :** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଆଗୁଲ ପଞ୍ଚାୟତ ଅନ୍ତର୍ଗତ ନିଆଳି ଗ୍ରାମବାସୀଙ୍କ ଆୟୋଜନରେ ଫିନିକ୍ସ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ୨୫ରୁ ଆରମ୍ଭ ହୋଇ ୧ ଜୁନରେ ଉଦଯାପିତ ହୋଇ ଯାଇଛି। ବଛା ବଛା ଆଠଟି କ୍ରିକେଟ ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ଫାଇନାଲରେ ଚଳିତ ବର୍ଷର ଶ୍ରେଷ୍ଠ ଦୁଇ ପ୍ରତିଦ୍ୱନ୍ଦୀ ନିଆଳି କ୍ରିକେଟ ଆସୋସିଏଶନ ଓ ମେରିଂ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ଉଭୟ ପକ୍ଷ ସେମାନଙ୍କ ଶ୍ରେଷ୍ଠତ୍ୱ ଦେଖାଇବାରେ ପୂର୍ଣ୍ଣ ମାତ୍ରାରେ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ମେରୀଙ୍ଗ କ୍ରିକେଟ ଟିମ୍ ନିଆଳି କ୍ରିକେଟ ଟିମକୁ ହରାଇ ବିଜେତା ହୋଇଥିଲା। ରନର୍ସ ଅପରେ ନିଆଳି ସନ୍ତୁଷ୍ଟ ରହିବା ସହ ଖେଳୁଆଡ ମନୋଭାବ ପ୍ରଦର୍ଶନ କରି ସଭି ଦର୍ଶକ ମାନଙ୍କ ହୃଦୟ ଜିଣିଥିଲା। ପରେ ଏହି ଟୁର୍ଣ୍ଣାମେଣ୍ଟର ସଭାପତି ରାମଚନ୍ଦ୍ର ପିଦିକାକାଙ୍କ ସଭାପତିତ୍ୱ ଓ ସମ୍ପାଦକ ବିନର୍ଜୀ ପ୍ରସ୍କାଙ୍କ ସଂଯୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ଥାନୀୟ ଜନ ନେତା ମୀନକେତନ ଗୌଡ, ସୁବାସ ପ୍ରସ୍କା, ପୁରନ୍ଦର ପିଦିକାକା, ବନ ଗାଗେରଙ୍ଗା, ମହେନ୍ଦ୍ର ବାତ୍ରା, ଅଜିତ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଆୟୋଜକ ଫେନିକ୍ସ ଚାଲେଞ୍ଜ ଟୁର୍ଣ୍ଣାମେଣ୍ଟର ଗ୍ରାମାଞ୍ଚଳରେ କ୍ରିକେଟର ବିକାଶ ଏବଂ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହା ପରେ ଅତିଥି ମାନେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିମାନଙ୍କୁ ବ୍ୟକ୍ତିଗତ ଟ୍ରଫି ଏବଂ ବିଜେତା ଓ ଉପ ବିଜେତାଙ୍କୁ ଦଳୀୟ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ।



# ୫ ଟି-୨୦, ୫ ଦିନିକିଆ ଓ ୨ଟେଷ୍ଟ ଖେଳିବାକୁ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିବ ଭାରତ



**ମୁମ୍ବାଇ (ଏଜେନ୍ସି) :** ଭାରତୀୟ ସିନିୟର ପୁରୁଷ ଟିମ ପାଇଁ ଚଳିତ ବର୍ଷ ବେଶ ବ୍ୟସ୍ତବହୁଳ ରହିବ। କାରଣ ଏକାଧିକ ଘରୋଇ ସିରିଜ ସହ ଟିମ ଇଣ୍ଡିଆ ବିଦେଶ ଗସ୍ତ ମଧ୍ୟ କରିବ। ଏହିକ୍ରମରେ ଭାରତୀୟ ଟିମ ମଲ୍‌ଟି ଫର୍ମାଟ ସିରିଜ ଖେଳିବାକୁ ଆସନ୍ତା ଅକ୍ଟୋବରରୁ ଡିସେମ୍ବର ଯାଏ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିବ ବୋଲି ଆଜି ବିସିସିଆଇ ଘୋଷଣା କରିଛି। ନ୍ୟୁଜିଲ୍ୟାଣ୍ଡରେ ଭାରତୀୟ ଟିମ ୫ ଟି-୨୦, ୫ ଦିନିକିଆ ଓ ୨ଟିକିଆ ଟେଷ୍ଟ ସିରିଜ ଖେଳିବ। ନ୍ୟୁଜିଲ୍ୟାଣ୍ଡ ଇତିହାସରେ ପ୍ରଥମଥର ପାଇଁ କୌଣସି ଭ୍ରମଣକାରୀ ଟିମ ଏକାଥରେ ୧୨ଟି ମ୍ୟାଚ ଖେଳିବ। ୨ଟି ଟେଷ୍ଟ ଯଥାକ୍ରମେ ୱେଲିଙ୍ଗଟନର ସେଲୋ ବାସିନ ରିଜର୍ଭ ଓ କ୍ରାଇଷ୍ଟଚର୍ଚ୍ଚର ହ୍ୟାଗ୍ଲି ଓଭାଲରେ ଖେଳାଯିବ। ଭାରତୀୟ ଟିମ ଟି-୨୦ ଓ ଦିନିକିଆ ସିରିଜ ଖେଳିବା ପରେ ଟେଷ୍ଟ ମ୍ୟାଚ ଖେଳିବ। ସୀମିତ ଓଭର ସିରିଜ ଅକ୍ଟୋବର ୨୨ରୁ ଆରମ୍ଭ ହେବ। ଭାରତ ୨୦୧୯/୨୦ ପରଠାରୁ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିନାହିଁ। ହେଲେ ଏହି ସମୟସୀମା ମଧ୍ୟରେ ନ୍ୟୁଜିଲ୍ୟାଣ୍ଡ ୨ଟି ଭାରତ ଗସ୍ତରେ ଆସିଛି। ୨୦୨୪/୨୫ରେ ଭାରତ ଗସ୍ତରେ ଆସି କ୍ୱିଓ୍ୱି ଟିମ ୩-୦ରେ ଟେଷ୍ଟ ସିରିଜ ମଧ୍ୟ ଜିତିଥିଲା। ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ଭାରତ ୫ ଟିକିଆ ଦିନିକିଆ ସିରିଜ ଖେଳିବାକୁ ଥିବାରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ମଧ୍ୟ ଦେଖିବାକୁ ମିଳିପାରେ। ୨୦୨୭ରେ ଦିନିକିଆ ବିଶ୍ୱକପ ଥିବାରୁ ଏହା ଦଳର ପ୍ରସ୍ତୁତିରେ ବେଶ ସହାୟକ ହେବ। ଟି-୨୦ ସିରିଜ କଥା ବିଚାରକୁ ନେଲେ ବିଶ୍ୱକପ ପୂର୍ବରୁ ଦୁଇ ଦଳ ମୁହାଁମୁହିଁ ହୋଇଥିଲେ। ୫ଟି ଟି-୨୦ରୁ ଭାରତ ୪ଟି ଓ ନ୍ୟୁଜିଲ୍ୟାଣ୍ଡ ଗୋଟିଏରେ ଜିତି ପାରିଥିଲା।

# ମ୍ୟାଗ୍ନସ କାର୍ଲସେନଙ୍କୁ ଦୁଇଥର ପରାସ୍ତ କରିବା ପରେ ପ୍ରଜ୍ଞାନନ୍ଦ ଖୋଲିଲେ ରହସ୍ୟ

**ପ୍ୟାରିସ୍ (ଏଜେନ୍ସି):** ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ନରୱେ ଚେସ୍ ୨୦୨୬ରେ ଦୁନିଆର ନମ୍ବର-୧ ଖେଳାଳି ମ୍ୟାଗ୍ନସ କାର୍ଲସେନଙ୍କୁ କ୍ଲାସିକାଲ୍ ମୁକାବିଲାରେ ଦ୍ୱିତୀୟ ଥର ପାଇଁ ପରାସ୍ତ କରି ଟାଇଟଲ୍ ଦୌଡ଼କୁ ଅଧିକ ରୋମାଞ୍ଚକର କରିଦେଇଛନ୍ତି। ଏହି ବିଜୟ ସହ ୨୦ ବର୍ଷୀୟ ଭାରତୀୟ ଖେଳାଳି ୧୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ଆଗରେ ଆମେରିକାର ୱେସଲି ସୋ ୧୪ ପଏଣ୍ଟ ଏବଂ ଫ୍ରାନ୍ସର ଅଲିରେଜା ଫିରୁଜା ୧୩ ପଏଣ୍ଟ ସହ ରହିଛନ୍ତି। କାର୍ଲସେନଙ୍କ ବିପକ୍ଷରେ ପ୍ରଜ୍ଞାନନ୍ଦଙ୍କର ଏହା ତୃତୀୟ କ୍ଲାସିକାଲ୍ ବିଜୟ ମଧ୍ୟ ଥିଲା, ଯାହାକୁ ଶୀର୍ଷ ସ୍ତରର ଚେସ୍‌ରେ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଏ। କାର୍ଲସେନଙ୍କୁ ଦୁଇଥର ହରାଇବା ସତ୍ତ୍ୱେ ପ୍ରଜ୍ଞାନନ୍ଦ ସ୍ପଷ୍ଟ କରିଛନ୍ତି ଯେ ବିଶ୍ୱର ନମ୍ବର-୧ ଖେଳାଳିଙ୍କୁ ନେଇ ତାଙ୍କ ମନରେ କେବେ ବି ଭୟ ନଥିଲା। ସେ କହିଛନ୍ତି, 'ମୁଁ ଏହା କହିବି ନାହିଁ ଯେ ମୁଁ କେବେ ତାଙ୍କୁ ଦେଖି ଭୟଭୀତ ହୋଇଛି। ତାଙ୍କ ବିପକ୍ଷରେ ଖେଳିବା ସମୟରେ ମୁଁ ସର୍ବଦା ଅଧିକ ଉତ୍ସାହିତ ଅନୁଭବ କରେ। ଏହା ଦ୍ୱାରା ମୋର ସର୍ବଶ୍ରେଷ୍ଠ ଖେଳ ସାମ୍ନାକୁ ଆସିଥାଏ। ମୁଁ ଭାବୁନାହିଁ ଯେ ତାଙ୍କର ଉପସ୍ଥିତି ମୋ ଖେଳକୁ ପ୍ରଭାବିତ କରେ। ଆମେ ଅନେକ ସଂଘର୍ଷପୂର୍ଣ୍ଣ ମୁକାବିଲା ଖେଳିଛୁ ଏବଂ ମୋତେ ତାଙ୍କ ବିପକ୍ଷରେ ଖେଳିବା ସତରେ ବହୁତ ପସନ୍ଦ।' ଭାରତୀୟ ଗ୍ରାଣ୍ଡମାଷ୍ଟରଙ୍କ କହିବା ଅନୁଯାୟୀ, ଏହି ପର୍ଯ୍ୟାୟରେ ମିଳିଥିବା ବିଜୟ ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ କ୍ଲାସିକାଲ୍ ମୁକାବିଲାରେ ଜିତିଲେ ତିନି ପଏଣ୍ଟ ମିଳିଥାଏ। ସେ କହିଛନ୍ତି, 'ଯେକୌଣସି ଫର୍ମାଟ୍‌ରେ ତାଙ୍କୁ ହରାଇବା ଭଲ ଲାଗେ, କିନ୍ତୁ ଏହି ସମୟରେ ଟୁର୍ଣ୍ଣାମେଣ୍ଟରେ ବିଜୟ ହାସଲ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା, ବିଶେଷ କରି କ୍ଲାସିକାଲ୍ ମୁକାବିଲାରେ ଯେଉଁଠି ତିନି ପଏଣ୍ଟ ମିଳିଥାଏ।' ପ୍ରଜ୍ଞାନନ୍ଦ ସ୍ୱୀକାର କରିଛନ୍ତି ଯେ ଏହି ମୁକାବିଲାରେ ସେ ଅଧିକ ବିପଦ ଉଠାଇଥିଲେ କାରଣ ଟୁର୍ଣ୍ଣାମେଣ୍ଟର ସ୍ଥିତି ଏହା ଦାବି କରୁଥିଲା। ପରିସ୍ଥିତି ଏପରି ଥିଲା ଯେ ଲଢ଼ିବା ଜରୁରୀ ଥିଲା। ମ୍ୟାଗ୍ନସ ମଧ୍ୟ ଜିତିବା ପାଇଁ ସମ୍ପୂର୍ଣ୍ଣ ଚେଷ୍ଟା କରିଥାନ୍ତେ। ଆମେ ଦୁହେଁ ପରସ୍ପରକୁ ହରାଇବାକୁ ଚାହୁଁ, ତେଣୁ ଅନେକ ସମୟରେ ଏଭଳି ସ୍ଥିତି ସୃଷ୍ଟି ହୁଏ ଯେଉଁଠି ଶୂନ୍ୟରୁ ମଧ୍ୟ କିଛି ନା କିଛି ବାହାରି ଆସେ।' ମ୍ୟାଚ୍‌ର ଉତ୍ଥାନ-ପତନ ବିଷୟରେ ଆଲୋଚନା କରି ପ୍ରଜ୍ଞାନନ୍ଦ କହିଛନ୍ତି, 'ଏକ ସମୟରେ ମୁଁ ଖୁବ୍ ଆଶାବାଦୀ ଥିଲି, କିନ୍ତୁ ଶେଷ ଆଡ଼କୁ ମୋତେ ଲାଗିଲା ଯେ ମ୍ୟାଚ୍ ଡ୍ର ହୋଇପାରେ। ଦୀର୍ଘ ସମୟ ପର୍ଯ୍ୟନ୍ତ ରକ୍ଷଣାତ୍ମକ ଖେଳ ଖେଳିବା ଏବଂ ସମୟର ଚାପ ଯୋଗୁଁ ଏଭଳି ଭୁଲ୍ ହୋଇଯାଏ।'




### ଇଣ୍ଡୋନେସିଆ ଓପନ ସୁପର ୧୦୦୦

# ପ୍ରଥମ ମ୍ୟାଚ୍ ଜିତିବା ପରେ ପରବର୍ତ୍ତୀ ରାଉଣ୍ଡରେ ପି.ଭି ସିନ୍ଧୁ



**ଜାକାର୍ତ୍ତା (ଏଜେନ୍ସି) :** ବ୍ୟାଡମିଣ୍ଟନ ଜଗତରୁ ଭାରତ ପାଇଁ ଏକ ଭଲ ଖବର ସାମ୍ନାକୁ ଆସିଛି। ଭାରତୀୟ ତାରକା ସଟଲର ପି.ଭି ସିନ୍ଧୁ ଇଣ୍ଡୋନେସିଆ ଓପନର ପ୍ରଥମ ମୁକାବିଲାରେ ଏକ କଠିନ ଆହ୍ୱାନର ସାମ୍ନା କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅକ୍ଟୋବର ୨୦୨୩ ପରେ ପ୍ରଥମ ଥର ପାଇଁ ବିଶ୍ୱର ଶୀର୍ଷ ୧୦ ମାନ୍ୟତାକୁ ପ୍ରତ୍ୟାବର୍ତ୍ତନ କରିଥିବା ସିନ୍ଧୁ, ଜାକର୍ତ୍ତାରେ ଖେଳାଯାଉଥିବା ଏହି ବିଡବ୍ଲ୍ୟୁଏଫ୍ ସୁପର ୧୦୦୦ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ଥାଇଲ୍ୟାଣ୍ଡର ବୁସାନନ ଓଙ୍ଗବାମରୁଙ୍ଗଫାନଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପଟେ, ପୁରୁଷ ସିଙ୍ଗଲ୍ସରେ ଭାରତକୁ ନିରାଶା ହାତ ଲାଗିଛି। ପ୍ରଥମ ରାଉଣ୍ଡ ମୁକାବିଲାରେ ପରାଜୟର ସାମ୍ନା କରି ଷ୍ଟାର୍ ଖେଳାଳି ଲକ୍ଷ୍ୟ ସେନ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯାଇଛନ୍ତି। ଆଜି ପୁରୁଷ ସିଙ୍ଗଲ୍ସରେ ଏଚ୍.ଏସ୍ ପ୍ରଣୟ ଆୟରଲ୍ୟାଣ୍ଡର ନ୍‌ହାଟ୍ ନ୍‌ଗୁୟେନଙ୍କୁ ଭେଟିବାକୁ ଥିବାବେଳେ, ଆୟୁଷ ଶେଟ୍ଟୀ ଚୀନର ୱେଙ୍ଗ ହୋଙ୍ଗୟାଙ୍ଗଙ୍କ ସହ ମୁକାବିଲା କରିବେ। ପୁରୁଷ ଯୁଗଳରେ ଭାରତର ଷ୍ଟାର୍ ଯୋଡ଼ି ସାତ୍ୱିକସାଇରାଜ ରଙ୍କିରେଡ୍ଡୀ ଏବଂ ଚିରାଗ ଶେଟ୍ଟୀ ମାଲେସିଆର ଖାଇ ସିଙ୍ଗ୍ କାଙ୍ଗ୍ ଏବଂ ଆରୋନ ଚାଇଙ୍କ ବିପକ୍ଷରେ ଖେଳି ନିଜର ଅଭିଯାନ ଆରମ୍ଭ କରିବେ। ଏଥିସହିତ ମିଶ୍ରିତ ଯୁଗଳରେ ରୋହନ କପୁର ଏବଂ ରୁତଭିକା ଶିବାନୀ ଗାଡ୍ଡେଙ୍କ ଯୋଡ଼ି ତାଇୱାନର ହୁ ଲିଙ୍ଗ-ଫାଙ୍ଗ ଏବଂ ୟାଙ୍ଗ ପୋ-ହୁଆନଙ୍କ ସାମ୍ନା କରିବେ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ